
ଶେଷ ଦିନରେ ଭାବୁକ ହେଲେ ସିଜେଆଇ
ପୃଷ୍ଠା ୫

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 225 | ଭାଗ ୩୨ | ସଂଖ୍ୟା୨୨୫ | Bhubaneswar | Saturday 9 November 2024 | Page 8 Rs. 4.00 | ଭୁବନେଶ୍ୱର | ଶନିବାର ୯ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଟାର୍ଗେଟ୍ ୨୦୨୯
### ରୋଡମ୍ୟାପ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** ରାଜ୍ୟରେ ପ୍ରାୟ ୧ କୋଟି ବିଦ୍ୟୁତ ଉପଭୋକ୍ତା ଅଛନ୍ତି। ସେମାନଙ୍କ ପାଇଁ ନିରବଚ୍ଛିନ୍ନ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଅପରିହାର୍ଯ୍ୟ। ଦ୍ରୁତ ଶିଳ୍ପାୟନ, ଆର୍ଥିକ ଅଭିବୃଦ୍ଧି ଯୋଗୁଁ ରାଜ୍ୟରେ ବିଦ୍ୟୁତ ଚାହିଦା ଦ୍ରୁତ ଗତିରେ ବଢୁଛି। ୨୦୨୯-୩୦ ବେଳକୁ ବିଦ୍ୟୁତ ଚାହିଦାକୁ ଆଖି ଆଗରେ ରଖି ବିଦ୍ୟୁତ ଉତ୍ପାଦନ, ସରବରାହ ଏବଂ ବିତରଣ ବ୍ୟବସ୍ଥାର ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

**୨୦୨୯-୩୦ରେ ପିକ୍ ବିଦ୍ୟୁତ୍ ଚାହିଦା ୧୦ ହଜାର ଟପିବ**

ଲୋକସେବା ଭବନରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବିଦ୍ୟୁତ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ଶକ୍ତି ବିଭାଗ ଉପରେ ନ୍ୟସ୍ତ ଥିବା ଶକ୍ତି ଉତ୍ପାଦନ, ବିଦ୍ୟୁତ୍ ସରବରାହ ଓ ବଣ୍ଟନ ବ୍ୟବସ୍ଥା ଉପରେ ବିଷଦ ଆଲୋଚନା ହୋଇଥିଲା। ଜଣାଯାଇଛି, ୨୦୨୯-୩୦ ବେଳକୁ ରାଜ୍ୟରେ ପିକ୍ ଡିମାଣ୍ଡ ପ୍ରାୟ ୧୦ ହଜାର ମେଗାୱାଟ୍ ରହିବ। ଏହି ଚାହିଦା ➪ପୃଷ୍ଠା-୬

# କାନ୍ଦୁଛି ଡଙ୍କାରୀ: ହସୁଛନ୍ତି ଜିତୁ ଓ ଲିକୁ

**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେଡି ସରକାର ଯାଇ ବିଜେପି ସରକାର ଆସିଛି। ରାଜନୀତିରେ ପରିବର୍ତ୍ତନ ସତ୍ତ୍ୱେ ଯାଜପୁର ଜିଲ୍ଲାର ଚର୍ଚ୍ଚିତ ଡଙ୍କାରୀ ପାହାଡ଼ ଏବେ ବି କାନ୍ଦୁଛି। ନେତାଙ୍କ ପାଇଁ ସୁନା ଅଣ୍ଡା ଦିଆ କୁକୁଡ଼ା ପାଲଟିଥିବା ଏହି ପଥର

- ବେଆଇନ୍ ତାଡୁଛନ୍ତି ବିଧାୟକଙ୍କ ପାଖଲୋକ
- ଆଖିବୁଜି ଦେଇଛନ୍ତି ଖଣି ବିଭାଗ ଓ ଥାନା ବାବୁ
- ସବୁ ଜାଣି ଚୁପ୍ ରହିଛନ୍ତି ପୂର୍ବତନ ବିଧାୟକ

ଖଣିକୁ ପୂର୍ବତନ ବିଧାୟକ ଜିତୁଙ୍କ ସମୟରେ ଯେଭଳି ବେଆଇନ୍ ଲୁଟ୍ ହେଉଥିଲା ବର୍ତ୍ତମାନର ବିଧାୟକ ଲିକୁଙ୍କ ସମୟରେ ବି ସେମିତି ଲୁଟ୍ ଚାଲିଛି । ଉଭୟ ନେତା ଡଙ୍କାରୀରୁ ଉପୁରି ପାଇ ହସୁଥିବାବେଳେ ଡଙ୍କାରୀ କିନ୍ତୁ ପୂର୍ବଭଳି କାନ୍ଦୁଛି ।

ଡଙ୍କାରୀର ଏହି କାନ୍ଦ ଏବେ ଦେଖିବାକୁ ମିଳିଛି ବିଏସ୍‌କ୍ୟୁ-୬ ଖାଦାନରେ। ଏହି ଖାଦାନ ନିଲାମ ସମୟରେ ସର୍ବୋଚ୍ଚ ଦର ଦେଇ ଟେଣ୍ଡର ହାସଲ କରିଥିଲେ ରଙ୍ଗାଧର ପ୍ରଧାନ । ଶ୍ରୀ ପ୍ରଧାନ ୨୦୨୦-୨୧ ମସିହାରେ ଏହାକୁ ହାତେଇ ଥିବାବେଳେ ପରବର୍ତ୍ତୀ ସମୟରେ ମାମଲା ହାଇକୋର୍ଟକୁ ଯାଇଥିଲା । ଅଦାଲତ ଏହି ଖଣି ଖୋଳା ଉପରେ ରୋକ୍ ଲଗାଇବା ଫଳରେ ଏହା ପଡି ରହିଥିଲା । ଏଥିରୁ ଗାଣ୍ଡୁଆଏ ପଥର ଖୋଳିବା ବେଆଇନ୍। ହେଲେ ଏବେ ଟିକିଆ ବଳ ନାମକ ଯୁବକ ଏଠାରେ ପୂରା ବଳା ଖଟାଇ ଅଦାଲତ ରୋକ ଲଗାଇଥିବା ଖଣିକୁ ଖୋଳିବାରେ ଲାଗିଛନ୍ତି । ପ୍ରତିଦିନ ଟ୍ରକ ଟ୍ରକ କଳା ପଥରକୁ ବୋହି ନେଉଛନ୍ତି। ପାଖପାଖି ୨ଲକ୍ଷ ଟନ୍ ପଥର ଚାଲାଣ ହୋଇଗଲାଣି। ତିନି ମାସ ହେଲା କୋଟି କୋଟି ଟଙ୍କାର ପଥର ଏଠାରୁ ଲୁଟ୍ ହୋଇଗଲାଣି।

ହାଇକୋର୍ଟଙ୍କ ରୋକ୍ ସତ୍ତ୍ୱେ ଏଭଳି ଖଣି ଖୋଳାକୁ ସ୍ଥାନୀୟ ଲୋକଙ୍କ ସହିତ ଆଖପାଖର ଖଣି ଲିଜଧାରୀମାନେ ବିରୋଧ କରୁଛନ୍ତି । ସେମାନେ ଏ ସଂକ୍ରାନ୍ତରେ ଲିଖିତ ଭାବେ ସ୍ଥାନୀୟ ଖଣି ଉପନିର୍ଦ୍ଦେଶକଙ୍କୁ






ଜଣାଇଛନ୍ତି । ଜେନାପୁର ପୁଲିସ୍ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ସମସ୍ତେ ମୂକ ଦର୍ଶକ ସାଜିଥିବା କୁହାଯାଉଛି ।

ତେବେ ଆଲୋଚନା ଅନୁଯାୟୀ ଏଭଳି ମୂକ ଦର୍ଶକ ପଛରେ ରହିଛି ସ୍ଥାନୀୟ ବିଧାୟକ ଲିକୁ ସାହୁଙ୍କ ସହିତ ଖଣି ଖୋଳୁଥିବା ଟିକିଆ ବଳର ସମ୍ପର୍କ। ବିଧାୟକ ନିରବ ରହୁଥିବାରୁ ଲୋକଙ୍କ ସନ୍ଦେହ ବି ବଢ଼ିବାରେ ଲାଗିଛି। ଫଳରେ ଟିକିଆର ବଳ ବଳଶାଳୀ ପାଲଟିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି । ଲୋକେ କହୁଛନ୍ତି ସେତେବେଳେ ଜିତୁଙ୍କ ସମର୍ଥକମାନେ ଯେଭଳି ବେଆଇନ୍ ଭାବେ ଖୋଳୁଥିଲେ ଏବେ ଲିକୁଙ୍କ ସମର୍ଥକମାନେ ସେହିଭଳି ମାତିଛନ୍ତି । ଖଣି ଲୁଟ୍ କି ଡଙ୍କାରୀର କାନ୍ଦ, କିଛି ବି ପରିବର୍ତ୍ତନ ହୋଇନାହିଁ ।

ସେହିଭଳି ରାହାଡପୁର, ବିଛାଖଣ୍ଡି ଓ ବାଜବାଟୀ ଭଳି ୧୫ଟି ସଇରାତରେ ବି ବେଆଇନ୍ ଖୋଳା ଚାଲିଛି । ଚୁକ୍ତି ଅନୁଯାୟୀ ଲିଜ୍‌ଧାରୀମାନେ ଏହିସବୁ ଖଣି ପାଇଁ ଖଣି ପରିଚାଳକ ବା ମାଇନିଂ ମ୍ୟାନେଜର ନିଯୁକ୍ତ କରିବେ । ଯଦି ନିଯୁକ୍ତ ନକରିବେ ତେବେ ଖଣି ଖୋଳିପାରିବେ ନାହିଁ । ଖଣି ଉପନିର୍ଦ୍ଦେଶକ ଚିଠି ଲେଖି ଏଭଳି ନିଯୁକ୍ତି ପାଇଁ ୨ମାସ ସମୟ ଦେଇଥିଲେ ଯାହା ଚଳିତମାସ ୧ତାରିଖରେ ପୂରି ଯାଇଛି । ହେଲେ ଅଧିକାଂଶ ମାଇନିଂ ମ୍ୟାନେଜର ନିଯୁକ୍ତ କରିନାହାନ୍ତି । ନିୟମ ଅନୁଯାୟୀ ସେମାନଙ୍କ ଖଣି ଖୋଳା ସମ୍ପୂର୍ଣ୍ଣ ବେଆଇନ୍ ହୋଇଥିବାବେଳେ ଖଣି ଉପନିର୍ଦ୍ଦେଶକ ଓ ପୁଲିସ୍ କେହି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

# ମିଶନ ଝାଡ଼ଖଣ୍ଡରେ ଧର୍ମେନ୍ଦ୍ର ସାମିଲ

- ପଦ୍ମରେ ଭୋଟ୍ ଦେବା ପାଇଁ କଲେ ଅପିଲ୍
- ରାଜ୍ୟ ନୁହେଁ, ନିଜର ବିକାଶ ଚାହୁଁଛନ୍ତି ସୋରେନ
- ଝାଡ଼ଖଣ୍ଡରେ ରୁଟି, ବେଟି ଓ ମାଟି ଉପରେ ଘୋର ସଙ୍କଟ ଦେଖାଦେଇଛି
- ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଲେ

**ଚାଇଁବାସା/ଭୁବନେଶ୍ୱର, ୮।୧୧(ସଂଚାର ବ୍ୟୁରୋ):** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ରାଜ୍ୟର ବିକାଶ କରିବା ପରିବର୍ତ୍ତେ ବ୍ୟକ୍ତିଗତ ବିକାଶକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ଝାଡ଼ଖଣ୍ଡରେ ରୁଟି, ବେଟି ଓ ମାଟି ଉପରେ ଘୋର ସଙ୍କଟ



ଦେଖାଦେଇଛି ବୋଲି ଶୁକ୍ରବାର ଝାଡଖଣ୍ଡରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଚକ୍ରଧରପୁର ଓ ଚାଇଁବାସା ସମେତ ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କରିବା ସହ ଆୟୋଜିତ ରାଜନୈତିକ ସଭାକୁ ସମ୍ବୋଧନ କରିଛନ୍ତି ଶ୍ରୀ ପ୍ରଧାନ।

ସେ କହିଛନ୍ତି ଯେ ଝାଡଖଣ୍ଡ ହେଉଛି ଶୌର୍ଯ୍ୟ, ସମୃଦ୍ଧ ସଂସ୍କୃତି, ତ୍ୟାଗ, ଓ ବଳିଦାନର ମାଟି। ଏହି ରାଜ୍ୟର କୋଣ ଅନୁକୋଣରେ ସାହସିକତା, ବୀରତ୍ୱ, ତ୍ୟାଗ ଓ ତ୍ୟାଗର ଅନେକ କାହାଣୀ ରହିଛି। କ୍ରଧରପୁରର ୧୮୫୭ର ସିପାହୀ ବିଦ୍ରୋହର ଅନ୍ୟତମ ନାୟକ ଶହୀଦ ଜଗୁ ଦିୱାନଙ୍କ ସମେତ ଅନେକ ମହାପୁରୁଷ ଏଠାରେ ଜନ୍ମଗ୍ରହଣ କରିଛନ୍ତି। ସେମାନଙ୍କ ତ୍ୟାଗ ଓ ବଳିଦାନ ପାଇଁ ଆମ ଦେଶ ସ୍ୱତନ୍ତ୍ରତା ପାଇଛି।

ପଦ୍ମ ଫୁଲରେ ଭୋଟ୍ ଦେବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରି କହିଛନ୍ତି, ବିଜେପି ହେଉଛି ➪ପୃଷ୍ଠା-୬

**ମୋହନଙ୍କୁ ଭେଟିଲେ ତଥାଗତ**

# ଢେଙ୍କାନାଳ ରାଜନୀତି ହଲଚଲ

**ଭୁବନେଶ୍ୱର, ୮।୧୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ଭେଟିଛନ୍ତି ପୂର୍ବତନ ସାଂସଦ ତଥାଗତ ଶତପଥୀ। ରାଜ୍ୟ ରାଜନୀତିର ଜଣେ ବିଚକ୍ଷଣ ଓ ବିଜ୍ଞ ନେତା ତଥାଗତ ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ବିଭିନ୍ନ ରାଜନୈତିକ ଓ ପ୍ରଶାସନିକ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡିଛି।



ଯଦିଓ ଏହି ଭେଟଘାଟ ସମ୍ପର୍କରେ ନା ମୁଖ୍ୟମନ୍ତ୍ରୀ ନା ତଥାଗତ କେହି ବି ମୁହଁ ଖୋଲିନାହାଁନ୍ତି, ଉପକୂଳ ଓଡିଶାର ଏହି ବରିଷ୍ଠ ନେତା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ନିଶ୍ଚିତ ଭାବେ ଆଲୋଚନାର ଖୋରାକ ଯୋଗାଇଛି। ତଥାଗତ ଶପତଥୀ, ଯେତିକି ବିଜ୍ଞ, ରାଜନୀତିରେ ସେତିକି ବିଚକ୍ଷଣ। ଯେକୌଣସି ଜାତୀୟ କିମ୍ବା ରାଜ୍ୟସ୍ତରୀୟ ପ୍ରସଙ୍ଗରେ ସେ ଅତ୍ୟନ୍ତ ବୌଦ୍ଧିକ ଆଲୋଚନା କରିପାରନ୍ତି। ସବୁଠୁ ବଡ କଥା ହେଉଛି ରାଜନୈତିକ କ୍ୟାରିୟର ଆରମ୍ଭରୁ ତଥାଗତ ବିଜେପି ବିରୋଧୀ। ୧୯୯୮ରେ ସେ ପ୍ରଥମ ଥର ପାଇଁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୧୯୯୯ରେ ହାରିଯାଇଥିଲେ ବି ୨୦୦୪ରୁ ୨୦୧୪ ନିର୍ବାଚନ ପର୍ଯ୍ୟନ୍ତ ସେ କ୍ରମାଗତ ଭାବେ ତିନି ଥର ନିର୍ବାଚିତ ହୋଇଥିଲେ।

ଆରମ୍ଭରୁ ବିଜେପି ବିରୋଧୀ ରାଜନୀତିର ଆଗଧାଡିର ଏହି ନେତା ୨୦୧୯ ନିର୍ବାଚନ ସମୟରେ ରାଜନୀତିରୁ ସନ୍ୟାସ ନେଇଛନ୍ତି ବୋଲି କହୁଛନ୍ତି। କାରଣ ୨୦୧୯ରେ ବିଜେଡି ଢେଙ୍କାନାଳରୁ ତାଙ୍କୁ ପ୍ରାର୍ଥୀ ନକରି ମହେଶ ସାହୁଙ୍କୁ ପ୍ରାର୍ଥୀ କରିଥିଲା। ସେବେଠାରୁ ବିଜେଡିର ତଥାକଥିତ ମଙ୍ଗୁଆଳଙ୍କ ସହ ତାଙ୍କ ମଧୁର ସମ୍ପର୍କ ତିକ୍ତ ହୋଇଥିଲା। ସେ କିନ୍ତୁ ଖୋଲାଖୋଲି କେବେ ବି ନବୀନ ପଟ୍ଟନାୟକ କି ଅନ୍ୟ ନେତାଙ୍କ ବିରୋଧରେ କହି କହିନାହାଁନ୍ତି। ୨୦୨୪ରେ ମଧ୍ୟ ➪ପୃଷ୍ଠା-୬

## ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର ମାମଲାର ପର୍ଦ୍ଦାଫାସ୍

**ନୂଆଦିଲ୍ଲୀ,୮।୧୧(ଏଜେନ୍ସି):** ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାର ୨୧ ଦିନ ପରେ ପର୍ଦ୍ଦାଫାସ କଲା ସ୍ଥାନୀୟ ପୋଲିସ। ଏଭଳି ଏକ କୌଣସି ସୁରାକ୍ ନଥିବା ମାମଲାର ଖିଅ ଖୋଜିବାକୁ ୭ଶହ ସିସିଟିଭି ଫୁଟେଜ୍ ଯାଞ୍ଚ, ୧୫୦ରୁ ଅଧିକ ସନ୍ଦିଗ୍ଧ ଅଟୋ ରିକ୍ସାକୁ ଛାନଭିନ୍ କରାଯାଇଥିଲା। ପୀଡ଼ିତା କିଛି କହୁ ନ ଥିବାରୁ ଛଦ୍ମବେଶରେ ତାଙ୍କଠୁ ତଥ୍ୟ ଆଦାୟ କରିଥିଲେ ଅଣ୍ଡରକଭର ପୋଲିସ ଏବଂ ଓଡ଼ିଆ ଟ୍ରାନ୍ସଲେଟର।

ଓଡ଼ିଆ ଯୁବତୀ ଜଣକ ଅକ୍ଟୋବର ୧୧ରେ ସରାଇକେଲା ଖାନ୍ ଅଞ୍ଚଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିଲେ। ଦିଲ୍ଲୀ ଏମ୍ସ ଟ୍ରମା ସେଣ୍ଟରରେ ସେ ବାକ୍‌ଶୂନ୍ୟ ଅବସ୍ଥାରେ ପଡ଼ିରହିଥିଲେ। ପୋଲିସକୁ ଦେଖିଲେ ବିଚଳିତ ହୋଇଉଠୁଥିବା ଏହି ଯୁବତୀ ତାଙ୍କ ସହ କେଉଁଠି କଣ ଘଟିଥିଲା, କିଛି କହିପାରୁ ନ ଥିଲେ। ଲେଡି କନଷ୍ଟେବଲ ସଂଗୀତା ତାଙ୍କ ପାଖକୁ ଜଣେ ସମାଜସେବୀ ପରିଚୟ ନେଇ ଯାଇଥିଲେ ଏବଂ ତାଙ୍କ ସହିତ ଓଡ଼ିଆ ଟ୍ରାନ୍ସଲେଟର ନର୍ସ ବେଶରେ ➪ପୃଷ୍ଠା-୬

## ମହିଳା ଆଇଏଏସ୍‌ଙ୍କୁ ୧.୯ କୋଟି ଠକେଇ

**ନୂଆଦିଲ୍ଲୀ,୮।୧୧(ଏଜେନ୍ସି):** ଅଧିକ ଲାଭର ଲୋଭ ଦେଖାଇ ଦିଲ୍ଲୀର ଜଣେ ବରିଷ୍ଠ ମହିଳା ଆଇଏଏସ୍‌ଙ୍କୁ ୧.୯କୋଟି ଟଙ୍କା ଠକି ନେଇଛି ଦୁର୍ବୃତ୍ତ। ଅଭିଯୋଗ ପାଇବା ପରେ ଦିଲ୍ଲୀ ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗତବର୍ଷ ଜଣେ ସଂପର୍କୀୟଙ୍କ ଜରିଆରେ ଗୁରୁଗାଓଁରେ ସେ ଉକ୍ତ ଠକ ସହିତ ପରିଚିତ ହୋଇଥିଲେ। ସେ ବ୍ୟବସାୟରେ ଅର୍ଥ ବିନିଯୋଗ କରି ଅଧିକ ଲାଭ ପାଇବାର ଲୋଭ ଦେଖାଇ ପ୍ରଭାବିତ କରିଥିଲା। ଫଳରେ ପିଲାଙ୍କ ନାମରେ ଜମା ଥିବା ଅର୍ଥ ଏବଂ ସଂଚୟ କରିଟିବା ସମସ୍ତ ଅର୍ଥ ଗତ ବର୍ଷ ସେପ୍ଟେମ୍ବରରୁ ଡିସେମ୍ବର ମଧ୍ୟରେ ସଂପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଉକ୍ତ ଅର୍ଥ ଅଗଷ୍ଟ ପୂର୍ବରୁ ଲାଭ ସହିତ ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ନିର୍ଦ୍ଧାରିତ ସମୟରେ ଟଙ୍କା ଫେରାଇ ନ ଥିଲା। ମହିଳା ଅଫିସର ତାଙ୍କୁ ଟଙ୍କା ଫେରାଇବା ଲାଗି କହିଥିଲେ। ସେ କିନ୍ତୁ ବିଭିନ୍ନ ଆଳରେ ସମୟ ଗଡ଼ାଇ ଚାଲିଥିଲା। ବାରମ୍ବାର ତାଗିଦ କରିବା ପରେ ମାର୍ଚ୍ଚରେ ମାତ୍ର ୨୫ ଲକ୍ଷ ଟଙ୍କା ଫେରାଇ ଅବଶିଷ୍ଟ ଅର୍ଥ ଫେରାଇବ ବୋଲି କହିଥିଲା। ତା' ହାବଭାବରୁ ଠକିଯାଇଥିବା ଜାଣିବା ପରେ ମହିଳା ଅଫିସର ଦିଲ୍ଲୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

## ୨୦୩୬ ସୁଦ୍ଧା ଓଡ଼ିଶା ମହିଳା ବିରୋଧୀ ଅପରାଧମୁକ୍ତ ରାଜ୍ୟ

**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** କଟକରେ ବ୍ଲାକମେଲ କରି ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରିବା ଘଟଣାରେ ପୁରୁଷ ବନ୍ଧୁଙ୍କ ସମେତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯିବା ପରେ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ। ମହିଳା ବିରୋଧୀ ଅପରାଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଏଥିସହିତ ମନ୍ତ୍ରୀ ଆହୁରି କହିଛନ୍ତି, ମହିଳା ବିରୋଧୀ ଅପରାଧରେ ବିଜେପି ସରକାର ଜିରୋ ଟଲରାନ୍ସ ଗ୍ରହଣ କରିଛନ୍ତି । କଟକ ଘଟଣାରେ କାର୍ଯ୍ୟାନୁଷ୍ଠାନ, ମହିଳା ହିଂସା କ୍ଷେତ୍ରରେ ସରକାରଙ୍କ ଜିରୋ




ଟଲରାନ୍ସ ନୀତି ସ୍ପଷ୍ଟ କରିଛି । ମହିଳାଙ୍କ ପ୍ରତି ହିଂସାକୁ କଠୋର ଭାବେ ଦମନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ସେ ଘରୋଇ ହିଂସା ହେଉକି ନିର୍ଯାତନା, କି ଦୁଷ୍କର୍ମ, ସବୁଥିରେ ଆମ ସରକାର ଶୂନ୍ୟ ସହନଶୀଳତା ଦେଖାଇବ। ଆମେ ପ୍ରତିଶ୍ରୁତି ଦେଉଛୁ ୨୦୩୬ ସୁଦ୍ଧା ଓଡିଶା ଦେଶରେ ଏକ ମହିଳା ବିରୋଧୀ ➪ପୃଷ୍ଠା-୬

## ଶିଳ୍ପାୟନକୁ ଆଉ ପାଦେ | ୧୫ ପ୍ରକଳ୍ପକୁ ଅନୁମୋଦନ

### ୩,୩୫୩ କୋଟିର ପୁଞ୍ଜିନିବେଶ; ୪,୬୩୭ ନିଯୁକ୍ତି ସୁଯୋଗ




**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ୩୩୫୩.୧୫ କୋଟି ଟଙ୍କାର ମିଳିତ ନିବେଶରେ ୧୫ ପ୍ରମୁଖ ପ୍ରକଳ୍ପକୁ ଅନୁମୋଦନ କରି ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ରାଜ୍ୟରେ ନିଯୁକ୍ତି ବୃଦ୍ଧି ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ୧୩୨ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସଡବ୍ଲ୍ୟୁସିଏ) ବୈଠକରେ ଏହି ଅନୁମୋଦନ ମିଳିଛି। ଫଳରେ ୪୬୩୭ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଓ ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି, ଇସ୍ପାତ ଡାଉନଷ୍ଟ୍ରିମ୍, ଆଲୁମିନିୟମ୍ ଡାଉନଷ୍ଟ୍ରିମ୍, ଖାଦ୍ୟ ପ୍ରକ୍ରିୟାକରଣ, ମାନୁଫାକ୍‌ଚରିଂ, ଟେକ୍ସଟାଇଲ୍ ଏବଂ ଆପେରେଲ୍, ପର୍ଯ୍ୟଟନ, ଫାର୍ମାସ୍ୟୁଟିକାଲ୍ସ ଏବଂ ସିମେଣ୍ଟକ୍ଷେତ୍ରରେ ପୁଞ୍ଜିନିବେଶ କରି ଓଡ଼ିଶା ଶିଳ୍ପ ଅଭିବୃଦ୍ଧିପାଇଁ ଏକ ପ୍ରମୁଖ ଲକ୍ଷ୍ୟସ୍ଥଳ ଭାବେ ନିଜକୁ ପ୍ରତିଷ୍ଠିତ କରୁଛି। ଏହି ସମସ୍ତ ପ୍ରକଳ୍ପ କୋରାପୁଟ, ଖୋର୍ଦ୍ଧା, ବରଗଡ଼, ପୁରୀ, କଟକ ଓ ଝାରସୁଗୁଡ଼ା ସମେତ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକାରୀ ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ସଙ୍ଗେ ସଙ୍ଗେ ଏକ ସୁଦୃଢ଼ ଶିଳ୍ପ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଦିଗରେ ଓଡ଼ିଶାର ନିରନ୍ତର ଧ୍ୟାନ ରହିଥିବା ପ୍ରତିଫଳିତ କରୁଛି।

ରାସାୟନିକ ତଥା ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ରିଲାଏନ୍ସ ବାୟୋ ଏନର୍ଜି ଲିମିଟେଡ୍ ପୁରୀରେ ୧୨୧.୨୧ କୋଟି ଟଙ୍କା ପୁଞ୍ଜିନିବେଶ ରେକମ୍ପ୍ରେସ୍‌ଡ ବାୟୋ ଗ୍ୟାସ୍ ଓ ଫର୍ମେଣ୍ଟେଡ୍ ଜୈବିକ ସାର କାରଖାନା ସ୍ଥାପନ କରିବ। ଏହି କ୍ଷେତ୍ରରେ ୬୯ ନିଯୁକ୍ତି ସୃଷ୍ଟି ହେବ। କଟକରେ 'ବିକେ ଷ୍ଟିଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍' ଏହାର ପ୍ରକଳ୍ପକୁ ଅଧିକ ସମ୍ପ୍ରସାରଣ କରିବ, ଯେଉଁଥିରେ ସ୍ପଞ୍ଜ ଆଇରନ୍, ➪ପୃଷ୍ଠା-୬

**ନାମନେଲେ ପ୍ରେମିକ**

## କାଶ୍ମୀରରୁ ଆସି ଫସିଗଲେ !

**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** ଅଜଣା ଯୁବକଙ୍କ ସହ ପ୍ରେମ ଯେ କେତେ ଭୟଙ୍କର ହୋଇପାରେ, ତାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭୁବନେଶ୍ୱରରେ। କିନ୍ତୁ ଏହି ଅଭିଯୋଗ ଭିତରେ ପ୍ରକୃତ ଭୁଲ କାହାର, ସେ ନେଇ ଆରମ୍ଭ ହୋଇଛି ଛାନଭିନ। ପ୍ରକୃତ ପକ୍ଷେ ଗୋଟିଏ ହାତରେ ତାଳି ବାଜେ ନାହିଁ। ଯଦି ଜଣେ ଯୁବକ ନିଜର ପ୍ରକୃତ ପରିଚୟ ଦେଇ ନ ଥିଲା, ତେବେ ଯୁବତୀ ଜଣଙ୍କ ତା' ସହ ରାତ୍ରି ଯାପନ କଲେ କେମିତି? ଭିଡିଓ ଭାଇରାଲ ପାଇଁ ଦେଇଥିବା ଟଙ୍କା ପଛରେ ସତ୍ୟତା କଣ? ନାଁ ବିବାହ ପାଇଁ ସୁଦୂର କାଶ୍ମୀରରୁ ଭୁବନେଶ୍ୱର ଆସି ଫଶିଗଲେ ଯୁବକ? ଯୁବକ ଜଣଙ୍କ ଧନୀ ଘରର ନୁହେଁ ବୋଲି ଜାଣିବା ପରେ ପୀଡିତା ଖେଳିଲେନି ତ ମାଷ୍ଟର ଷ୍ଟ୍ରୋକ? ଏ ସବୁ ଘଟଣା ଜାଣିବା ପୂର୍ବରୁ ଯୁବତୀ ନିଜ ଏତଲାରେ ଲେଖିଥିବା ଏତଲା ସମ୍ପର୍କରେ ଆସନ୍ତୁ ଜାଣିରଖିବା।





- ଲଭ୍ ଜିହାଦ ପଛର ସାଙ୍ଘାତିକ ସତ
- ଗୋଟିଏ ହାତରେ କେମିତି ବାଜିଲା ତାଳି

ଏତଲା ମୁତାବକ ଲଭ୍ ଜିହାଦ ଭଳି ସାଙ୍ଘାତିକ ଅଭିଯୋଗ ଆସିଛି କାଶ୍ମୀରରୁ ଆସିଥିବା ସମୀର ମନ୍ସୁରଙ୍କ ବିରୋଧରେ। ନିଜ ଘର ବିହାର, କିନ୍ତୁ କାଶ୍ମୀରରେ ରୁହନ୍ତି। ୨୦୨୨ ମସିହାରେ ଏକ ଅନ୍‌ଲାଇନ ଗେମ୍ ଜରିଆରେ ତାଙ୍କର ଜଗତସିଂହପୁର ସ୍ଥିତ ଜଣେ ଯୁବତୀଙ୍କ ସହ ହୁଏ ପରିଚୟ। ଟେଲିଫୋନ ନମ୍ବର ଏକ୍ସଚେଞ୍ଜ ପରେ ଦୁହିଁଙ୍କ ଭିତରେ ବଢେ ସମ୍ପର୍କ। ତାପରେ ଯୁବତୀଙ୍କୁ ଦେଖା କରିବା ପାଇଁ ସମୀର ଆସି ପହଞ୍ଚନ୍ତି ଭୁବନେଶ୍ୱରରେ। ପୁରୀର ଏକ ହୋଟେଲରେ ଯୁବତୀଙ୍କ ସହ ରାତ୍ରିଯାପନ ମଧ୍ୟ କରି ବିବାହ ପାଇଁ କଥା ଦିଅନ୍ତି। ➪ପୃଷ୍ଠା-୬

## ସାନ ଭାଇକୁ ମାଡ଼ମାରି ଜେଲଗଲା ବଡ଼



ବାଲିଅନ୍ତା, ୮।୧୧ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ପୁଲିସ ଏକ ଗଣ୍ଡଗୋଳ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ କାକଟପୁର ପଞ୍ଚାୟତ ଅଧୀନ ଉଦୟପଡ଼ା ଗ୍ରାମର ଗୋପାଳକୃଷ୍ଣ ଭଞ୍ଜ ଓରଫ କାଲୁ (୪୧)। ତେବେ କୋର୍ଟରେ ଜାମିନ ଖାରଜ ହେବାରୁ ଖୋରଧା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୁକାନ୍ତ ଭଞ୍ଜ କାଲୁ ବିରୋଧରେ ଅଭିଯୋଗ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ସୁକାନ୍ତ ଏବଂ ଗୋପାଳକୃଷ୍ଣ ହେଉଛନ୍ତି ଗୋଟିଏ ପରିବାରର । ବଡ଼ଭାଇ କାଲୁ ଏବଂ ସାନ ଭାଇ ସୁକାନ୍ତ ମଧ୍ୟରେ ଜମିବାଡ଼ିକୁ ନେଇ ପୂର୍ବରୁ ବିବାଦ ଲାଗିରହିଥିଲା। ଏହାକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୨ ତାରିଖ ମଧ୍ୟାହ୍ନ ସମୟରେ କାଲୁ ତାଙ୍କର ସାନ ଭାଇ ସୁକାନ୍ତ ଓ ବୋହୁଙ୍କୁ ଗାଳି ଗୁଲଜ କରିଥିଲେ । ସେମାନଙ୍କୁ ଧକ୍କା ମାରିବା ସହ ହତ୍ୟା କରିବା ଧମକ ଦେଇଥିଲେ। ଏନେଇ ସୁକାନ୍ତ ବିରୋଧ କରିବାରୁ ହଠାତ କାଲୁ ରାଗିଯାଇଥିଲେ ଓ ଏକ ବାଉଁଶ ବାଡ଼ି ଆଣି ସୁକାନ୍ତଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ସୁକାନ୍ତଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା ଓ ସେ ଗୁରୁତର ହେବାରୁ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା । ଏହି ମାମଲାର ତଦନ୍ତ ଜାରି ରହିଥିବା ବେଳେ ଆଜି ସୂଚନା ପାଇ ପୁଲିସ ତୁରନ୍ତ ଅଭିଯୁକ୍ତର ଗ୍ରାମକୁ ଯାଇଥିଲେ ଓ ତାଙ୍କୁ ଗିରଫ କରିବା ସହ ତଦନ୍ତ ପାଇଁ ଥାନାକୁ ଆଣିଥିଲେ। ପଚାର ଉଚରା ବେଳେ କାଲୁ ନିଜର ଅପରାଧ ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି ।

## ନିଷିଦ୍ଧାଞ୍ଚଳରୁ ବିପୁଳ ମାଛ ଜବତ, ୧୩ ମତ୍ସ୍ୟଜୀବୀ ଅଟକ

କାକଟପୁର/ଅସ୍ତରଙ୍ଗ, ୮।୧୧ (ସଂଚାର ବ୍ୟୁରୋ): ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନବିଭାଗ ଦ୍ୱାରା ନିଷିଦ୍ଧାଞ୍ଚଳରୁ ଗୁରୁବାର ଦିନ ଜବତ ଟ୍ରଲର ମା ଶାରଳା-୨(ଆଇଏନଡି-ଓଆର୦୪ଏମ୍ଏମ୍୧୨) ର ମାଲିକ ପାରାଦ୍ୱୀପ ଅଂଚଳର ହୋଇଥିବା ବେଳେ ଜବତ ଟ୍ରଲରରୁ ୬ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ସହ ୬୦୭କିଗ୍ରା ମାଛ ଜବତ କରାଯାଇ ଉକ୍ତ ମାଛକୁ ନିଲାମ ମଧ୍ୟ ହୋଇଥିଲା। ପୁନର୍ବାର ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରେ ଶୁକ୍ରବାର ଦିନ ସର୍ବ ମା ମଙ୍ଗଳା ଟ୍ରଲରଟି ମାଛମାରୁଥିବା ବେଳେ ବନ ବିଭାଗ ଟିମ୍, ଟର୍ଟଲ ସ୍କ୍ୱାଡ୍ ଉକ୍ତ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲର ସର୍ବ ମା ମଙ୍ଗଳା (ଆଇ ଏନ ଡି -ଓ ଆର -୦୧-ଏମ୍ ଏମ୍ -୩୨୨)ଟ୍ରଲର ଜବତ ସମୟରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର,ଫରେଷ୍ଟର ବବୁଲ ମଲ୍ଲିକ, ଗାର୍ଡ଼ ଅଶୋକ ମୁଣ୍ଡା , ବନରକ୍ଷୀ ନିର୍ମଳ ବାଟାର୍ଯ୍ୟଙ୍କ ସହ ୫ଜଣ କଇଁଛ ସୁରକ୍ଷା ଟିମ୍, ଏସିଆର ଫୋର୍ସ ପାଟ୍ରୋଲିଂରେ ସାମିଲ ହୋଇଥିଲେ। ସର୍ବ ମା ମଙ୍ଗଳା ଜବତ ଟ୍ରଲରକୁ ନୂଆଗଡ ଜେଟି ନିକଟକୁ ଆଣିବା ପରେ ଉକ୍ତ ଟ୍ରଲରରୁ ଜବତ ମାଛକୁ ନିଲାମ କରାଯାଇଥିଲା। ଟ୍ରଲରରୁ ୫୩୦କିଗ୍ରା ମାଛ ଜବତ ହୋଇଥିଲା। ସେଥିମଧ୍ୟରୁ ଏ କ୍ଲାସ ୬୦କିଗ୍ରା, ବି କ୍ଲାସ ୪୧୦କିଗ୍ରା, ସି କ୍ଲାସ ୬୦କିଗ୍ରା, କଙ୍କଡା ୨୦କିଗ୍ରା ରହିଛି। ସାମୁଦ୍ରିକ ମତ୍ସ୍ୟ ବିଭାଗ ସହକାରୀ ଅଧିକାରୀ ସତ୍ୟବ୍ରତ ଦାସ, ମାନସ ପରିଡାଙ୍କ ସହ ସାଗର ମିତ୍ର ବିଶ୍ୱଜିତି ବେହୁରା, କୃଷ୍ଣବିଶ୍ୱାଳ, ଅର୍ଜିତ ପ୍ରଧାନ ଉପସ୍ଥିତ ଥିଲେ। ଅଲିଭି ରିଡେଲ କଇଁଛଙ୍କ ଆଗମନ ଯୋଗୁଁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମିସ୍ୟ ବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି।



ନୂଆଗାଁରେ ଜନସମ୍ପର୍କ ପଦଯାତ୍ରା

# ଅରୁଣଙ୍କ ବାକ୍ୟବାଣରେ ଘାଇଲା ଡବଲ ଇଞ୍ଜିନ ସରକାର

ନୟାଗଡ଼, ୮।୧୧ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁଠାରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦଶପଲ୍ଲା ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ କର୍ମୀଙ୍କ ମନରେ ଉତ୍ସାହ ଭରିଛନ୍ତି । ଏକତା ହିଁ ସଂଗଠନକୁ ମଜବୁତ କରିବାର ମୂଳମନ୍ତ୍ର ବୋଲି କହିଛନ୍ତି । ଏହା ସହିତ ଡ. ସାହୁ ବିଜେପି ସରକାରର ଅପାରଗତା ବିରୁଦ୍ଧରେ ବକ୍ତବ୍ୟ ରଖିଥିଲେ । ମିଛ ପ୍ରତିଶ୍ରୁତି ଦେଇ ସରକାରକୁ ଆସିବା ପରେ ସଠିକ ଭାବେ ସରକାରକୁ ଚଳାଇବାକୁ ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି କହିଥିଲେ। ଚାପ ସୃଷ୍ଟି କରି କାମ ଦାମ ନକରାଇ ଦେବାକୁ କରାଯାଉଥିବା ଉଦ୍ୟମ ବିରୁଦ୍ଧରେ ଲଢ଼େଇ କରାଯିବ ବୋଲି ସେ ଆହ୍ୱାନ ଦେଇଥିଲେ ।

ବିଗତ ନିର୍ବାଚନରେ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି ସରକାରକୁ ଆସିଛି । ସରକାରକୁ ୫ ମାସ ବିତି ଯାଇଥିଲେ ମଧ୍ୟ ଯାହା ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା ତାହା ସଫଳ କରିପାରି ନାହିଁ । ମହିଳା ମାନଙ୍କୁ ଦୁଇ ବର୍ଷରେ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କାର ପ୍ରତିଶ୍ରୁତି ଦେଇଥିଲା । ଆଜି ଏହା ପାଣିର ଗାର ହୋଇଛି । ଏଥି ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଭତା ତିନି ହଜାର ଟଙ୍କା ଦେବା ପାଇଁ ଏ ସରକାର ପ୍ରତିଶ୍ରୁତି ଦେଇଥିଲା । ଏହା କିନ୍ତୁ ହେଲା ନାହିଁ । ୮୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ୩,୫୦୦ ଟଙ୍କା ଦେବା ପାଇଁ ଘୋଷଣା କଲେ । ୫ ମାସ ବିତି ଗଲାଣି ତଥାପି ସେ ଟଙ୍କା ଲୋକଙ୍କୁ ମିଳିଲା ନାହିଁ। ୩୦୦ ୟୁନିଟ ମାଗଣା ବିଜୁଳି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେ ମଧ୍ୟ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏ ସରକାର କେବଳ ରଙ୍ଗ ବଦଳାଇବାରେ ଲାଗିଛନ୍ତି । ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କରିଯାଇଛନ୍ତି ଏବେବି ଲୋକମାନେ ସମସ୍ତ ଯୋଜନାକୁ ଝୁରୁଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲୋକ ମାନଙ୍କ ପାଇଁ ଯାହା କରିଛନ୍ତି ଆଜି ଏହାର ସମସ୍ତ ଫାଇଦା ଗରୀବ ଲୋକ ମାନେ ନେଇ ପାରୁଛନ୍ତି । ଏ ସରକାରଙ୍କର ଜଦି ସାହସ ଅଛି ବିଏସକେୱାଇ ବନ୍ଦ କରନ୍ତୁ । ଏଭଳି କଟୁ ସମାଲୋଚନା କରିଥିଲେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ।

ଏହି ଜନସମ୍ପର୍କ ପଦଯାତ୍ରା ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ବାହାରି ବିଜୁ ଭବନ ପର୍ଯ୍ୟନ୍ତ ଯାଇଥିଲା । ପଦଯାତ୍ରାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସମେତ ବହୁ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସାମିଲ ହୋଇଥିଲେ । ଏହି ପଦଯାତ୍ରାରେ ହଜାର ହଜାର କର୍ମୀ ସାମିଲ ହୋଇଥିଲେ ।




# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୮।୧୧ (ସଂଚାର ବ୍ୟୁରୋ): ଶିଶୁ ହସିଲେ ଦେଶ ହସିବ । ଗାଁ ଗହଳିରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଅନ୍ୱେଷଣ କରିବା ଓ ତାହାକୁ ବିକଶିତ କରିବା ଲକ୍ଷ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଶିଶୁ ମହୋତ୍ସବ "ସୁରଭି" । ଶୁକ୍ରବାର ଅପରାହ୍ନ ସମୟରେ ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୪ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, କେନ୍ଦ୍ରାପଡାର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଉକ୍ତ ମହୋତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀମତୀ ସୁରମା ମହାପାତ୍ର ଅଧ୍ୟକ୍ଷତା କରିଥିଲେ ।

ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ପ୍ରଦୀପ କୁମାର ନାଗ ଯୋଗ ଦେଇଥିଲା ବେଳେ ମହାକାଳପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା, କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ଦଳାଇ, ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀ ରଞ୍ଜନ ରାଉତରାୟ, ମାର୍ଶାଘାଇ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପଟ୍ଟାମୁଣ୍ଡାଇ ମଣ୍ଡଳ ଶିକ୍ଷା ଅଧିକାରୀ ହରିହର ଦଳାଇ, ରାଜନଗର ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଂଜନ ସେଠୀ, ଏସସିଏସଟି ପ୍ରକଳ୍ପ ସଂଯୋଜକ କିରଣ ତୃଷ୍ଣା ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସୁରଭି ମହୋତ୍ସବର ଉଦଘାଟନ ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଜିଲ୍ଲାର ସମସ୍ତ ବ୍ଲକରୁ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସୁରଭି ପ୍ରତିଯୋଗିତାରେ ଭାଗ ନେଇଥିଲେ । ସୁରଭି ମହୋତ୍ସବ ନିମନ୍ତେ ଆୟୋଜିତ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡିଆ ହସ୍ତାକ୍ଷର ଓ ଶ୍ରୁତିଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଏମ୍ ପୋଷଣ ବିଷୟ ଆଧାରିତ ଚିତ୍ରକଳା ଓ ଶିଳ୍ପକଳା ଆଦି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ରେ ଉଦଯାପନୀ ସମାରୋହରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ ।

ସମ୍ମାନନୀୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଲିତା ଦାସ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଆତ୍ମବିଶ୍ୱାସର ବିକାଶ ଏହି ଉତ୍ସବର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚରିତ୍ରବାନ, ନିଷ୍ଠାପର ହେବା ସହ ପରିବେଶ ପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ବିଭିନ୍ନ ବ୍ଲକର ସିଆରସିସି, ବିଆରସିସି, ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର ୮୭ ଜଣ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଶିକ୍ଷକ ଅନନ୍ତ କୁମାର ପରିଜା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶିକ୍ଷକ ବିଷ୍ଣୁ ଚରଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ସୁରଭି ମହୋତ୍ସବକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, କେନ୍ଦ୍ରାପଡାର ଅଧିକାରୀ ଓ କର୍ମକର୍ତ୍ତା ସହଯୋଗ କରିଥିଲେ ।




## ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ୮।୧୧ (ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନାର କାର୍ଡ ବଣ୍ଟନ କରିଛନ୍ତି । ଅପରାହ୍ନ ୫.୩୦ ମିନିଟ ସମୟରେ ଜିଲ୍ଲାର ୧୩୨ ଜଣ ଯୋଗ୍ୟ ଇନସୁରାନ୍ସ କାର୍ଡଧାରୀଙ୍କ ମଧ୍ୟରୁ ମୋଟ ୨୩ ଜଣ ଉପସ୍ଥିତ ରହି ଶୁକ୍ରବାର ଦିନ ସେମାନଙ୍କ କାର୍ଡ ଗ୍ରହଣ କରିଛନ୍ତି । ସାମ୍ବାଦିକଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ନେଇଥିବା ଏହି ମହତ ପଦକ୍ଷେପର ଭୂୟସି ପ୍ରଶଂସା ଏହି ଅବସରରେ ସାମ୍ବାଦିକମାନେ କରିଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ଆବେଦନ କରିଥିବା ସାମ୍ବାଦିକଙ୍କ ମଧ୍ୟରୁ ମୋଟ ୧୩୨ ଜଣ ସାମ୍ବାଦିକଙ୍କ କାର୍ଡକୁ ନବୀକରଣ କରାଯାଇ ଏହି ବର୍ଷ ସେମାନଙ୍କୁ ସେମାନଙ୍କର କାର୍ଡ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ନୂତନ ଭାବେ ଆବେଦନ କରିଥିବା ସାମ୍ବାଦିକମାନଙ୍କ କାର୍ଡ ଏ ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ହସ୍ତଗତ ହୋଇନାହିଁ । ଏହି ବଣ୍ଟନ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅଶୋକ ବଳିଆରସିଂହ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ଏସଆରଏ ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।




ବରିଷ୍ଠ କିରାଣିଙ୍କ ଲାଞ୍ଚ ନେବା ଘଟଣା

# ଘଣ୍ଟ ଘୋଡାଉଛି କି ପ୍ରଶାସନ ?

କେନ୍ଦ୍ରାପଡ଼ା, ୮।୧୧ (ସଂଚାର ବ୍ୟୁରୋ): ସାଧାରଣ ଜନତାଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ମାସିକ ମୋଟା ଅଙ୍କ ବେତନରେ ନିଯୁକ୍ତ ହୋଇଛନ୍ତି କର୍ମଚାରୀ । ସରକାରଙ୍କ ସମସ୍ତ ନିୟମ ଅନୂପାଳନ ପୂର୍ବକ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ରହିଛି। ପ୍ରତ୍ୟେକ ବର୍ଷ ଏହି କର୍ମଚାରୀ ଦୁର୍ନୀତି ମୁକ୍ତ ହେବାକୁ ଆହ୍ୱାନ ଦେଇଥାଆନ୍ତି। ଏନେଇ ସରକାରୀ କାର୍ଯ୍ୟାଳୟ ନିମନ୍ତେ ଶପଥ ପାଠର ବ୍ୟବସ୍ଥା ମଧ୍ୟ ରହିଛି। ହେଲେ କେତେ ସଂଖ୍ୟକ କର୍ମଚାରୀ ଏହି ଶପଥ ପାଠକୁ ପାଳନ କରୁଛନ୍ତି ତାହା ଜଣାନାହିଁ। କେନ୍ଦ୍ରାପଡ଼ା ଜିଲ୍ଲାର କଥା କହିଲେ ଗତ ଏକବର୍ଷ ମଧ୍ୟରେ ପ୍ରାୟ ୧୪ ଜଣ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ସେବା ଯୋଗାଇଦେବା ନାଁରେ ଲାଞ୍ଚ ନେବାଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ଆସିଛି। ଏହି କର୍ମଚାରୀଙ୍କ ମଧ୍ୟରୁ କେତେଜଣଙ୍କ ଲାଞ୍ଚ ନେବା ସମୟର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲିଛି । କେତେକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ଅନ୍ୟ କେତେକଙ୍କ ପାଇଁ ପ୍ରଶାସନ ସୁରକ୍ଷା କବଚ ସାଜିଛି ।

ଏହି କ୍ରମରେ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ କିରାଣୀ ପ୍ରମୋଦ ରାଉତଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ମହାକାଳପଡ଼ାର ମନିଷା ଦେବୀଙ୍କ ଯାତ୍ରା ଅନୁମତି ବାବଦରେ ଲାଞ୍ଚ ନେଉଥିବା ଭିଡିଓ ସୋସିଆଲ ମିଡ଼ିଆ ଖୋରାକ ଯୋଗାଇଥିବା ବେଳେ ପ୍ରଶାସନ କିନ୍ତୁ ନୀରବ ରହିଛି । କେବଳ ଲାଞ୍ଚ ନୁହେଁ ଉକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଆହୁରି ଅନେକ ସଙ୍ଗୀନ ଅଭିଯୋଗ ମଧ୍ୟ ରହିଛି । କାର୍ଯ୍ୟାନୁଷ୍ଠାନ ନେବାତ ଦୂରର କଥା ଏପର୍ଯ୍ୟନ୍ତ ଉକ୍ତ କର୍ମଚାରୀ ଙ୍କୁ ପଚରା ଉଚରା କରାଯାଇନଥିବା ଜଣା ପଡ଼ିଛି । ଏହି ଘଟଣାରୁ ଅନ୍ୟ ସରକାରୀ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ହାତ କରି ବିନା ଦୋନ୍ଦରେ ଅନ୍ୟ କର୍ମଚାରୀ ମାନେ ଜନସାଧାରଣଙ୍କୁ ଲୁଟ୍ ଆରମ୍ଭ କରିଦେଇଛନ୍ତି । ଯଦି ଏହିଭଳି କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନାଯାଏ ତେବେ ସରକାରୀ କଳ ବିଫଳ ହେବ ବୋଲି ଦଳିତ ନେତା ନଗେନ୍ଦ୍ର ଜେନା କହିଛନ୍ତି ।



## କୃଷକ ପଞ୍ଜୀକରଣ ସଚେତନତା ଶିବିର




ବାଲିଅନ୍ତା, ୮।୧୧ (ସଂଚାର ବ୍ୟୁରୋ): କୃଷି ତଥା ରାଜସ୍ୱ ବିଭାଗ ମିଳିତ ସହଯୋଗରେ କୃଷକ ପଞ୍ଜୀକାରଣ ସଚେତନ ଶିବିର ଭିଙ୍ଗରପୁର ସ୍ଥିତ କୃଷି ସୂଚନା ଏବଂ ପରାମର୍ଶ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଜୀକରଣ ଦ୍ୱାରା ଚାଷୀଙ୍କର ସମସ୍ତ ତଥ୍ୟ ସରକାରଙ୍କ ପାଖରେ ରହିବା ସହ ଏହି ତଥ୍ୟ ରେକର୍ଡଭୁକ୍ତ ହେବା ଦ୍ୱାରା ଚାଷୀଙ୍କ ବୀମା ଓ କ୍ଷତି ପୂରଣ ମିଳିବାରେ ସହାୟକ ହେବ ବୋଲି ସୂଚନା ଦିଆଯାଇଥିଲା । ରାଜ୍ୟ ବୈଷୟିକ ଟିମ୍ ସଦସ୍ୟ ମାନେ କୃଷକ ମାନଙ୍କର ସଶକ୍ତିକରଣ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୂରୀ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ଉପ ଜିଲ୍ଲାପାଳ, ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁ ଏବଂ ଭୁବନେଶ୍ୱର ତଥା ଅନ୍ୟାନ୍ୟ ଦୁଇ ବିଭାଗର ଅଧିକାରୀ ଉକ୍ତ ଶିବିରରେ ଯୋଗଦାନ କରି କୃଷକ ପଞ୍ଜୀକରଣର ଆଭିମୁଖ୍ୟ ନେଇ ତଥ୍ୟ ପ୍ରଦାନ କରିଥିଲେ ।ଏହି ଶିବିର ରେ ବଇଁଚୁଆ ତଥା ଭିଙ୍ଗାରପୂର୍ ଗ୍ରମାରୁ ପାଖା ପାଖି ୪୦ଜଣ ଚାଷୀ ଯୋଗଦାନ ସହ ପଞ୍ଜୀକରଣ କରିଥିଲେ। ବ୍ଲକ କୃଷି ଅଧିକାରୀ ସ୍ଥିତପ୍ରଜ୍ଞା ଖମାରି ଏବଂ ସହକାରୀ କୃଷି ଅଧିକାରୀ ଗୌତମ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସାଗରବେଳା ମହୋତ୍ସବ ସଂସ୍କୃତି ପରିଷଦ ପକ୍ଷରୁ ରିଲିଫ ବଣ୍ଟନ



ରାଜନଗର, ୮।୧୧ (ସଂଚାର ବ୍ୟୁରୋ):ରାଜନଗରରେ ବାତ୍ୟା ଦାନା ବ୍ୟାପକ ବିପର୍ଯ୍ୟୟ ଘଟାଇଛି। ଏବେବି ଚାରିଘରିଆ ଗାଁରେ ଲୋକଙ୍କ ଘରର ଚଟାଣ ଓଦା ରହିଛି। ରାଜନଗରର ସାଗରବେଳା ମହୋତ୍ସବ ସଂସ୍କୃତି ପରିଷଦ ପକ୍ଷରୁ ଆଜି ବିପନ୍ନ ପରିବାରଙ୍କୁ ରିଲିଫ ବଣ୍ଟନ କରାଯାଇଛି। ଚାରିଘରିଆ ଗାଁର ୧୨୭ ପରିବାର ଓ ଦେବେନ୍ଦ୍ରନାରାୟଣପୁର ଗାଁର ୧୮୦ ପରିବାରକୁ ରିଲିଫ ପ୍ୟାକେଟ ପ୍ରଦାନ କରାଯାଇଛି। ସଂସ୍କୃତି ପରିଷଦର ସମ୍ପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ଅଧ୍ୟାପିକା ଭଗବତୀ ରାଉତ, ସମାଜସେବୀ କୈଳାସ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ସୈନିକ ଅଚ୍ୟୁତାନନ୍ଦ ପ୍ରଧାନ ପ୍ରମୁଖ ବିପନ୍ନ ପରିବାର ନିକଟରେ ପହଁଚି ରିଲିଫ ଯୋଗାଇ ଦେଇଛନ୍ତି।

## ମହୁଲିଆରେ ଅଭିରାମ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



ରାଜନଗର, ୮।୧୧ (ସଂଚାର ବ୍ୟୁରୋ): ରାଜନଗର ବ୍ଲକର ମହୁଲିଆ ଠାରେ ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସମ୍ମିଳନୀ ଆସନ୍ତା ଫେବୃୟାରୀ ୨୦ ରୁ ୨୩ ତାରିଖ ଯାଏଁ ଅନୁଷ୍ଠିତ ହେବ। ଚଳିତମାସ ୧୧ ତାରିଖ ଦିନ ସମ୍ମିଳନୀ ନିମନ୍ତେ ଆଜ୍ଞାମାଳ ଆଣିବା ପାଇଁ ଠାକୁର ଅଭିରାମ ପରମହଂସ ଦେବଙ୍କ ଜନ୍ମସ୍ଥାନ ଶାନ୍ତି ଆଶ୍ରମ କରମଳାକୁ ମହୁଲିଆ ଗ୍ରାମ ପଞ୍ଚାୟତ ଅଭିରାମ ସମ୍ମିଳନୀ କମିଟି ଯିବେ। ଏ ନେଇ ଉପକୂଳର ଆରାଧ୍ୟା ଦେବୀ ବାରଗାଁର ମା'ମାଟିଆମଙ୍ଗଳାଙ୍କ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି ଆଶ୍ରମ କରମଳାର ବାବାଜୀ ଦିବ୍ୟ ଚୈତନ୍ୟ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବାବାଜୀ ହରେକୃଷ୍ଣ ଦାସ ମହାରାଜ, ବାବାଜୀ ବିପିନି ବିହାରୀ ଦାସ, ବାବାଜୀ ଭୀମସେନ ଦାସ, ବାବାଜୀ ଅଦୈତ ଦାସ, ସମ୍ମିଳନୀ କମିଟିର ସଭାପତି ବିଶ୍ୱନାଥ ରାଉତ, ସମ୍ପାଦକ ବୈକୁଣ୍ଠ ଦାସ, ସରପଞ୍ଚ ମଞ୍ଜୁଳା ଦାସ, ବଲ୍ଲଭ ନାୟକ, ଗଙ୍ଗାଧର ଦାସ, ସୁବାଷ ସାମଲ, ଚୈତନ୍ୟ ସାହୁ, ବନମାଳି ନାୟକ, ପଦ୍ମଲୋଚନ ଦାସ ପ୍ରମୁଖ ଯୋଗଦେଇଥିଲେ।

## ବିଜେପି ଖୋର୍ଦ୍ଧା ଜିଲ୍ଲା ସଂଗଠନ ଓ କର୍ମଶାଳା ପର୍ବ

ଖୋର୍ଦ୍ଧା, ୮।୧୧ (ସଂଚାର ବ୍ୟୁରୋ): ଜିଲ୍ଲା ବିଜେପି ସଂଗଠନ ଓ କର୍ମଶାଳା ପର୍ବ ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅତିଥି ରୂପେ ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ରାଜ୍ୟ ଉପ ନିର୍ବାଚନ ଅଧିକାରୀ ସୁକେଶି ଓରାମ, ବିଜେପି ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ନିମାପଡାର ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାସ, ରାଜ୍ୟ ସଂଗଠକ ଗୋଲଖ ବିହାରୀ ମହାପାତ୍ର,ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ସୁଦୀପ୍ତ ରାୟ,ଜଟଣୀ ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପାର୍ଥି ବିଶ୍ୱରଂଜନ ବଡ଼ଜେନା,ବେଗୁନିଆ ବିଜେପି ପାର୍ଥି ପ୍ରକାଶ ରଣବିଜୁଳି,ଜୟଦେବ ବିଜେପି ପାର୍ଥି ଅରବିନ୍ଦ ଢ଼ାଲି ପ୍ରମୁଖ ଯୋଗ ଦେଇଥିଲେ। ଆଜିର କର୍ମଶାଳାରେ ମୁଖ୍ୟ ପ୍ରସଙ୍ଗ ଥିଲା ଜିଲ୍ଲାରେ ଦଳକୁ କିଭଳି ମଜବୁତ କରାଯିବା ସହିତ ଦଳରେ ସକ୍ରିୟ ସଭ୍ୟ ଗ୍ରହଣ ଏବଂ ଯେଉଁମାନେ ବିଜେପିରେ ସାମିଲ ହେବାକୁ ଚାହୁଁଛନ୍ତି ସେମାନଙ୍କୁ ସଂମ୍ମାନର ସହିତ ଦଳକୁ ସ୍ୱାଗତ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା।ଏଥିରେ ଜିଲ୍ଲାର ୫୦୦ ରୁ ଉର୍ଦ୍ଧ୍ୱ ସକ୍ରିୟ କର୍ମୀ ଯୋଗ ଦେଇଥିଲା ବେଳେ ନିଜ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ତାର ସମାଧାନ ଉପରେ ଦଳର ନେତୃତ୍ୱଙ୍କୁ ଜଣାଇଥିଲେ ।




ସଂସ୍କୃତ ଶିକ୍ଷକଙ୍କ ଚାଉଳ ଚୋରି

# ମାସେ ବିତିଲା କେବେ ହେବ କାର୍ଯ୍ୟାନୁଷ୍ଠନ ?

### କାହିଁକି ନିରବ ଶିକ୍ଷା ବିଭାଗ, ପ୍ରଶ୍ନ ଉଠାଇଲେ ଗ୍ରାମବାସୀ

କେନ୍ଦ୍ରାପଡ଼ା/ରାଜନଗର, ୮।୧୧ (ସଂଚାର ବ୍ୟୁରୋ): ଶିକ୍ଷା ବିଭାଗରେ ନିଯୁକ୍ତ ଥିବା ଶିକ୍ଷକଙ୍କ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଆସିଥିବା ଚାଉଳକୁ ଚୋରି କରୁଥିବା ଘଟଣା ସମଗ୍ର ରାଜନଗର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହି ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ନୀରବ ରହିବା ଘଟଣାକୁ ଆହୁରି ଆଶ୍ଚର୍ଯ୍ୟ ଚକିତ କରିଛି।

ଆଜିକୁ ମାସକ ତଳେ ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ବାଘଡୈଲା ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁ ନିଜ ସ୍କୁଟିରେ ଗତ ଅକ୍ଟୋବର ମାସ ୯ତାରିଖ ରାତ୍ରି ୯ ସମୟରେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପାଇଁ ଆସିଥିବା ଚାଉଳକୁ ଚୋରି କରି ନେଉଥିବା ସମୟରେ ଗ୍ରାମବାସୀ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁଙ୍କୁ ମାଡ଼ି ବସିଥିଲେ । ପରେ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁ ଓ ପ୍ରଧାନ ଶିକ୍ଷକଙ୍କ ନାମରେ ଗ୍ରାମବାସୀ ରାଜନଗର ମଣ୍ଡଳ ଶିକ୍ଷାଧିକାରୀଙ୍କୁ ମଧ୍ୟ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏବିଇଓ ଶିବପ୍ରସାଦ ବେହେରା ଓ ତାଙ୍କ ସହିତ ଏକ ଟିମ ବାଘଡୈଲା ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟରେ ପହଁଚି ଉକ୍ତ ଘଟଣାର ତଦନ୍ତ କରିଥିଲେ ସୁଦ୍ଧା ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁ କିମ୍ବା ପ୍ରଧାନ ଶିକ୍ଷକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲେ । ଯାହା ଫଳରେ ଗ୍ରାମବାସୀ ପୁନର୍ବାର ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିଥିଲେ । ପୂର୍ବ ତଦନ୍ତ ସଠିକ୍ ଭାବେ ହୋଇନଥିବାରୁ ଆଉ ଥରେ ନିଜେ ମଣ୍ଡଳ ଶିକ୍ଷାଧିକାରୀ ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ ଏବଂ ସେହି ତଦନ୍ତ ରିପୋର୍ଟକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁଙ୍କ ଉପରେ କୌଣସି କାର୍ଯ୍ୟନୁଷ୍ଠାନ ହେଲା ନାହିଁ । ଚାଉଳ ଚୋରି କରୁଥିବା ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଘଟଣା ଉପରେ ନିରବତା ଅବଲମ୍ବନ କରିବା ହେତୁ ପୁନର୍ବାର ଗ୍ରାମବାସୀ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଭେଟିଥିଲେ ।

ମଣ୍ଡଳ ଶିକ୍ଷାଧିକାରୀ ଗ୍ରାମବାସୀଙ୍କୁ ଜଣାଇଥିଲେ ଯେ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁଙ୍କୁ ଜିଲ୍ଲା ଶିକ୍ଷାଧିକାରୀ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ତେଣୁ ତାଙ୍କୁ ୩ ଦିନ ସମୟ ଦିଆଯାଉ ବୋଲି କହିଛନ୍ତି । ଅପର ପକ୍ଷରେ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ଯଦି ତିନି ଦିନ ପରେ ଶିକ୍ଷକ ଶ୍ରୀକାନ୍ତ ସ୍ୱାଇଁ କିମ୍ବା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଉପର କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାନଯାଏ ତେବେ ବିଦ୍ୟାଳୟ ଫାଟକ ଆଗରେ ତାଲା ଝୁଲାଇ ଗ୍ରାମବାସୀ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ସେ କାରଣ ଦର୍ଶାଓ ନୋଟିସ୍ ଜାରି କରିଛନ୍ତି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫୋନ୍ ମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି ।

# ଚିକିତ୍ସା ଉପକରଣ ଶିଳ୍ପକୁ ସୁଦୃଢ଼ ଯୋଜନାର ଶୁଭାରମ୍ଭ କଲେ ନଡ୍ଡା



**ନୂଆଦିଲ୍ଲୀ,୮।୧୧:** କେନ୍ଦ୍ର ରାସାୟନିକ ଓ ସାର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଚିକିତ୍ସା ଉପକରଣ ଶିଳ୍ପକୁ ସୁଦୃଢ଼ କରିବା ପାଇଁ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦ୍ର ରସାୟନ ଓ ସାର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ ଏବଂ ଔଷଧ ବିଭାଗର ସଚିବ ଶ୍ରୀ ଅରୁଣିଷ ଚାୱଲାଙ୍କ ସମେତ ବିଭାଗର ଅଧିକାରୀ ଏବଂ ଶିଳ୍ପ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଯୋଜନା ଏକ ବ୍ୟାପକ ଯୋଜନା ଯାହା ଚିକିତ୍ସା ଉପକରଣ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଲକ୍ଷ୍ୟ କରେ, ଯେଉଁଥିରେ ମୁଖ୍ୟ ଉପାଦାନ ଏବଂ ଉପକରଣ ଉତ୍ପାଦନ, ଦକ୍ଷତା ବିକାଶ, କ୍ଲିନିକାଲ ଅଧ୍ୟୟନ ପାଇଁ ସହାୟତା, ସାଧାରଣ ଭିତ୍ତିଭୂମିର ବିକାଶ ଏବଂ ଶିଳ୍ପ ପ୍ରୋତ୍ସାହନ ଅନ୍ତର୍ଭୁକ୍ତ। କେନ୍ଦ୍ର ରାସାୟନିକ ଓ ସାର ମନ୍ତ୍ରୀ ଶ୍ରୀ ଜେପି ନଡ୍ଡା ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଏହି ଯୋଜନା ଏକ ଗେମ୍ ଚେଞ୍ଜର ହେବାକୁ ଯାଉଛି ଏବଂ ଏହା କେବଳ ଶିଳ୍ପକୁ ସାହାଯ୍ୟ କରିବ ନାହିଁ ବରଂ ଭାରତକୁ ଆତ୍ମନିର୍ଭରଶୀଳ କରିବାଦିଗରେ ମଧ୍ୟ ଏକ ଲମ୍ବା ପଦକ୍ଷେପ ହେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ 'ଏହି ହସ୍ତକ୍ଷେପ ଗୁଡିକ ଛୋଟ ଦେଖାଯାଇପାରେ କିନ୍ତୁ ଫଳାଫଳ ବଡ ଅଟେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏକ କ୍ରିୟାଶୀଳ ସରକାର ଏବଂ ପିଏଲଆଇ ଯୋଜନା ନିଜେ ଏକ ଏପରି ଜିନିଷ ଯାହା ନୂତନ ମାର୍ଗ ଖୋଲିଛି। ମନ୍ତ୍ରୀ କହିଛନ୍ତି ଯେ ଏହା କେବଳ ଏକ ଆରମ୍ଭ ଏବଂ ଏହି ପଦକ୍ଷେପ ପାଇଁ ଔଷଧ ବିଭାଗକୁ ଅଭିନନ୍ଦନ ଜଣାଇବା ସହ ଏହି ଯୋଜନାର ସଫଳତା ପାଇଁ ଶିଳ୍ପର ସହଯୋଗ ଲୋଡ଼ିଛନ୍ତି। କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ଏହି ଯୋଜନାର ସଦୁପଯୋଗ କରିବା ପାଇଁ ଶିଳ୍ପକୁ ନିବେଦନ କରିବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ବିଭାଗ ରହିଛି ବୋଲି ଶିଳ୍ପସଂସ୍ଥାକୁ ଆଶ୍ୱାସନା ଦେଇଛନ୍ତି। ଏହି ଅବସରରେ ରସାୟନ ଓ ସାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ କହିଛନ୍ତି ଯେ ଏହି ଯୋଜନା ଚିକିତ୍ସା ଉପକରଣର ସମଗ୍ର କ୍ଷେତ୍ରକୁ ପ୍ରୋତ୍ସାହନ ଦେବ। ସେ ଆହୁରି ମଧ୍ୟ କହିଛନ୍ତି ଯେ 'ମେଡିକାଲ ଡିଭାଇସ୍ ସ୍ୱାସ୍ଥ୍ୟସେବା ଶିଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ପାଲଟିଛି ଏବଂ ଆମେ ସେଗୁଡିକୁ ଦୈନନ୍ଦିନ ଜୀବନରେ ପାଇଥାଉ ଏବଂ ଏହାର ଚାହିଦା କ୍ରମାଗତ ଭାବରେ ବୃଦ୍ଧି ପାଉଥିବାରୁ ସମସ୍ତେ ଏହାର ମହତ୍ତ୍ୱ ବିଷୟରେ ଅବଗତ ଅଛନ୍ତି। ସରକାର ଏହି ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଏବଂ ଯୋଜନାବଦ୍ଧ ସହାୟତା ମଧ୍ୟ ଡିଜାଇନ୍ କରୁଛନ୍ତି।



## ଛଟ୍ ପର୍ବ ଐର୍ଘ୍ୟର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୮।୧୧:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳ ଅର୍ଘ୍ୟର ପବିତ୍ର ପର୍ବ ଛଟ୍ ପୂଜା ଅବସରରେ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି ଏବଂ କହିଛନ୍ତି ଯେ, ଏହି ମହାପର୍ବର ଚାରି ଦିନିଆ ରୀତିନୀତି ନାଗରିକମାନଙ୍କୁ ନୂତନ ଶକ୍ତି ଏବଂ ଉତ୍ସାହରେ ଭରି ଦେଇଥାଏ । ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି :"ଛଟ୍ ମହାପର୍ବର ଚାରି ଦିନିଆ ରୀତିନୀତିରେ ପ୍ରକୃତି ଏବଂ ସଂସ୍କୃତିର ଯେଉଁ ଝଲକ ଦେଖିବାକୁ ମିଳିଛି, ତାହା ଦେଶବାସୀଙ୍କ ମଧ୍ୟରେ ଏକ ନୂତନ ଶକ୍ତି ତଥା ଉତ୍ସାହ ଭରିବାକୁ ଯାଉଛି । ସକାଳ ଅର୍ଘ୍ୟର ଏହି ପବିତ୍ର ପର୍ବ ଅବସରରେ ଦେଶବାସୀଙ୍କୁ ବହୁତ ଶୁଭକାମନା ।"

## ଗଜପତିକୁ ପୋଷ୍ୟ ଜିଲ୍ଲା ଭାବରେ ଗ୍ରହଣ କଲେ ମନ୍ତ୍ରୀ



**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ମତ୍ସ୍ୟ, ପ୍ରାଣୀସଂପଦ ଓ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲିକ ଗଜପତି ଜିଲ୍ଲାକୁ ଆସନ୍ତା ୫ ବର୍ଷ ପାଇଁ ପୋଷ୍ୟ ଜିଲ୍ଲା ଭାବରେ ଗ୍ରହଣ କରିଛନ୍ତି । ଏହି ଜିଲ୍ଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ତାଙ୍କ ବିଭାଗ ଓ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଛନ୍ତି । ଆଜି ପୂର୍ବାହ୍ନରେ ଗଜପତି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସଂପଦ ମେଳା ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ମଲ୍ଲିକ ବିଭିନ୍ନ ହିତାଧ୍ୟାକାରୀ ସରକାରୀ ଯୋଜନାର ସୁଫଳ ପାଇବା ଦିଗରେ ବିଭାଗ ଯତ୍ନବାନ ବୋଲି ପ୍ରକାଶ କରିଛନ୍ତି । ସ୍ଥାନୀୟ ଗଜପତି ଷ୍ଟାଡିୟମଠାରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ମେଳାରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ ମାଛଚାଷ, କୁକୁଡ଼ା, ଘୁଷୁରୀ ଓ ଗୋପାଳନ ଭଳି ବିଭିନ୍ନ ଉଦ୍ୟୋଗରେ ସାମିଲ ହୋଇ ଚାଷୀମାନେ ସେମାନଙ୍କ ଅର୍ଥନୈତିକ ବିକାଶକୁ ସୁନିଶ୍ଚିତ କରିପାରିବେ ଏବଂ ଏଥି ପାଇଁ ବ୍ୟାଙ୍କ ତଥା ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ । ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ କ୍ଷେତ୍ରରେ ବୃନ୍ଦ ଅଭିବୃଦ୍ଧି ସମେତ ଜିଲ୍ଲାର ବିକାଶ ନିମନ୍ତେ ସେ ସ୍ଥାନୀୟ ଜନପ୍ରତିନିଧି, ଜିଲ୍ଲା ପ୍ରଶାସନ, ସାଧାରଣ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ମୋହନ ବିଧାୟକ ଦାଶରଥ ଗମାଙ୍ଗ, ପାରଲା ଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ତୃଣମୂଳସ୍ତରରୁ ସରକାରୀ କାର୍ଯ୍ୟକ୍ରମ ସଂପର୍କିତ ସଚେତନତାକୁ ବ୍ୟାପକ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ମେଳା ୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାର ଶ୍ରେଷ୍ଠ ଚାଷୀ ଭାବେ କୋଟାଦେବ ରାଜୁ, ମୋହନା ବ୍ଲକ୍‌ର ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ, ଗୁମ୍ମା ବ୍ଲକ୍‌ର ଶଙ୍କରୀ ଶବର ଓ ମୋହନା ବ୍ଲକ୍ ଜଜଳେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ବିଦ୍ୟାଳୟରେ ମିଳିବ ଉନ୍ନତମାନର ମଧ୍ୟାହ୍ନ ଭୋଜନ




**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଅଧିକାରୀମାନଙ୍କୁ ନେଇ ଆୟୋଜନ କରାଯାଇଥିଲା । କୃଷି ଭବନର ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଯାଇଛି । ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ, ବିଶ୍ୱ ଖାଦ୍ୟ ସଂଗଠନ ଏବଂ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପ୍ରାରମ୍ଭରେ ରାଜ୍ୟ ସଂଯୋଜକ ଅଧିକାରୀ ଶ୍ରୀଯୁକ୍ତ ରଘୁରାମ୍ ଆର୍ ଆୟାର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଜିଲ୍ଲା ଅଧିକାରୀମାନଙ୍କ କାର୍ଯ୍ୟକାରିତା ଶୈଳୀ ବୃଦ୍ଧି ଓ ବିଭିନ୍ନ ସଚେତନତା ବିଷୟରେ ଆଲୋକପାତ କରିଥିଲେ । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଜ୍ୟ ମୁଖ୍ୟ ଶ୍ରୀ ହିମାଂଶୁ ବଳ ମଧ୍ୟାହ୍ନ ଭୋଜନର ପ୍ରସ୍ତୁତି ସମୟରେ ସ୍ୱଚ୍ଛତା, ପ୍ରଣାଳୀ, ଆବର୍ଜନା ପରିଚାଳନ ଏବଂ ପୋଷଣ ଉଦ୍ୟାନ ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ଦ୍ୱାରା ସରକାରଙ୍କ ସମଗ୍ର ରାଜ୍ୟରେ ପୁଷ୍ଟିହୀନତାର ମୁକାବିଲା ଏବଂ ବିଦ୍ୟାଳୟରେ ଉପସ୍ଥାପନା ବୃଦ୍ଧି କରିବା ଦିଗରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ଅଧୀନରେ ପାଚିକା -ତଥା-ସହାୟିକାମାନଙ୍କୁ ବ୍ଲକସ୍ତରରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଦେବା ନିମନ୍ତେ ସମସ୍ତ ଜିଲ୍ଲାରୁ ମୋଟ୍ ୧୬୦ ଜଣ ଜିଲ୍ଲା ଅଧିକାରୀ ତଥା ବିଇଓ, ଏବିଇଓ, ସି.ଆର୍. ସି.ସି ଏବଂ ପ୍ରଧାନ ଶିକ୍ଷକମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଦୁଇଟି ପର୍ଯ୍ୟାୟରେ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ରୋଷେଇ ପ୍ରଣାଳୀ, ନିରାପଦ ଭୋଜନ ପ୍ରସ୍ତୁତି, ଗୁଣବତ୍ତା, ଉନ୍ନତମାନର ସାମଗ୍ରୀ, ଆବର୍ଜନା ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପୁଷ୍ଟି ଉଦ୍ୟାନ ଉପଯୋଗିତା, ପରିମଳ, ଆହାର ବିବିଧତା, ରକ୍ତହୀନତା ହ୍ରାସ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିଶ୍ୱନାଥ ତରାଇ ବିଦ୍ୟାଳୟ ପରିଦର୍ଶନ ସମୟର ନିଜର ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିବା ସହ ଉପଶାସନ ସଚିବ ଶ୍ରୀମତୀ ରଞ୍ଜିତା ମେରି ନାୟକ ଅତିଥିବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପ୍ରଶିକ୍ଷଣର ମୂଲ୍ୟାଙ୍କନ ନିମନ୍ତେ ମତାମତ ଗ୍ରହଣ କରାଯାଇଥିଲା ।

## ୨୦୩୦ ସୁଦ୍ଧା ଅର୍ଦ୍ଧାଧିକ ଜନସଂଖ୍ୟା ବ୍ୟବହାର କରିବେ ୫-ଜି ସେବା

**ନୂଆଦିଲ୍ଲୀ,୮।୧୧:** ୫-ଜି'ର ଦ୍ରୁତ କାର୍ଯ୍ୟକାରିତା ଏବଂ ଗ୍ରହଣୀୟତା ସହିତ ଭାରତ ଏକ ପରିବର୍ତ୍ତନକାରୀ ଡିଜିଟାଲ ବିପ୍ଳବର ଦ୍ୱାରଦେଶରେ ଛିଡ଼ା ହୋଇଛି। ୨୦୩୦ ସୁଦ୍ଧା ଦେଶର ଅର୍ଦ୍ଧାଧିକ ଜନସଂଖ୍ୟା ୫-ଜି ସେବା ବ୍ୟବହାର କରୁଥିବେ ବୋଲି ଜିଏସଏମଏ ରିପୋର୍ଟରୁ ଜଣାପଡ଼ିଛି। ବ୍ୟାପକ ସରକାରୀ ପ୍ରୟାସ, ଭିତ୍ତିଭୂମିରେ ନିବେଶ ଏବଂ ନୀତିଗତ ସଂସ୍କାର ୫-ଜିର ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବ। ଏହି ପରିବର୍ତ୍ତନ ଭାରତକୁ ଏକ ଡିଜିଟାଲ-ପ୍ରଥମ ରାଷ୍ଟ୍ରରେ ପରିଣତ କରିବା ସହିତ ମୋବାଇଲ ପ୍ରଯୁକ୍ତିକୁ ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଓ ପ୍ରଶାସନ କ୍ଷେତ୍ରରେ ସୁଧାର ଆଣିବା ପାଇଁ ବ୍ୟବହାର କରାଯାଇପାରିବ। ୫-ଜି ପ୍ରଯୁକ୍ତି ୨୦୨୩ରୁ ୨୦୪୦ ମଧ୍ୟରେ ଭାରତୀୟ ଅର୍ଥବ୍ୟବସ୍ଥାରେ ପ୍ରାୟ ୩୬.୪ ଲକ୍ଷ କୋଟି ଟଙ୍କାର ଯୋଗଦାନ ଦେବ ଏବଂ ଏହା ୨୦୨୪୦ ସୁଦ୍ଧା ଦେଶର ଜିଡିପିରେ ୦.୬% ପ୍ରତିଶତରୁ ଅଧିକ ଅଂଶ ହାସଲ କରିବ।

# ଏଫ୍‌ପିଓ ବଜାର ସହାୟତା ଉପରେ କର୍ମଶାଳା




**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ ର କୃଷକ ଉତ୍ପାଦକ ସଂଗଠନ ପାଇଁ ସେଣ୍ଟର ଅଫ୍ ଏକ୍ସଲେନ୍ସ "ଏଫପିଓ ପାଇଁ ମାର୍କେଟିଂ ସହାୟତା" ଉପରେ ଏକ ରାଜ୍ୟ ସ୍ତରୀୟ କର୍ମଶାଳା ଆୟୋଜନ ହୋଇଯାଇଛି । ଏହି ସମାବେଶରେ ସରକାରୀ କର୍ମଚାରୀ, ଶିଳ୍ପ ବିଶେଷଜ୍ଞ ଏବଂ ଅନେକ ଏଫ୍‌ପିଓ ପ୍ରତିନିଧୀଙ୍କ ସମେତ ପ୍ରମୁଖ ହିତାଧିକାରୀମାନେ ଏକତ୍ରିତ ହୋଇ ଏଫପିଓ ର ବଜାର ପ୍ରବେଶ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ କାର୍ଯ୍ୟକ୍ଷମ ସ୍ଥିରତା ବୃଦ୍ଧି ପାଇଁ ଉଦ୍ଦିଷ୍ଟ ଅଭିନବ ରଣନୀତି ଏବଂ ସହଯୋଗ ବିଷୟରେ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେପ୍ରଫେସର ପି.କେ.ରାଉଳ, ବିଶ୍ୱବିଦ୍ୟାଳୟର ଉପ-କୁଳପତି, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପାଭନ କଲ୍ୟାଣ, ପୂର୍ବତନ ମୁଖ୍ୟଶାସନସଚିବ ବିଜୟ କୁମାର ପଟ୍ଟନାୟକ, ଓୟୁଏଟିର ଡିନ୍ ପ୍ରଫେସର ପି.ଜେ ମିଶ୍ର ଏବଂ ଡକ୍ଟର ସର୍ବାଣୀ ଦାସ, ଯୁଗ୍ମ ନିର୍ଦ୍ଦେଶକ ଏକ୍ସଟେନ୍ସନ୍ (ସୂଚନା) ସମେତ ବିଶିଷ୍ଟ ବକ୍ତାମାନେ ଯୋଗ ଦେଇଥିଲେ, ଯେଉଁମାନେ ଏଫପିଓ ପାଇଁ ବଜାର ପ୍ରବେଶକୁ ବିସ୍ତାର କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ନିଖିଲ ପାଭନ କଲ୍ୟାଣ ସରକାରୀ ନୀତିର ଭୂମିକା ଉପରେ ଆଲୋକପାତ କରିଥିବାବେଳେ ପ୍ରଫେସର ପି.କେ.ରାଉଳ, ସ୍ଥାୟୀ ବଜାର ସଂଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ରଫେସର ପି.ଜେ ମିଶ୍ର କୃଷି କ୍ଷେତ୍ରରେ ସହଯୋଗର ଗୁରୁତ୍ୱକୁ ସୂଚିତ କରିଛନ୍ତି।

# ପର୍ଯ୍ୟଟନକ୍ଷେତ୍ରର ବିକାଶ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପ୍ରମୁଖ ସ୍ତମ୍ଭ

## ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ଅପାର ସୁଯୋଗ ଓ ସମ୍ଭାବନା



**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ବୁଧବାର ଦିନ ୱାର୍ଲଡ ଟ୍ରାଭେଲ ମାର୍କେଟର ଅନ୍ତିମ ଦିବସରେ ପର୍ଯ୍ୟଟନ ଓଡ଼ିଶୀ: ଡାଏସପୋରା ଏବଂ ଇଣ୍ଡଷ୍ଟ୍ରି ନେତାଙ୍କ ସହ ସମ୍ପର୍କକୁ ମଜବୁତ କରିବା' ଶୀର୍ଷକ ଏକ ବିଶେଷ କାର୍ଯ୍ୟକ୍ରମରେ ମାନନୀୟା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗଦେଇ ବିଦେଶରେ ଓଡିଶାର ସମୃଦ୍ଧ କଳା, ସଂସ୍କୃତି ଏବଂ ଭାଷାକୁ ପ୍ରୋତ୍ସାହିତ କରିବା ସହ ଏହାର ପ୍ରଚାର ଏବଂ ପ୍ରସାରରେ ପ୍ରବସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ସୁଯୋଗ ଓ ସମ୍ଭାବନାର ଅଭାବ ନାହିଁ। ଓଡ଼ିଶାର ପ୍ରତ୍ୟେକ ପର୍ଯ୍ୟଟନ କ୍ଷେତ୍ର ନିକଟରେ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର ସାମର୍ଥ୍ୟ ରହିଛି। ପର୍ଯ୍ୟଟନକ୍ଷେତ୍ରର ବିକାଶ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ପ୍ରମୁଖ ସ୍ତମ୍ଭ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । ଅଧିବେଶନରେ ଓଡ଼ିଶା ସରକାରଙ୍କ ନିବେଶ ଅନୁକୂଳ ନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଘରୋଇ ତଥା ଆନ୍ତର୍ଜାତୀୟ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ସ୍ୱତନ୍ତ୍ର ଭାବରେ ପରିକଳ୍ପିତ ଆଇନ ଏବଂ ବ୍ୟବସ୍ଥା ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ସୂଚନା ଦେଇଥିଲେ । ବିଶ୍ୱ ପର୍ଯ୍ୟଟନରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ ଏବଂ ନୂତନ ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବା ସହ ଏହି କାର୍ଯ୍ୟକ୍ରମ ପ୍ରବାସୀ ଭାରତୀୟ ଏବଂ ଶିଳ୍ପପତିମାନଙ୍କ ପାଇଁ ପର୍ଯ୍ୟଟନର ବିକାଶ ତଥା ପ୍ରୋତ୍ସାହନରେ ଓଡିଶା ସହ ସହଯୋଗ କରିବାକୁ ଏକ ଖୋଲା ନିମନ୍ତ୍ରଣ ଭାବରେ କାର୍ଯ୍ୟ କରିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ। ଏହି ପରିପ୍ରେକ୍ଷୀରେ ଓଡିଶା ପର୍ଯ୍ୟଟନର ବିକାଶ ଏବଂ ଓଡ଼ିଶାରେ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ପ୍ରତିଷ୍ଠିତ ବ୍ୟବସାୟିକ ସଂସ୍ଥା ଏବଂ ସମ୍ଭାବ୍ୟ ନିବେଶକମାନଙ୍କ ସହିତ ଦୁଇଟି ସ୍ୱତନ୍ତ୍ର ରାଉଣ୍ଡ ଟେବୁଲ୍ ଆଲୋଚନା ମଧ୍ୟ କରାଯାଇଥିଲା।

## ଖୁଆଡ଼ ଭାଙ୍ଗି ଦନ୍ତା ଚମ୍ପଟ

**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** କପିଳାସ ଚିଡ଼ିଆଖାନା ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ଅଭାବନୀୟ ଘଟଣା। କ୍ରଲ (କାଠ ଖୁଆଡ଼) ଭାଙ୍ଗି ପଳେଇଲା ଦନ୍ତା। ଉତ୍ପାତି ଦନ୍ତାକୁ ଧରିବା ପାଇଁ ବନ ବିଭାଗ ଅଭିଯାନ ଆରମ୍ଭ ହୋଇଛି। ଅପରପକ୍ଷରେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବାରିପଦା ବନଖଣ୍ଡରୁ ଉତ୍ପାତିଆ ଦନ୍ତାହାତୀଟି ଗତ ସେପ୍ଟେମ୍ବର ୨୭ରେ କପିଳାସ ଆସିଥିଲା।

## ୱାର୍କ-ଚାର୍ଜଡ୍ କର୍ମଚାରୀଙ୍କୁ ପେନ୍‌ସନ୍ ଦିଅ

**କଟକ,୮।୧୧ (ସଂଚାର ବ୍ୟୁରୋ):** ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ୱାର୍କ-ଚାର୍ଜଡ୍ କର୍ମଚାରୀଙ୍କୁ ପେନ୍‌ସନ୍ ଦେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀମାନେ ଅଦାଲତଙ୍କ ଆଦେଶ କପି ପାଇବାର ୧୫ଦିନ ମଧ୍ୟରେ ରାଜ୍ୟ ସରକାରଙ୍କୁ ପେନ୍‌ସନ୍ ପାଇବା ପାଇଁ ସ୍ମାରକପତ୍ର ପ୍ରଦାନ କରିବେ । ଏହି ସ୍ମାରକପତ୍ର ପାଇବାର ତିନି ମାସ ମଧ୍ୟରେ ରାଜ୍ୟ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ହରିହର ମିଶ୍ର ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀମାନେ ବିଭିନ୍ନ ଇଞ୍ଜିନିୟରିଂ ସେକ୍ସନ୍‌ରେ ଡିଏଲ୍‌ଆର୍ ଭାବେ କାର୍ଯ୍ୟ କରୁଥିଲେ। ପରେ ରାଜ୍ୟ ସରକାର ସେମାନଙ୍କୁ ୱାର୍କ-ଚାର୍ଜଡ୍ ଭାବେ ନିଯୁକ୍ତି ଦେଇଥିଲେ। ସେମାନେ ନିଜ ପଦରେ ୧୦ବର୍ଷ କାର୍ଯ୍ୟ କରିବା ସହ ରେଗୁଲାର୍ ମାନ୍ୟତା ପାଇଥିଲେ। କିନ୍ତୁ ସେମାନଙ୍କୁ ପେନ୍‌ସନ୍ ସୁବିଧା ନ ମିଳିବାରୁ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ମାମଲାର ଶୁଣାଣି ଚାଲିଥିଲାବେଳେ ଅନ୍ୟ ଏକ ମାମଲା ସୁପ୍ରିମ୍‌କୋର୍ଟକୁ ଯାଇଥିଲା। ଯେଉଁଥିରେ ଜଣେ ୱାର୍କ-ଚାର୍ଜଡ୍ କର୍ମଚାରୀଙ୍କୁ ହାଇକୋର୍ଟ ପେନ୍‌ସନ୍ ଦେବାଲାଗି ନିର୍ଦ୍ଦେଶ ଦେବାପରେ ଉକ୍ତ ଆଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟକୁ ଯାଇଥିଲେ । ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାରଙ୍କ ଉକ୍ତ ଆବେଦନକୁ ଖାରଜ କରି ଦେଇଥିଲେ। ସୁପ୍ରିମ୍‌କୋର୍ଟଙ୍କ ଆଦେଶ ସଂକ୍ରାନ୍ତରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଉକ୍ତ ଆଦେଶ ଆଧାରରେ ରାଜ୍ୟ ସରକାର ୱାର୍କ-ଚାର୍ଜଡ୍ କର୍ମଚାରୀଙ୍କୁ ପେନ୍‌ସନ୍ ଦେବାଲାଗି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମନୋଜ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲାବେଳେ ଦିଲ୍ଲୀପ ପଟ୍ଟନାୟକ ସହଯୋଗ କରୁଥିଲେ।

## ଛାତ୍ରୀଙ୍କୁ ଗଣଦୁଷ୍କର୍ମ:ବୟଫ୍ରେଣ୍ଡ ସହ ୬ଗିରଫ



**କଟକ,୮।୧୧(ସଂଚାର ବ୍ୟୁରୋ):** ବୟଫ୍ରେଣ୍ଡ ଦେଇଥିଲା ବିଶ୍ୱାସରେ ବିଷ ! ଆପତ୍ତିଜନକ ଭିଡିଓ ଦେଖାଇ ବ୍ଲାକମେଲିଂ ! କଲେଜ ଛାତ୍ରୀଙ୍କୁ ବାରମ୍ବାର ଗଣଦୁଷ୍କର୍ମ! ବନ୍ଧାହେଲେ ବୟଫ୍ରେଣ୍ଡ ସହ ୬ଅଭିଯୁକ୍ତ । କଟକରେ ଏଭଳି ସାଂଘାତିକ ଅଭିଯୋଗ ଆସିଛି । ଛାତ୍ରୀଙ୍କ ବୟଫ୍ରେଣ୍ଡ ଓ ତାଙ୍କ ସାଙ୍ଗମାନେ ମିଶି ତାଙ୍କୁ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଆପତ୍ତିଜନକ ଭିଡିଓ ଉଠାଇ ତାଙ୍କୁ ବ୍ଲାକମେଲ କରିବା ସହ ବାରମ୍ବାର ଗଣଦୁଷ୍କର୍ମ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ଅଭିଯୁକ୍ତଙ୍କ ଫୋନ୍ ଜବତ କରି ଏସଏଫଏସଏଲକୁ ପଠାଯିବ ବୋଲି କଟକ ଡିସିପି କହିଛନ୍ତି। ଗତ ଦଶହରା ସମୟରେ କଟକ ପୁରୀଘାଟ ଥାନା ଅଞ୍ଚଳରେ ଏକ କାଫେରେ ଛାତ୍ରୀ ଜଣକ ନିଜ ଜନ୍ମଦିନ ପାଳନ କରିଥିଲେ । ତେବେ ସେଠାରେ ଛାତ୍ରୀଙ୍କ ଅଜାଣତରେ ତାଙ୍କ ଆପତ୍ତିଜନକ ଭିଡିଓ ଉତ୍ତୋଳନ କରିଥିଲା ବୟଫ୍ରେଣ୍ଡ । ଏଥିରେ କାଫେ ଚଳାଉଥିବା ଜଣେ ଯୁବକ ତାଙ୍କୁ ସହଯୋଗ କରିଥିଲେ । ପରେ ଭିଡିଓ ଦେଖାଇ ଛାତ୍ରୀଙ୍କୁ ବ୍ଲାକମେଲିଂ କରାଯାଇଥିବା ଅଭିଯୋଗ ହୋଇଛି । ଭିଡିଓ ଦେଖାଇ ଛାତ୍ରୀଙ୍କ ବୟଫ୍ରେଣ୍ଡ ଓ କାଫେ ମାଲିକ ତାଙ୍କୁ ବାରଙ୍ଗ ଅଞ୍ଚଳର ଏକ ଘରେ ଗଣଦୁଷ୍କର୍ମ କରିଥିଲେ । ଛାତ୍ରୀଙ୍କୁ ଦୁଇ ଦୁଇ ଥର ଗଣଦୁଷ୍କର୍ମ କରାଯାଇଥିଲା । ଏନେଇ କଟକ ବାଦାମବାଡି ଥାନାରେ ଅଭିଯୋଗ ହୋଇଛି। ବନ୍ଧାହେଲା ବିଶ୍ୱାସଘାତକ ବୟଫ୍ରେଣ୍ଡ ବ୍ଲାକମେଲିଂ କରି ଗଣଦୁଷ୍କର୍ମ ଅଭିଯୋଗରେ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ୪ତାରିଖରେ ବାଦାମବାଡି ଥାନାରେ ମାମଲା ରୁଜୁ ହୋଇଥିଲା । ୫ତାରିଖରେ ୩ଜଣ ଓ ୬ତାରିଖରେ ଆଉ ୩ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ରହିଥିବା କଟକ ଡିସିପି ଜଗମୋହନ ମୀନା କହିଛନ୍ତି । ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ ଏସସି ଏସଟି ଆକ୍ଟ ଓ ଆଇଟି ଆକ୍ଟ ଲାଗିଛି । ସମସ୍ତଙ୍କ ମୋବାଇଲ ସିଜ୍ କରି ଏସଏଫଏସଏଲକୁ ପଠାଯିବ । ଫୋନରେ ରହିଥିବା ଭିଡିଓ ନେଇ ଯାଞ୍ଚ କରାଯିବ । ଅନ୍ୟ କାହାକୁ ଅଭିଯୁକ୍ତ ଭିଡିଓ ପଠାଇଛନ୍ତି କି ନାହିଁ, ସେନେଇ ତଦନ୍ତ କରାଯାଉଛି। ବାଦାମବାଡି ଥାନାରେ ଅଭିଯୋଗ ହେବା ପରେ କଟକ ପୋଲିସ ତୁରନ୍ତ ଆକ୍ସନ ମୋଡକୁ ଆସିଥିଲା । ଆଇଆଇସି ବାଦାମବାଡି ଓ ପୁରୀଘାଟଙ୍କୁ ନେଇ ସ୍ପେଶାଲ ଟିମ୍ କରାଯାଇଥିଲା । ଫଳରେ ଅଭିଯୋଗର ମାତ୍ର ଦୁଇ ଦିନ ଭିତରେ ହିଁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ୪ଜଣ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରିଥିବା ବେଳେ ଅନ୍ୟ ଦୁଇଜଣ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି । ଏଭଳି କୌଣସି ଯୁବତୀ ବ୍ଲାକମେଲିଂରେ ଫସିଥିଲେ ଭୟ ନକରି

# ଜମି ସାର୍ଟିଫିକେଟ୍:ଟଙ୍କା ବୁଡିବା ଆଶଙ୍କା

**ଭୁବନେଶ୍ୱର,୮।୧୧:** ସହରାଞ୍ଚଳରେ ବହୁ ଆଡମ୍ବରରେ ବଣ୍ଟନ ହୋଇଥିବା ଜମି ସାର୍ଟିଫିକେଟ ଏବେ କାମରେ ଆସୁନାହିଁ। ପ୍ରମାଣପତ୍ର ପାଇଥିବା ଲୋକଙ୍କୁ ଜମି ମିଳୁନଥିବାବେଳେ ସେମାନେ ପଇଠ କରିଥିବା ଟଙ୍କା ବୁଡିଯିବା ଆଶଙ୍କାରେ ଚିନ୍ତାରେ ଅଛନ୍ତି। ରାଜ୍ୟର ସହରାଞ୍ଚଳର ବସ୍ତିଗୁଡିକରେ ବସବାସ କରୁଥିବା ଲୋକଙ୍କୁ ଜମିର ମାଲିକାନା ଦେବାପାଇଁ ଏହି ସାର୍ଟିଫିକେଟ ବଣ୍ଟନ ହୋଇଥିଲା। ପ୍ରଥମେ ଏଥିପାଇଁ ଘରୋଇ ସଂସ୍ଥା ସହାୟତାରେ ସର୍ଭେ କରାଯାଇଥିଲା। ପରେ ଜମି ପଟ୍ଟା ଦିଆଯାଇଥିଲା। ହେଲେ ଏଥିରେ ବିବାଦ ଦେଖା ଦେବାରୁ ପଟ୍ଟା ବଦଳରେ ଏହାକୁ ସାର୍ଟିଫିକେଟ କହି ବଣ୍ଟନ କରିଥିଲେ। ଏଥିପାଇଁ ବସ୍ତି ବାସିନ୍ଦାଙ୍କ ଠାରୁ ମୋଟା ଅଙ୍କର ଟଙ୍କା ସରକାରୀ ତହବିଲକୁ ଯାଇଥିଲା। ସରକାରୀ ତହବିଲକୁ ଟଙ୍କା ପଇଠ ସହ ଜାଗାଟିଏ ପାଇବାପାଇଁ ବସ୍ତିବାସିନ୍ଦାମାନେ ଭଲ ରକମର ହାତଗୁଞ୍ଜା ବି ଦେଇଥିଲେ। ମଞ୍ଚ ଉପରେ ନେତା-ଅଫିସରଙ୍କ ହାତରୁ ସାର୍ଟିଫିକେଟିଏ ଗ୍ରହଣ କରିଥିଲେ। ଏହାପରେ ଭାବିଥିଲେ ଜମିର ମାଲିକ ହେଲେ ଏବଂ ବ୍ୟାଙ୍କ୍‌ରୁ ଋଣ ଆଣି ସ୍ୱପ୍ନର ଘରଟିଏ କରିବେ। ହେଲେ ଏହି ସ୍ୱପ୍ନ ଏବେ ଧୂଳିସାତ ହେବାରେ ଲାଗିଛି। କାରଣ ସାର୍ଟିଫିକେଟରେ ଜମିର ଆକାର ଉଲ୍ଲେଖ ଥିଲେ ମଧ୍ୟ ସେମାନଙ୍କର ଜମିଟି ବସ୍ତି ଭିତରେ କେଉଁଠାରେ ରହିଛି ତାହା ଜାଣିପାରୁ ନାହାନ୍ତି। ଏପରିକି ସେମାନଙ୍କ ଜମିରେ ଏବେ କେଉଁମାନେ ଘର କରି ରହିଛନ୍ତି ତାହା ବି ଅଜଣା। ଯେଉଁମାନେ ଘର କରି ରହିଛନ୍ତି ସେମାନେ ଏବେ ସ୍ଥାନ ଛାଡିବାକୁ ନାରାଜ। ତେଣୁ ଜମି ଦଖଲକୁ କିଭଳି ନେବେ ସେହି ଚିନ୍ତାରେ ଏବେ ସାର୍ଟିଫିକେଟଧାରୀମାନେ ରହିଛନ୍ତି। ଏଣେ ଯେଉଁମାନେ ରହୁଥିବା ଜମିର ସାର୍ଟିଫିକେଟ ପାଇଛନ୍ତି ସେମାନଙ୍କୁ ଋଣ ଦେବାକୁ ବ୍ୟାଙ୍କ୍ ରାଜି ହେଉନାହିଁ। କାରଣ ଏହି ସାର୍ଟିଫିକେଟଟି ଜମିର ପ୍ରମାଣପତ୍ର ହୋଇନଥିବାରୁ କେଉଁ ଆଧାରରେ ଋଣ ଦେବେ ତାହା ବ୍ୟାଙ୍କ୍ କର୍ତ୍ତୃପକ୍ଷ ଜାଣିପାରୁ ନାହାନ୍ତି। ସବୁଠାରୁ ସମସ୍ୟା ହୋଇଛି ଯେଉଁବସ୍ତିରେ ଘର ମାଲିକ ଭଡାଟିଆଙ୍କ ନାଁରେ ସାର୍ଟିଫିକେଟ କରିଦେଇଛନ୍ତି। ସେଠାରେ ଏବେ ମହାଭାରତ ଅବସ୍ଥା। ଗୋଟିଏ ପଟେ ଭଡାଟିଆମାନେ ଲକ୍ଷାଧିକ ଟଙ୍କା ସରକାରଙ୍କ ନିକଟରେ ପଇଠ କରି ସାଟର୍ଫିକେଟ ପାଇଥିବାବେଳେ ଘର ମାଲିକ ସେମାନଙ୍କୁ ଜମି ଚିହ୍ନଟ କରି ଦେବାକୁ ନାରାଜ। ଫଳରେ ଏଭଳି ଭାବେ ସାର୍ଟିଫିକେଟ ପାଇଥିବା ଅଧିକାଂଶ ଲୋକେ ନିଜ ପଇସା ବୁଡିବା ଆଶଙ୍କାରେ ରହିଛନ୍ତି। ଅନ୍ୟ ପକ୍ଷରେ ପୂର୍ବରୁ ଯେଭଳି ଭାବେ ଘର ମାଲିକଙ୍କୁ ଭଡା ଗଣୁଥିଲେ ଏବେ ସେଭଳି ଭାବେ ଭଡା ଗଣୁଛନ୍ତି। କେବଳ ରାଜଧାନୀ ନୁହେଁ ସାର୍ଟିଫିକେଟ ପାଇଥିବା ରାଜ୍ୟର ପ୍ରାୟ ସମସ୍ତ ପୌରାଞ୍ଚଳରେ ଏଭଳି ଅବସ୍ଥା। ପ୍ରଥମେ ସର୍ଭେ ଓ ପରେ ଆଡମ୍ବରପୂର୍ଣ୍ଣ ସଭା ଆୟୋଜନରେ ଯେଉଁମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ସେମାନେ ଏବେ ପଇସାଟିଏର ଲାଭ ନପାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ସମ୍ପୂର୍ଣ୍ଣ ସମର୍ପଣ-ଭୂମକୁ କ'ଣ କିଏ କେବେ
ପାଇଛି ଛଳନାର ଆଶ୍ରାନେଇ ନା ଧନର
ପରିତୋଷ ଦେଇ ବା ମମତାର ଅହମିକା
ଦେଖାଇ, କେବଳ ପାଇଛି ସିଏ ଭୂମକୁ ଯିଏ
ସମର୍ପି ଦେଇଛି ତା'ର ସରଳ ମନଟିକୁ ପୂରାପୁରି।

SANCHAR
ସଂଚାର

୪ ଶନିବାର ୯ ନଭେମ୍ବର ୨୦୨୪, ଭୁବନେଶ୍ୱର
Saturday 9 November 2024 Bhubaneswar

# ଟ୍ରୁଡୋଙ୍କ ଅଭିଯୋଗ ନିରାଧାର

କାନାଡ଼ାର ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ସମସ୍ତେ ଅବଗତ। ଏହାର କାରଣ ଅନେକ ଥାଇପାରେ। ପ୍ରଥମତଃ ସେ କାନାଡ଼ାରେ ବସବାସ କରୁଥିବା ଶିଖ ଧର୍ମାବଲମ୍ବୀ ବିଶେଷ କରି ଭାରତୀୟ ବଂଶୋଦ୍ଭବଙ୍କ ରାଜନୈତିକ ସମର୍ଥନ ପାଇଁ ଏଭଳି କରନ୍ତି। କାନାଡ଼ାରେ ବସବାସ କରୁଥିବା ଅଧିକାଂଶ ଶିଖ ଧର୍ମାବଲମ୍ବୀ ହେଉଛନ୍ତି ଖଲିସ୍ତାନ ସମର୍ଥକ। ସେମାନଙ୍କୁ ଖୁସି କରିବା ପାଇଁ ସେ ସର୍ବଦା ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଆସୁଛନ୍ତି। ତାଙ୍କ ସମୟରେ ଭାରତ-କାନାଡ଼ା ସମ୍ପର୍କରେ ତିକ୍ତତା ଚରମ ସୀମାରେ ପହଞ୍ଚିଛି। ଏବେ ଏହା ଅତି ମାତ୍ରାରେ ବୃଦ୍ଧି ପାଉଛି। ପରିସ୍ଥିତି ଏପରି ହୋଇଛି ଯେ, ଭାରତ କାନାଡ଼ାସ୍ଥିତ ନିଜ ଦୂତାବାସରୁ ରାଷ୍ଟ୍ରଦୂତଙ୍କୁ ଫେରାଇ ଆଣିଛି। ନୂଆଦିଲ୍ଲୀସ୍ଥିତ କାନାଡ଼ା ଦୂତାବାସର ୬ଜଣ କର୍ମଚାରୀଙ୍କୁ ଭାରତ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଛି। କାନାଡ଼ା ସରକାର ମଧ୍ୟ ଅନୁରୂପ ପଦକ୍ଷେପ ନେଇଛନ୍ତି। ଭାରତ ବିରୋଧରେ ଟ୍ରୁଡୋଙ୍କ ଅଭିଯୋଗର ପ୍ରତିବାଦରେ ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି। ଗତ ବର୍ଷ ଜୁନରେ କାନାଡ଼ାର ନାଗରିକତ୍ୱ ଗ୍ରହଣ କରିଥିବା ଜଣେ ଖଲିସ୍ତାନୀ ନେତା ହତ୍ୟାର ଶୀକାର ହୋଇଥିଲେ। ତାଙ୍କ ହତ୍ୟାରେ ଭାରତର ସମ୍ପୃକ୍ତି ରହିଛି ବୋଲି ଟ୍ରୁଡୋ ମୂଳରୁ ଅଭିଯୋଗ କରି ଆସିଛନ୍ତି। କିନ୍ତୁ ଏହାର ପ୍ରମାଣ ଉପସ୍ଥାପନରେ ସେ ଆଜି ପର୍ଯ୍ୟନ୍ତ ସଫଳ ହୋଇପାରିନାହାନ୍ତି। ଭାରତ ହେଉଛି ମହାତ୍ମା ଗାନ୍ଧିଙ୍କ ଦେଶ। ଅହିଂସା ହେଉଛି ଏହାର ନୀତି। ଶାନ୍ତି ଏହାର ଆଦର୍ଶ। ବିଶ୍ୱର କୌଣସି ଦେଶରେ ବି ଆତଙ୍କବାଦକୁ ଭାରତ ସମର୍ଥନ କରିନାହିଁ। ଆତଙ୍କବାଦକୁ ବିରୋଧ କରୁଥିବା ଦେଶର ତାଲିକାର ପ୍ରଥମ ସ୍ଥାନରେ ରହିଛି ଭାରତ। ସ୍ୱାଧୀନତା ପରଠାରୁ ଭାରତ ସବୁବେଳେ ଆତଙ୍କବାଦ ବିରୋଧରେ ସଂଘର୍ଷ କରିଆସୁଛି। ଭାରତ ଏକ ସଭ୍ୟ, ଶାନ୍ତିପ୍ରିୟ ରାଷ୍ଟ୍ର। ଏହାକୁ ପାକିସ୍ତାନ ସହ ତୁଳନା କରାଯିବା ଅନୁଚିତ। ଜଷ୍ଟିନ ଟ୍ରୁଡୋ ଏହା ଭଲଭାବେ ଜାଣିଛନ୍ତି। ଏହା ସତ୍ତ୍ୱେ କେବଳ ଭାରତକୁ ନିନ୍ଦିତ କରିବା ଏବଂ ସମାଲୋଚନା କରିବା ପାଇଁ ସେ ବାରମ୍ବାର ନିଜ୍ଜର ଭଳି ଏକ ଆତଙ୍କବାଦୀର ହତ୍ୟା ପାଇଁ ଭାରତକୁ ଦୋଷ ଦେଇ ଆସୁଛନ୍ତି। ନିଜ୍ଜରର ହତ୍ୟା କାନାଡ଼ାରେ ହୋଇଛି। ହତ୍ୟାକାରୀ କାନାଡ଼ାର ବାସିନ୍ଦା ହୋଇଥାଇପାରନ୍ତି। ଏହାର ଅନୁସନ୍ଧାନ କରି ହତ୍ୟାକାରୀକୁ ଧରିବା ଏବଂ ଦଣ୍ଡିତ କରିବା ହେଉଛି କାନାଡ଼ା ପୋଲିସର କାର୍ଯ୍ୟ। ଏଥିରେ ଭାରତ ପ୍ରତିବନ୍ଧକ ସୃଷ୍ଟି କରିନି। ଅପରାଧୀକୁ ଧରିବାରେ ଭାରତ ପ୍ରତିବନ୍ଧକ ସୃଷ୍ଟି କରିନି। ବରଂ ଭାରତର ନାମ ନେଇ ନିଜ ବିଫଳତାକୁ ଲୁଚାଇବା ପାଇଁ ଟ୍ରୁଡୋ ଭାରତ ମୁଣ୍ଡରେ ଅଠା ବୋଳିବା ଦୁର୍ଭାଗ୍ୟଜନକ। ଭାରତରେ ଅନେକ ହତ୍ୟାକାଣ୍ଡ ହୋଇଛି। ଅନେକ ହତ୍ୟା ପଛରେ ବିଦେଶୀ ଶକ୍ତି ବା ଆତଙ୍କବାଦୀଙ୍କ ହାତ ରହିଛି। କିନ୍ତୁ ଭାରତ ସବୁବେଳେ ଅପରାଧୀଙ୍କୁ ନିଜ ଦଣ୍ଡବିଧାନ ସଂହିତା ମାଧ୍ୟମରେ ଧରୁଛି ଏବଂ ଭାରତୀୟ ଆଇନ ଅନୁଯାୟୀ ଦଣ୍ଡିତ କରୁଛି। ଇନ୍ଦିରା ଗାନ୍ଧିଙ୍କ ହତ୍ୟା, ରାଜୀବ ଗାନ୍ଧିଙ୍କ ହତ୍ୟା, ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଅନ୍ତ ସିଂହଙ୍କ ହତ୍ୟା ପାଇଁ ଭାରତ କେବେ ପଡ଼ୋଶୀ ଦେଶକୁ ଅଙ୍ଗୁଳି ନିର୍ଦ୍ଦେଶ କରି ନାହିଁ। ଅଶୀ ଦଶକରେ କାନାଡ଼ାରୁ ଭାରତ ଆସୁଥିବା ଏୟାର ଇଣ୍ଡିଆର ବିମାନ କନିଷ୍କ ଆଟଲାଣ୍ଟିକ ମହାସାଗର ଉପରେ ବିସ୍ଫୋରଣରେ ଉଡ଼ିଗଲା। ଅନେକ ନିରୀହ ବ୍ୟକ୍ତି ପ୍ରାଣ ହରାଇଲେ। ଏଥିରେ କାନାଡ଼ାରେ ଷଡ଼ଯନ୍ତ୍ର ହୋଇଥିଲା। ଏହା କାନାଡ଼ାର ଅଧିବାସୀ ଖଲିସ୍ତାନୀ ମାନେ ଯୋଜନା କରିଥିଲେ। କିନ୍ତୁ ଭାରତର ପ୍ରତିବାଦ ଏବଂ ପର୍ଯ୍ୟାପ୍ତ ପ୍ରମାଣ ଉପସ୍ଥାପନ ସତ୍ତ୍ୱେ କାନାଡ଼ା ସରକାର ଏହା ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। କାନାଡ଼ାରେ ଖଲିସ୍ତାନୀ ସମର୍ଥକମାନେ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ଦିବସକୁ ଉତ୍ସବ ଭାବେ ପାଳନ କରୁଛନ୍ତି। ଏହା କ'ଣ ଟ୍ରୁଡୋଙ୍କୁ ଦେଖାଯାଉନି? କନିଷ୍କ ବିମାନ ବିସ୍ଫୋରଣରେ ଏତେ ନିରୀହ ଲୋକଙ୍କୁ ହତ୍ୟା ଅଧିକ ଜଘନ୍ୟ ନା ନିଜ୍ଜର ଭଳି ଜଣେ ଆତଙ୍କବାଦୀକୁ ଗୁଳି କରି ହତ୍ୟା କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ? କାନାଡ଼ାରେ ଆଗକୁ ସଂସଦୀୟ ନିର୍ବାଚନ ହେବାକୁ ଯାଉଛି। ସେଥିରେ ଶିଖ ସମ୍ପ୍ରଦାୟର ସମର୍ଥନ ହାସଲ ପାଇଁ ସମ୍ଭବତଃ ଟ୍ରୁଡୋ ଭାରତ ବିରୋଧରେ ଏଭଳି ଅଭିଯୋଗ କରୁଛନ୍ତି ଯାହା କଦାପି ଗ୍ରହଣୀୟ ନୁହେଁ।

# ଉଭା ଯେତିକି ପୋତା ସେତିକି

ରାଜ୍ୟରେ ପ୍ରତିଦିନ କେଉଁଠି ନା କେଉଁଠି ସରକାରୀ ଅଧିକାରୀ, ଯନ୍ତ୍ରୀ, ପୋଲିସ ବାବୁ ବା କିରାଣୀ ଭିଜିଲାନ୍ସ ହାତରେ ଧରାପଡ଼ୁଛନ୍ତି। ଅଧିକାଂଶ ସମୟରେ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପରେ ତାଙ୍କ ତାଙ୍କ ଘର ଉପରେ ଚଢ଼ଉ କରାଯାଉଛି। ଭିଜିଲାନ୍ସ ଚଢ଼ଉ ବେଳେ ଆଖି ଖୋସିହେଲା ଭଳି ସମ୍ପତ୍ତି ଧରାପଡୁଛି। ଉଭା ଯେତେ ପୋତା ସେତେ ଭଳି ଉପରକୁ ଯେତିକି ସମ୍ପତ୍ତି ଠାବ ହେଉଛି, ବେନାମୀ ଭାବେ ତାହାଠାରୁ ଢେର ଅଧିକ ରହିଛି। ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ବେଶ ଅୟସ ବିଳାସରେ ଜୀବନ ବିତାନ୍ତି, ଭଲ ଖାଇବା, ପିନ୍ଧିବା ଏବଂ ବୁଲିବାରେ କାଣି ଭଳି ଖର୍ଚ୍ଚ କରନ୍ତି। ଏହାର ହିସାବ ଭିଜିଲାନ୍ସ ପାଖରେ ନାହିଁ। ଟମାଟୋ ଦର ୧୦୦ ଟଙ୍କା ହେଲେ ବି ସେମାନଙ୍କ ପାଇଁ ବିଶେଷ ଫରକ ନାହିଁ। ପେଟ୍ରୋଲ, ଡିଜେଲ ଦର ବଢ଼ିଲେ ସେମାନେ ନିର୍ଲିପ୍ତ ରହନ୍ତି। କାରଣ ସେମାନେ କଳାଧନର ପାହାଡ଼ ଉପରେ ବସିଥାନ୍ତି। କଳାଟଙ୍କା ଖର୍ଚ୍ଚ କରିବାକୁ ସେମାନଙ୍କୁ ଚିନ୍ତା ଏବଂ ଯୋଜନା କରିବାକୁ ପଡ଼ିଥାଏ। ଅନେକ ସମୟରେ ସେମାନେ ଦରବୃଦ୍ଧିରେ ଖୁସି ହୁଅନ୍ତି। ଏହାର କାରଣ ଦୁଇଟି। ପ୍ରଥମ କାରଣ ହେଲା ନିଜର କଳାଟଙ୍କା ଖର୍ଚ୍ଚ ହେବା। ଦ୍ୱିତୀୟରେ ସାଧାରଣ ଲୋକେ ଯେଉଁ ସାମଗ୍ରୀ କିଣିବାକୁ ଅସମର୍ଥ ହୁଅନ୍ତି, ସେମାନେ ଏହାକୁ ସହଜରେ କିଣି ଆତ୍ମବଡ଼ିମା ଦେଖାନ୍ତି। ବାହାରକୁ ଗଲେ ଏମାନେ ପଞ୍ଚତାରକା ହୋଟେଲରେ ରହିବାକୁ ପସନ୍ଦ କରନ୍ତି। ବିମାନ ଯାତ୍ରାଠାରୁ ଆରମ୍ଭ କରି ଅନ୍ୟାନ୍ୟ ବାବଦରେ ବିପୁଳ ଖର୍ଚ୍ଚ କରନ୍ତି। ଦାମୀ ଗାଡ଼ି କିଣିବା ଏମାନଙ୍କର ସଉକ। ସବୁଠାରୁ ବଡ଼ କଥା ହେଲା ଏମାନେ ନିର୍ବାଚନ ବେଳେ ନେତାଙ୍କୁ ମୋଟା ଅଙ୍କର ଚାନ୍ଦା ଦିଅନ୍ତି। ଭଲ ଯାଗାରେ ପୋଷ୍ଟି ହେବାକୁ ଉପରିସ୍ଥ ଅଧିକାରୀ ଏବଂ ନେତାଙ୍କୁ ମଧ୍ୟ ଲାଞ୍ଚ ଦିଅନ୍ତି। ଏମାନଙ୍କ ପାଇଁ ମୁଦ୍ରାସ୍ଫୀତି ବଢ଼ୁଛି। କୌଣସି ସାମଗ୍ରୀର ଦର ବଢ଼ିଲେ ଏମାନେ ଏହାକୁ ସହଜରେ କିଣିପାରନ୍ତି। ତେଣୁ ବେପାରୀ କାହିଁକି ଦର କମାଇବ? ଏଥିରେ ଗରିବ ଓ ସାଧାରଣ ବ୍ୟକ୍ତିଟିଏ ଶୋଷଣରୁ ଶିକାର ହୋଇଥାଏ। ଏହା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଥାଏ। ନିକଟରେ ଲୋୟର ସୁକତେଲ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଯାଞ୍ଚ ବେଳେ ତାଙ୍କର ଯେଉଁ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି ତାହା ଅବିଶ୍ୱାସନୀୟ। ଜଣେ ଲୋକ ନିଜର ଚାକିରୀ କାଳ ଭିତରେ ନ୍ୟାୟସଙ୍ଗତ ଆୟରୁ ଏତେ ସମ୍ପତ୍ତି ଠୁଳ କରିବା ଅସମ୍ଭବ। ତାଙ୍କର ୩୪ଟି ପ୍ଲଟ, ବିପୁଳ ପରିମାଣର ସୁନା, ଘର, ଫ୍ଲାଟ ଏବଂ ଦାମୀ କାର ତଥା ଫାର୍ମ ହାଉସ ରହିଛି। ସେହିପରି ଜଣେ ଯୁଗ୍ମ ଅବକାରୀ କମିଶନରଙ୍କୁ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ବାନ୍ଧିଛି। ତାଙ୍କ କଳାଧନ ଆଗରେ ଯନ୍ତ୍ରୀ ପଛରେ ପଡ଼ିଯିବେ। ଜଟଣୀର ଜଣେ ମହିଳା ସହକାରୀ ଯନ୍ତ୍ରୀ ଠିକାଦାରଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ତାଙ୍କ ବିଳାସପୂର୍ଣ୍ଣ ଜୀବନ ସମ୍ପର୍କରେ ବେଶ ରୋଚକ ତଥ୍ୟ ମିଳିଛି। ଠିକାଦାରଙ୍କ ବିଲ୍ ପାସ୍ କରାଇବା ଲାଗି ସେ କେବଳ ପିସି ଆଦାୟ କରୁନଥିଲେ, ଠିକାଦାରଙ୍କୁ ଇଲିସି ମାଛଠାରୁ ଆରମ୍ଭ କରି ବାଳକାଟି ମଟନ ମଧ୍ୟ ମାଗୁଥିଲେ। ସତେ ଯେମିତି ସରକାର ତାଙ୍କୁ ଦରମା ଦେଉନାହାଁନ୍ତି ବା ଏସବୁ କିଣିବାକୁ ତାଙ୍କର ସାମର୍ଥ୍ୟ ନାହିଁ! ଜଣେ ଠିକାଦାର ଏତେ ଟଙ୍କା ଲାଞ୍ଚ ବାବଦରେ ଖର୍ଚ୍ଚ କଲେ ସେ ନିଜ କାମରେ ନିଶ୍ଚୟ ଠକିବ। ନଚେତ ତାଙ୍କର ଲାଭ କେଉଁଠୁ ବାହାରିବ? ସେ କିପରି ଚଳିବେ? ସେ ଯେଉଁ କାମ ପାଇଁ ପ୍ରାପ୍ୟ ପାଉଛନ୍ତି, ତାହା ସାଧାରଣ ଲୋକଙ୍କ ଟିକସ ଅର୍ଥରୁ ଖର୍ଚ୍ଚ ହେଉଛି। ଅର୍ଥାତ ସାଧାରଣ ଲୋକଙ୍କ ଅର୍ଥକୁ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ ଅପବ୍ୟୟ କରୁଛନ୍ତି। ସେମାନଙ୍କୁ ଲୁଟେରା ବୋଲି କହିଲେ ଭୁଲ ହେବ ନାହିଁ। ଭିଜିଲାନ୍ସ ଯେତିକି ଲୋକଙ୍କୁ ଧରୁଛି, ତାହାର ଶହେ ଗୁଣ ଲୋକ ଦୁର୍ନୀତି କରି ଖସି ଯାଉଛନ୍ତି। ଯେଉଁମାନେ ଭିଜିଲାନ୍ସ ଦ୍ୱାରା ଧରାପଡୁଛନ୍ତି ଏବଂ ସସପେଣ୍ଡ ହେଉଛନ୍ତି, ସେମାନଙ୍କ ଭିତରୁ ଖୁବ କମ ଲୋକ ଦଣ୍ଡିତ ହେଉଛନ୍ତି। ଅଧିକାଂଶ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ, କର୍ମଚାରୀ ବା ଯନ୍ତ୍ରୀ ଆଇନର ଜଲାବାଟରେ ଖସି ଯାଉଛନ୍ତି। ସସପେଣ୍ଡ ହେଲେ ମଧ୍ୟ କିଛି ଦିନ ପରେ ସେମାନେ ପୁଣି ଚାକିରୀରେ ଥଇଥାନ ହେଉଛନ୍ତି ଏବଂ ଅବସର ପରେ ମୋଟା ଅଙ୍କର ପେନସନ ପାଇ ଆରାମରେ ଜୀବନ ବିତାଉଛନ୍ତି। ସେମାନଙ୍କ ପ୍ରତି ଯେଉଁ ଦଣ୍ଡ ବିଧାନ ହେଉଛି ତାହା କିଛି ନୁହେଁ। ଏଥିପ୍ରତି ସାଧାରଣ ଜନତା ସଚେତନ ହେବା ଉଚିତ ଏବଂ ଏଭଳି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କୁ ସାମାଜିକ ବାସନ୍ଦ କରାଯିବା ଉଚିତ। ଏଭଳି ଅଭିଯୁକ୍ତଙ୍କ ବିଚାର ଫାଷ୍ଟଟ୍ରାକ କୋର୍ଟରେ ହେବା ଉଚିତ। ସସପେଣ୍ଡ ନୁହେଁ, ଏମାନଙ୍କୁ ଚାକିରୀରୁ ବହିଷ୍କାର କରାଯିବା ଉଚିତ।

# ରତନ ଟାଟାଙ୍କ ବ୍ୟକ୍ତିତ୍ୱ ଅନେକ ପିଢ଼ି ପାଇଁ ପ୍ରେରଣା



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ




ଶ୍ରୀ ରତନ ଟାଟା ଆମକୁ ଛାଡ଼ି ଚାଲିଯିବାର ଗୋଟିଏ ମାସ ବିତିଗଲାଣି। କୋଳାହଳପୂର୍ଣ୍ଣ ମହାନଗର ଓ ଛୋଟ ସହର ଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ, ତାଙ୍କର ଅନୁପସ୍ଥିତି ସମାଜର ପ୍ରତ୍ୟେକ ସ୍ତରରେ ଅନୁଭୂତ ହେଉଛି। ବିଶିଷ୍ଟ ଶିଳ୍ପପତି, ଯୁବ ଉଦ୍ୟୋଗୀ ଏବଂ କଠିନ ପରିଶ୍ରମ କରୁଥିବା ପେସାଦାରମାନେ ତାଙ୍କ ବିୟୋଗରେ ଶୋକାଭିଭୂତ ହୋଇପଡ଼ିଛନ୍ତି। ପରିବେଶକୁ ନେଇ ଯତ୍ନଶୀଳ ଏବଂ ଦାନପୂଣ୍ୟରେ ଆଗ୍ରହୀ ଥିବା ଲୋକମାନେ ମଧ୍ୟ ଅନୁରୂପ ଭାବେ ଦୁଃଖିତ। ତାଙ୍କର ଅନୁପସ୍ଥିତି କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ଗଭୀର ଭାବେ ଅନୁଭୂତ ହେଉଛି।

ଯୁବପିଢ଼ିଙ୍କ ପାଇଁ ଶ୍ରୀ ରତନ ନାନା ଏକ ପ୍ରେରଣା ଥିଲେ। ସ୍ୱପ୍ନକୁ ସାକାର କରିବା ସମ୍ଭବ ଏବଂ କରୁଣା ଓ ବିନମ୍ରତାର ସହ ସଫଳତା ହାସଲ କରାଯାଇପାରିବ, ଏହା ସେ ଶିଖାଇଥିଲେ। ଅନ୍ୟମାନଙ୍କ ପାଇଁ ସେ ଭାରତୀୟ ଉଦ୍ୟୋଗ ଜଗତର ଶ୍ରେଷ୍ଠ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିଲେ। ସଚ୍ଚୋଟତା, ଉତ୍କର୍ଷ ଏବଂ ସେବା ମୂଲ୍ୟବୋଧ ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପାଇଁ ସେ ପରିଚିତ। ତାଙ୍କ ନେତୃତ୍ୱରେ, ଟାଟା ଗ୍ରୁପ୍ ନୂଆ ଉଚ୍ଚତା ଛୁଇଁଥିଲା ଏବଂ ସାରା ବିଶ୍ୱରେ ସମ୍ମାନ, ସଚ୍ଚୋଟତା ଓ ବିଶ୍ୱସନୀୟତାର ପ୍ରତୀକ ପାଲଟିଥିଲା। ଏହା ସତ୍ତ୍ୱେ ସେ ବିନମ୍ରତା ଓ ଉଦାରତା ସହିତ ନିଜର ସଫଳତାକୁ ଅତି ହାଲୁକା ଭାବେ ନେଇଥିଲେ।

ଅନ୍ୟମାନଙ୍କ ସ୍ୱପ୍ନ ପ୍ରତି ଶ୍ରୀ ରତନ ଟାଟାଙ୍କ ଅତୁଟ ସମର୍ଥନ ତାଙ୍କର ସବୁଠୁ ଶ୍ରେଷ୍ଠ ଗୁଣ ଥିଲା। ଗତ କିଛି ବର୍ଷ ମଧ୍ୟରେ ସେ ଭାରତୀୟ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ମାର୍ଗଦର୍ଶନ କରିଥିଲେ ଏବଂ ଅନେକ ସମ୍ଭାବନାପୂର୍ଣ୍ଣ ଉପକ୍ରମରେ ନିବେଶ କରିଥିଲେ। ସେ ଯୁବ ଉଦ୍ୟୋଗୀଙ୍କ ଆଶା ଓ ଆକାଂକ୍ଷାକୁ ବୁଝିଥିଲେ ଏବଂ ଭାରତର ଭବିଷ୍ୟତକୁ ଆକାର ଦେବାରେ ସେମାନଙ୍କର କ୍ଷମତାକୁ ଜାଣିପାରିଥିଲେ। ସେମାନଙ୍କ ପ୍ରୟାସକୁ ସମର୍ଥନ କରି ସେ ସ୍ୱପ୍ନ ଦେଖୁଥିବା ନୂଆ ପିଢ଼ିକୁ ସାହସିକ ପଦକ୍ଷେପ ନେବା ଏବଂ ଚିରାଚରିତ ସୀମା ଠାରୁ ଆଗକୁ ବଢ଼ିବା ପାଇଁ ସଶକ୍ତ କରିଥିଲେ। ତାଙ୍କର ସମର୍ଥନ ନବସୃଜନ ଓ ଉଦ୍ୟମିତାର ସଂସ୍କୃତି ଗଢ଼ିବାରେ ଏକ ଲମ୍ବା ରାସ୍ତା ନିର୍ଦ୍ଧାରଣ କରିସାରିଛି। ଆଗାମୀ ଦଶନ୍ଧିରେ ଭାରତ ଉପରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ମୋର ବିଶ୍ୱାସ ରହିଛି।

ସେ କ୍ରମାଗତ ଭାବରେ ଉତ୍କର୍ଷତାକୁ ସମର୍ଥନ କରିଥିଲେ ଏବଂ ଭାରତୀୟ ଉଦ୍ୟୋଗଗୁଡ଼ିକୁ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପିତ କରିବାକୁ ଅନୁରୋଧ କରୁଥିଲେ। ମୁଁ ଆଶା କରୁଛି ଯେ ଏହି ଦୃଷ୍ଟିକୋଣ ଆମର ଭବିଷ୍ୟତର ନେତାମାନଙ୍କୁ ଭାରତକୁ ବିଶ୍ୱସ୍ତରୀୟ ଗୁଣବତ୍ତାର ସମକକ୍ଷ କରିବା ପାଇଁ ପ୍ରେରଣା ଯୋଗାଇବ।

କେବଳ ବୋର୍ଡ ରୁମ୍ କିମ୍ବା ସାଥୀ ମଣିଷଙ୍କୁ ସାହାଯ୍ୟ କରିବାରେ ତାଙ୍କର ମହାନତା ସୀମିତ ନଥିଲା। ତାଙ୍କର କରୁଣାଭାବ ସମସ୍ତ ଜୀବଜଗତଙ୍କ ପାଇଁ ବିସ୍ତାରିତ ହୋଇଥିଲା। ପ୍ରାଣୀମାନଙ୍କ ପ୍ରତି ତାଙ୍କର ଗଭୀର ଭଲପାଇବା ବିଷୟରେ ସମସ୍ତେ ଜାଣନ୍ତି ଏବଂ ପ୍ରାଣୀଙ୍କ କଲ୍ୟାଣ ଉପରେ କେନ୍ଦ୍ରିତ ପ୍ରତ୍ୟେକ ସମ୍ଭାବ୍ୟ ପ୍ରୟାସକୁ ସେ ସମର୍ଥନ କରିଥିଲେ। ସେ ପ୍ରାୟତଃ ତାଙ୍କ ପୋଷା କୁକୁରମାନଙ୍କର ଫଟୋ ସେୟାର କରନ୍ତି, ଯେଉଁମାନେ ଯେକୌଣସି ବ୍ୟବସାୟିକ ଉଦ୍ୟୋଗ ପରି ତାଙ୍କ ଜୀବନର ଏକ ଅଂଶ ଥିଲେ। ପ୍ରକୃତ ନେତୃତ୍ୱ କେବଳ କାହାର ସଫଳତା ଦ୍ୱାରା ନୁହେଁ, ବରଂ ସବୁଠାରୁ ଦୁର୍ବଳ ଲୋକଙ୍କ ପ୍ରତି ଧ୍ୟାନ ଦେବାର ଦକ୍ଷତା ଆଧାରରେ ମାପ କରାଯାଇଥାଏ, ତାଙ୍କ ଜୀବନ ଆମ ସମସ୍ତଙ୍କୁ ଏହି ଶିକ୍ଷା ଦେଇଥିଲା।

କୋଟି କୋଟି ଭାରତୀୟଙ୍କ ପାଇଁ ଶ୍ରୀ ରତନ ଟାଟାଙ୍କ ଦେଶପ୍ରେମ ସଙ୍କଟ ସମୟରେ ଉଜ୍ଜ୍ୱଳ ହୋଇ ଉଠିଥିଲା। ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ସେ ତୁରନ୍ତ ମୁମ୍ବାଇର ତାଜ୍ ହୋଟେଲ୍ ଖୋଲିଥିଲେ। ଦେଶ ଆଗରେ ରହିଥିବା ଆହ୍ୱାନର ସେ ଦୃଢ଼ ଜବାବ ଦେଇଥିଲେ। ଭାରତ ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇଲା ନାହିଁ ନିଜର ଏକତା ଶକ୍ତି ପ୍ରଦର୍ଶନ କଲା।

ବ୍ୟକ୍ତିଗତ ଦୃଷ୍ଟିକୋଣରୁ କହିବାକୁ ଗଲେ, ବର୍ଷ ବର୍ଷ ଧରି ତାଙ୍କୁ ଅତି ନିକଟରୁ ଜାଣିବାର ସୌଭାଗ୍ୟ ମୁଁ ପାଇଥିଲି। ଆମେ ଗୁଜରାଟରେ ଘନିଷ୍ଠ ଭାବରେ କାମ କରିଥିଲୁ, ଯେଉଁଠାରେ ସେ ବ୍ୟାପକ ପୁଞ୍ଜିନିବେଶ କରିଥିଲେ ଏବଂ ଅନେକ ପ୍ରକଳ୍ପକୁ ନେଇ ସେ ବହୁତ ଉତ୍ସାହୀ ଥିଲେ। କିଛି ସପ୍ତାହ ତଳେ, ମୁଁ ସ୍ପେନ୍ ରାଷ୍ଟ୍ରପତି ଶ୍ରୀ ପେଡ୍ରୋ ସାଞ୍ଚେଜ୍ ଙ୍କ ସହ ଭଦୋଦରାରେ ଥିଲି ଏବଂ ଆମେ ମିଳିତ ଭାବେ ଏକ ବିମାନ କମ୍ପ୍ଲେକ୍ସ ଉଦଘାଟନ କରିଥିଲୁ। ଏହି ସ୍ଥାନରେ ହିଁ ପ୍ରଥମ ଥର ପାଇଁ ଭାରତରେ ସି-୨୯୫ ବିମାନ ନିର୍ମିତ ହେବ। ଶ୍ରୀ ରତନ ଟାଟା ହିଁ ଏହା ଉପରେ କାମ ଆରମ୍ଭ କରିଥିଲେ। କହିବା ବାହୁଲ୍ୟ ଯେ ଶ୍ରୀ ରତନ ଟାଟାଙ୍କ ଅନୁପସ୍ଥିତି ଏଠାରେ ଖୁବ୍ ଗଭୀର ଭାବେ ଅନୁଭୂତ ହୋଇଥିଲା।

ନିୟମିତ ଭାବେ ଚିଠି ଲେଖୁଥିବା ଜଣେ ବ୍ୟକ୍ତି ଭାବେ ମୁଁ ଶ୍ରୀ ରତନ ଟାଟାଙ୍କୁ ସ୍ମରଣ କରୁଛି। କେବେ ଶାସନ ପ୍ରସଙ୍ଗରେ ହେଉ କିମ୍ବା ସରକାରୀ ସହାୟତାକୁ ପ୍ରଶଂସା କରି ହେଉ ଅଥବା ନିର୍ବାଚନ ବିଜୟ ପରେ ଅଭିନନ୍ଦନ ଜଣାଇବା ହେଉ, ସେ ମୋତେ ବିଭିନ୍ନ ପ୍ରସଙ୍ଗରେ ନିୟମିତ ଚିଠି ଲେଖୁଥିଲେ।

ମୁଁ କେନ୍ଦ୍ରକୁ ଆସିବା ପରେ ଆମର ଘନିଷ୍ଠ ସମ୍ପର୍କ ଜାରି ରହିଲା ଏବଂ ସେ ଆମ ରାଷ୍ଟ୍ର ନିର୍ମାଣ ପ୍ରୟାସରେ ଜଣେ ପ୍ରତିଶ୍ରୁତିବଦ୍ଧ ଅଂଶୀଦାର ଥିଲେ। ବିଶେଷ କରି, ସ୍ୱଚ୍ଛ ଭାରତ ମିଶନ ପାଇଁ ଶ୍ରୀ ରତନ ଟାଟାଙ୍କ ସମର୍ଥନ ମୋ ହୃଦୟର ଅତି ନିକଟତର ଥିଲା।

ସ୍ୱଚ୍ଛ ଭାରତ ମିଶନ ପାଇଁ ଶ୍ରୀ ରତନ ଟାଟାଙ୍କ ସମର୍ଥନ ମୋ ହୃଦୟର ଅତି ନିକଟତର ଥିଲା। ଭାରତର ପ୍ରଗତି ପାଇଁ ସ୍ୱଚ୍ଛତା, ପରିଚ୍ଛନ୍ନତା ଏବଂ ପରିମଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରି ସେ ଏହି ଜନ ଆନ୍ଦୋଳନର ଜଣେ ଦୃଢ଼ ସମର୍ଥକ ଥିଲେ। ଅକ୍ଟୋବର ଆରମ୍ଭରେ ସ୍ୱଚ୍ଛ ଭାରତ ମିଶନର ଦଶମ ବାର୍ଷିକୀ ଅବସରରେ ତାଙ୍କ ହୃଦୟସ୍ପର୍ଶୀ ଭିଡିଓ ବାର୍ତ୍ତା ମୋର ଆଜି ବି ମନେ ଅଛି। ଏଥିରେ ଶେଷଥର ପାଇଁ ସେ ସର୍ବସମ୍ମୁଖକୁ ଆସିଥିଲେ।

ଆଉ ଏକ ମହତ କାର୍ଯ୍ୟ ତାଙ୍କ ହୃଦୟର ନିକଟତର ଥିଲା, ତାହା ହେଉଛି ସ୍ୱାସ୍ଥ୍ୟସେବା। ବିଶେଷ କରି କର୍କଟ ବିରୋଧୀ ସଂଗ୍ରାମରେ ଯୋଗଦାନ ପାଇଁ ସେ ସବୁଦିନ ସ୍ମରଣୀୟ ହୋଇରହିବେ। ମୋର ମନେ ଅଛି, ଦୁଇ ବର୍ଷ ପୂର୍ବେ ଆସାମରେ ହୋଇଥିବା କାର୍ଯ୍ୟକ୍ରମ, ଯେଉଁଠାରେ ଆମେ ମିଳିତ ଭାବେ ରାଜ୍ୟର ଏକାଧିକ କର୍କଟ ଚିକିତ୍ସାଳୟକୁ ଉଦଘାଟନ କରିଥିଲୁ। ସେହି ସମୟରେ ସେ ତାଙ୍କ ବକ୍ତବ୍ୟରେ ସ୍ପଷ୍ଟ ଭାବେ କହିଥିଲେ ଯେ ସେ ତାଙ୍କର ଶେଷ ବର୍ଷଗୁଡ଼ିକୁ ସ୍ୱାସ୍ଥ୍ୟସେବା ପାଇଁ ଉତ୍ସର୍ଗ କରିବାକୁ ଚାହୁଁଛନ୍ତି। ସ୍ୱାସ୍ଥ୍ୟସେବା ଓ କର୍କଟ ଚିକିତ୍ସାକୁ ଶସ୍ତା ଓ ସୁଲଭ କରିବା ପାଇଁ ତାଙ୍କର ପ୍ରୟାସ ପଛରେ ମୂଳ ଉଦ୍ଦେଶ୍ୟ ଥିଲା- ରୋଗ ସହ ଲଢୁଥିବା ଲୋକଙ୍କ ପ୍ରତି ଗଭୀର ସହାନୁଭୂତି ପ୍ରଦର୍ଶନ କରିବା। ସବୁଠାରୁ ଅସୁରକ୍ଷିତ ଲୋକଙ୍କ ସହ ଛିଡ଼ା ହୋଇଥିବା ସମାଜ ହିଁ ପ୍ରକୃତରେ ନ୍ୟାୟପୂର୍ଣ୍ଣ ସମାଜ ବୋଲି ସେ ବିଶ୍ୱାସ କରୁଥିଲେ।

ଆଜି ଆମେ ଯେତେବେଳେ ତାଙ୍କୁ ସ୍ମରଣ କରୁଛୁ, ତାଙ୍କ ପରିକଳ୍ପିତ ସମାଜ କଥା ଆମ ମନକୁ ଆସୁଛି, ଯେଉଁଠି ବ୍ୟବସାୟକୁ କଲ୍ୟାଣର ଶକ୍ତି ରୂପେ ବିନିଯୋଗ କରିହେବ, ପ୍ରତ୍ୟେକ ବ୍ୟକ୍ତିର ସମ୍ଭାବନାକୁ ଗୁରୁତ୍ୱ ମିଳୁଥିବ ଏବଂ ସମସ୍ତଙ୍କ କଲ୍ୟାଣ ଓ ଖୁସିର ମାପଦଣ୍ଡ ଆଧାରରେ ପ୍ରଗତିକୁ ମାପିବା ସମ୍ଭବ ହୋଇପାରିବ। ତାଙ୍କ ସଂସ୍ପର୍ଶରେ ଆସିଥିବା ଅଗଣିତ ଲୋକଙ୍କ ଜୀବନରେ ଏବଂ ତାଙ୍କ ଦ୍ୱାରା ପ୍ରୋତ୍ସାହିତ ଅନେକ ସ୍ୱପ୍ନରେ ସେ ସବୁବେଳେ ଜୀବନ୍ତ ରହିବେ। ଭାରତକୁ ଅଧିକ ଉନ୍ନତ, ଦୟାପୂର୍ଣ୍ଣ ଏବଂ ଆଶାବାଦୀ ସ୍ଥାନରେ ପରିଣତ କରିଥିବାରୁ ଅନେକ ପିଢ଼ି ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବେ।

# ଜନସଂଖ୍ୟା ନିୟନ୍ତ୍ରଣ ବନାମ ଜନସଂଖ୍ୟା ବୃଦ୍ଧି



**ଗୋପାଳ ମହାପାତ୍ର**

ଜନସଂଖ୍ୟା ବୃଦ୍ଧି ସପକ୍ଷରେ ମତଦେଇ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦେଶରେ ଏକ ନୂଆ ବିମର୍ଷ ପାଇଁ ଖୋରାକ ଯୋଗାଇ ଦେଇଛନ୍ତି। ନାଇଡୁଙ୍କ ମନ୍ତ୍ରୀମଣ୍ଡଳ ଏଇ କିଛି ଦିନ ତଳେ ନିଷ୍ପତ୍ତି ନେଇଛି ଯେ ଯେଉଁ ଦମ୍ପତ୍ତିଙ୍କର ଦୁଇ କିମ୍ବା ତାଠାରୁ କମ୍ ସନ୍ତାନ ସନ୍ତତି ଥିବେ ସେମାନେ ସ୍ଥାନୀୟ (ତ୍ରିସ୍ତରୀୟ) ନିର୍ବାଚନରେ ଭାଗନେଇ ପାରିବେ ନାହିଁ। ମହାନଗର ନିଗମ ଓ ନଗରପାଳିକା ଠାରୁ ଆରମ୍ଭ କରି ପଞ୍ଚାୟତର ନିର୍ବାଚନରେ ଦୁଇ ବା କମ୍ ପିଲା ଥିବା ଦମ୍ପତ୍ତି ଲଢ଼ି ପାରିବେ ନାହିଁ। କିନ୍ତୁ ୩୦ ବର୍ଷ ପୁର୍ବେ ସଂଯୁକ୍ତ ଆନ୍ଧ୍ରପ୍ରଦେଶ (ଆନ୍ଧ୍ର ଓ ତେଲେଙ୍ଗାନା)ର ମୁଖିଆ ଥିବା ବେଳେ ସେଇ ଚନ୍ଦ୍ରବାବୁ ନାଇଡୁ ନିଷ୍ପତ୍ତି ନେଇଥିଲେ ଯେ ଯେଉଁ ବ୍ୟକ୍ତି ବା ଦମ୍ପତ୍ତି ମାନଙ୍କର ଦୁଇରୁ ଅଧିକ ସନ୍ତାନ ସନ୍ତତି ଥିବେ ସେମାନେ ସ୍ଥାନୀୟ ନିର୍ବାଚନରେ ଭାଗ ନେଇ ପାରିବେ ନାହିଁ। ପ୍ରଶ୍ନ ଉଠୁଛି ଯେ ଚନ୍ଦ୍ରବାବୁ ୩୦ ବର୍ଷ ତଳେ ନେଇଥିବା ନିଷ୍ପତ୍ତିକୁ ପରିବର୍ତ୍ତନ କରି ଏବେ ଦୁଇରୁ ଅଧିକ ସନ୍ତାନ ପାଇଁ ନିଷ୍ପତ୍ତି ନେଲେ କାହିଁକି? ଏହାର ଦୁଇଟି କାରଣ ଥାଇପାରେ। ପ୍ରଥମ କାରଣ ହେଉଛି ସାମାଜିକ-ଆର୍ଥୀକ ଏବଂ ଦ୍ୱିତିୟ କାରଣ ହେଉଛି ରାଜନୈତିକ। ଭାରତରେ ଜନସଂଖ୍ୟା ବୃଦ୍ଧିକୁ ନେଇ କିଛି ଦଶନ୍ଧି ହେବ ବିମର୍ଷ ଚାଲିଛି ଓ ଏଇଥିପାଇଁ କେନ୍ଦ୍ର ସରକାର ଜନସଂଖ୍ୟା ନିୟନ୍ତ୍ରଣ ଅଭିଯାନ ପରିବାର ନିୟନ୍ତ୍ରଣ ମାଧ୍ୟମରେ ଚଳାଇଛନ୍ତି। ଏହି ଅଭିଯାନ ଅନୁସାରେ ଦକ୍ଷିଣ ଭାରତୀୟ ରାଜ୍ୟ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, କେରଳ ଓ ତାମିଲନାଡୁର ଜନସଂଖ୍ୟା ଅଧିକ ଭାବେ ହ୍ରାସ ପାଇଥିଲା। ଏପରିକି ଏସବୁ ରାଜ୍ୟରେ ପ୍ରଜନନ କମିଯାଇ ୧.୮ ପ୍ରତିଶତ ପାଖାପାଖି ପହଞ୍ଚି ଯାଇଥିଲା। ଅନ୍ୟ ପକ୍ଷରେ ଉତ୍ତର ପ୍ରଦେଶର ରାଜ୍ୟ ବିହାର ଓ ଉତ୍ତରପ୍ରଦେଶରେ ପ୍ରଜନନ ହାର କ୍ରମଶଃ ୩ ଓ ୨.୪ ପ୍ରତିଶତ ରହିଛି। ଏହାର ଅର୍ଥ ହେଉଛି ବିହାରରେ ପ୍ରତି ଦମ୍ପତ୍ତିଙ୍କର ୩ଟି ସନ୍ତାନ ଏବଂ ଉତ୍ତରପ୍ରଦେଶର ପ୍ରତି ଦମ୍ପତିଙ୍କର ୨ବା ୩ଟି ସନ୍ତାନ ହୋଇଥାଏ। କିନ୍ତୁ ଦକ୍ଷିଣ ଭାରତର ରାଜ୍ୟରେ ଦମ୍ପତ୍ତି ମାନେ ଗୋଟିଏ ବା ଦୁଇଟି ସନ୍ତାନରୁ ଅଧିକ ପାଇଁ ଆଗ୍ରହୀ ନୁହଁନ୍ତି।



ରାଷ୍ଟ୍ରୀୟ ସ୍ତରରେ ଭାରତର ଲୋକଙ୍କ ପ୍ରଜନନ କ୍ଷମତା ୨.୧ ରହିଛି। ଯଦି ଏହି ହାର ଜାରିରହେ ତେବେ ୨୦୨୫ ବେଳକୁ ଭାରତରେ ବୟସ(ବୃଦ୍ଧି) ବା ଅବସର ଗ୍ରହଣ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହୋଇଯିବ। ବୟସ୍କଙ୍କ ସଂଖ୍ୟା ବଢ଼ିଲେ ସରକାର ବୟସ୍କ ବ୍ୟକ୍ତିଙ୍କ ପାଇଁ ଅଧିକ ଯୋଜନା କରିବା ପାଇଁ ବାଧ୍ୟ ହେବେ ଫଳତଃ ସରକାର ଉପରେ ଆର୍ଥୀକ ବୋଝ ବଢ଼ିବ। ବୟସ୍କଙ୍କ ସଂଖ୍ୟା ବୃଦ୍ଧ କାରଣରୁ ଦେଶର ଆର୍ଥୀକ ପ୍ରଗତି ମଧ୍ୟ ଧିମେଇ ଯିବ। ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଭାରତର ଅନ୍ୟ ରାଜ୍ୟମାନଙ୍କର ସ୍ଥିତି ଅଧିକ ଖରାପ ହେବ। ଏହି ରାଜ୍ୟ ମାନଙ୍କରେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ ହୋଇଯିବ। ପରିବାର ନିୟନ୍ତ୍ରୟଣର ଫଳ ଅଧିକ ଭାବେ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କୁ ଭୋଗିବାକୁ ପଡ଼ିବ। ଚନ୍ଦ୍ରବାକୁ ନାଇଡୁଙ୍କୁ ଏହି ଚିନ୍ତା ଏବେ ଘାରିଛି। ଚନ୍ଦ୍ରବାବୁଙ୍କ ସହ ସ୍ୱରମିଳାଇ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ୍ ମଧ୍ୟ ଜନସଂଖ୍ୟା ବୃଦ୍ଧିକୁ ସମର୍ଥନ କରିଛନ୍ତି ଏବଂ ତାଙ୍କ ରାଜ୍ୟର ଲୋକଙ୍କୁ ଅଧିକ ସନ୍ତାନ ନୀତି ଆପଣେଇବା ପାଇଁ ନିବେଦନ କରିଛନ୍ତି। ଭବିଷ୍ୟତର ଭୟାବହ ଅବସ୍ଥାକୁ ଦେଖି ଆନ୍ଧ୍ର ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀ ମାନେ ଏଭଳି ଦୁଇରୁ ଅଧିକ ସନ୍ତାନ ପାଇଁ ଦମ୍ପତି ମାନଙ୍କୁ ନିବେଦନ କରିଥିବା ଭଳି ମନେ ହେଉଛି।

୨୦୨୬ରେ ଲୋକସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ରର ପୁନଃ ନିର୍ଦ୍ଧାରଣ ହେବ। ଏହି ପୁନଃ ନିର୍ଦ୍ଧାରଣ ବେଳେ ଜନସଂଖ୍ୟା ଅନୁସାରେ ଲୋକସଭା ନିର୍ବାଚନ ମଣ୍ଡଳୀର ସଂଖ୍ୟା ନିର୍ଦ୍ଧାରଣ କରାଯିବ। ଏହି ଫର୍ମୁଲା ଅନୁସାରେ ଉତ୍ତର ପ୍ରଦେଶର ଜନସଂଖ୍ୟାକୁ ଦେଖିଲେ ସ୍ପଷ୍ଟ ଯେ ଉତ୍ତର ପ୍ରଦେଶର ଲୋକସଭା ଶାସନ ସଂଖ୍ୟା ୮୦ରୁ ବୃଦ୍ଧିପାଇ ୧୨୦ ହୋଇପାରେ। ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାକୁ ମିଶାଇଲେ ବର୍ତ୍ତମାନ ଏ ଦୁଇ ରାଜ୍ୟର ଆସନ ସଂଖ୍ୟା ୪୨ ଓ ୨୦୨୬ରେ ହେବାକୁ ଥିବା ପୁନଃ ନିର୍ଦ୍ଧାରଣରେ ଏହି ଦୁଇ ରାଜ୍ୟର ଲୋକସଭା ଆସନ ସଂଖ୍ୟା ୪୨ରୁ ୪୬ ହୋଇପାରେ। ଅର୍ଥାତ୍ ଦୁଇ ରାଜ୍ୟର ଲୋକସଭା ଆସନ ସଂଖ୍ୟା ମାତ୍ର ୪ ବଢ଼ିବାର ସମ୍ଭାବନା ରହିଛି। ଏଥିରୁ ସ୍ପଷ୍ଟ ଯେ ଜନସଂଖ୍ୟା କମିଲେ ଲୋକସଭା ଆସନ ସଂଖ୍ୟା କମିବ। କମ୍ ଜନସଂଖ୍ୟା ଥିବା ରାଜ୍ୟକୁ ମଧ୍ୟ କେନ୍ଦ୍ର ସରକାରଙ୍କ ଅନୁଦାନ କମ୍ ରହିବ। କାରଣ କେନ୍ଦ୍ର ସରକାର ଯେଉଁ ଆର୍ଥୀକ ଅନୁଦାନ ରାଜ୍ୟ ମାନଙ୍କୁ ଦେଇଥାନ୍ତି ତାହା ଜନସଂଖ୍ୟା ଅନୁପାତରେ ଆକଳନ କରାଯାଇଥାଏ। ଏବେ କେନ୍ଦ୍ରସରକାର ଉତ୍ତର ପ୍ରଦେଶକୁ ୧୮ ପ୍ରତିଶତ ପାଖାପାଖି ରାଜସ୍ୱ ଆବଣ୍ଟନ କରୁଥିବା ବେଳେ ବିହାରକୁ ପାଖାପାଖି ୧୦ ପ୍ରତିଶତ ପ୍ରଦାନ କରିଥାନ୍ତି। କିନ୍ତୁ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କୁ ମାତ୍ର ୪ପ୍ରତିଶତ ମିଳିଥାଏ।

ଏ ସବୁକୁ ଦୃଷ୍ଟିରେ ରଖି ବିଶେଷ କରି ୨୫ ବର୍ଷ ଆଗକୁ କ'ଣ ହେବ ସେକଥାକୁ ଚିନ୍ତା କରି ଚନ୍ଦ୍ରବାବୁ ନାଇଡୁ ଜନସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ଯଦି ଭାରତର ସବୁ ରାଜ୍ୟମାନେ ଚନ୍ଦ୍ରବାବୁ ନାଇଡୁଙ୍କ ଭଳି ଭାବିବେ ତେବେ ଭାରତରେ ଜନସଂଖ୍ୟା କେତେ ହେବ ଓ କେଉଁ ପର୍ଯ୍ୟନ୍ତ ଯିବ ସେ କଥା କହିବା ମୁସ୍କିଲ ହୋଇଯିବ। ବର୍ତ୍ତମାନ ଏବେ ଭାରତର ଜନସଂଖ୍ୟା ୧୪୦ କୋଟିରୁ ଅଧିକ, ଏତେ ଜନସଂଖ୍ୟା ସତ୍ତ୍ୱେ ଲୋକଙ୍କୁ ଭରଣ ପୋଷଣ କରିବାର କ୍ଷମତା ସରକାରଙ୍କର ରହିଛି। ଏବେ ଭାରତ ସରକାର ୮୦ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟ ସାମଗ୍ରୀ (ଚାଉଳ-ଗହମ) ଯୋଗାଉଛନ୍ତି। ୫୦ ବର୍ଷ ପୁର୍ବରୁ ଏକଥାକୁ କେହି କଳ୍ପନା କରିପାରିନଥିବେ ନିଶ୍ଚୟ। ଭାରତ ମଧ୍ୟ ଦେଖିଛି ଯେ ୧୯୬୫ରେ ଭାରତ ପାକିସ୍ଥାପ ଯୁଦ୍ଧ ସମୟରେ ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ସପ୍ତାହରେ ଗୋଟିଏ ବେଳା ଉପବାସ ରହିବା ପାଇଁ ଦେଶର ଲୋକଙ୍କୁ ନିବେଦନ କରିଥିଲେ। ସେ ସମୟରେ ଭାରତର ଜନସଂଖ୍ୟା ପାଖାପାଖି ୫୦ କୋଟି ଥିଲା। ସେତେବେଳେ ଦେଶରେ ଏତେ ଉତ୍ପାଦନ ମଧ୍ୟ ହୋଇପାରୁନଥିଲା ଯାହା ୫୦କୋଟି ଲୋକଙ୍କ ପାଇଁ ଯଥେଷ୍ଟ ଥିଲା। ସେତେବେଳେ ଭାରତ ଆମେରିକାରୁ ଗହମ ଆମଦାନୀ କରୁଥିଲା। କିନ୍ତୁ ସେତେବେଳେର ଅବସ୍ଥା ଓ ବର୍ତ୍ତମାନର ଅବସ୍ଥା ମଧ୍ୟରେ ଅନେକ ଫରକ୍ ରହିଛି। ଏବେ କୃଷି ଉତ୍ପାଦନ ବଢ଼ିଛି ଓ ଦେଶର ଲୋକଙ୍କ ଖାଦ୍ୟ ସମସ୍ୟାର ସମାଧାନ ପରେ ଭାରତ ଅନ୍ୟ ଦେଶକୁ ଖାଦ୍ୟଶସ୍ୟ ରପ୍ତାନୀ କରିବା ସ୍ଥିତିରେ ପହଞ୍ଚିଛି।

ଆମ ଦେଶର ରାଜନେତା ମାନଙ୍କ ଦୁରଦୃଷ୍ଟି କାରଣରୁ ଭାରତର ସ୍ଥିତି ବଦଳିଛି ଓ କୃଷି କ୍ଷେତ୍ରରେ ଭାରତ ଆତ୍ମ ନିର୍ଭର ହୋଇ ପାରିଛି। ଆଜିର ଭାରତକୁ ଯୁବ ଭାରତ ବୋଲି ମଧ୍ୟ କୁହାଯାଉଛି। ଭାରତର ଯୁବବର୍ଗଙ୍କ ଜ୍ଞାନ ସାମର୍ଥ୍ୟକୁ ସାରାବିଶ୍ୱ ସ୍ୱୀକାର କରୁଛି। କମ୍ପ୍ୟୁଟର ସଫ୍ଟଓ୍ୟାର କ୍ଷେତ୍ରରେ ଭାରତର ଯୁବବର୍ଗଙ୍କ ଦକ୍ଷତା କାରଣରୁ ସାରା ବିଶ୍ୱରେ ଏମାନେ ନିଜର ସ୍ଥିତି ଜାହିର କରିପାରିଛନ୍ତି। ଟେକ୍ନୋଲୋଜିର ଏହି ଯୁଗରେ ଭାରତୀୟ ଯୁବାପିଢ଼ୀ ବିଶ୍ୱର ଅନେକ ସଫ୍ଟଓ୍ୟାର କମ୍ପାନୀରେ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଏଣୁ ୨୫ ବର୍ଷ ଆଗକୁ ଚିନ୍ତାକରି ଏବେ ନିଷ୍ପତ୍ତି ନେବା ବୁଦ୍ଧିମତ୍ତା ପୁର୍ଣ୍ଣ କାର୍ଯ୍ୟ ବୋଲି କୁହାଯାଇପାରେ। କିନ୍ତୁ ଏସବୁ ପରେ ଏକଥା ମଧ୍ୟ ଚିନ୍ତା କରାଯିବା ଉଚିତ୍ ଯେ ବର୍ଦ୍ଧିତ ଜନସଂଖ୍ୟାର ଭରଣ-ପୋଷଣ ପାଇଁ ଏବେଠାରୁ ମଧ୍ୟ ଚିନ୍ତା କରାଯିବା ଆବଶ୍ୟକ। ୧୯୫୦ରେ ଭାରତର ପ୍ରଜନନ ହାର ୬ ପ୍ରତିଶତ ଥିଲା କିନ୍ତୁ ଏହା ୨.୧ ପ୍ରତିଶତ ରହିଛି। ଭାରତରେ ବେରୋଜଗାରୀ ହାର ମଧ୍ୟ ଅଧିକ। ରୋଜଗାର ଉପଲବ୍ଧ କରାଇବାରେ ମଧ୍ୟ ସରକାର ଅସମର୍ଥ। ୨୫ ବର୍ଷ ପରେ କ'ଣ ହେବ ସେକଥାକୁ କଳ୍ପନା କରି ଭବିଷ୍ୟତରେ ଭାରତର ସ୍ଥିତିକୁ ମଧ୍ୟ ଚିନ୍ତା କରାଯିବା ଉଚିତ୍। କାରଣ ଜନସଂଖ୍ୟା ହାର ଯଦି ୨.୧ ରହିବ ତେବେ ୨୦୫୦ ସୁଦ୍ଧା ଭାରତରେ ବୟସ୍କ ବ୍ୟକ୍ତି ମାନଙ୍କ ସଂଖ୍ୟା ଏବଂ ଯୁବ ବର୍ଗଙ୍କ ସଂଖ୍ୟା ପ୍ରାୟତଃ ସମାନ ହୋଇଯିବ।

ଏଣୁ ଆମେ ଶ୍ରୀ ନାଇଡୁଙ୍କ ବିଚାରକୁ ଠିକ୍ ଭାବରେ ପରଖିବା ସହ ଏ ବାବଦରେ ବିଚାର କରିବା ଉଚିତ୍। ଦକ୍ଷିଣ ଭାରତର ରାଜ୍ୟ ମାନଙ୍କରେ ଯେଭଳି ଭାବେ ଜନସଂଖ୍ୟା ହ୍ରାସ ପାଇବାରେ ଲାଗିଛି ସେହିସ୍ଥିତି ଉତ୍ତର ଭାରତରେ ନାହିଁ। ଏଣୁ ଉତ୍ତର ଭାରତର ରାଜ୍ୟ ମାନଙ୍କରେ ଜନସଂଖ୍ୟା ନିୟନ୍ତ୍ରଣ ଅଭିଯାନକୁ କଡ଼ାକଡି କରାଯିବା ଉଚିତ୍। ଅନ୍ୟ ପକ୍ଷରେ ବିହାର, ଉତ୍ତର ପ୍ରଦେଶ ଅଥବା ମଧ୍ୟପ୍ରଦେଶର ତୁଳନା ତାମିଲନାଡୁ ସହ କରାଯାଇ ପାରିବ ନାହିଁ କାରଣ ବିହାର, ପୂର୍ବ ଉତ୍ତରପ୍ରଦେଶ ଏବଂ ପଶ୍ଚିମବଂଗର ଲୋକେ ଜୀବୀକାର୍ଜନ ପାଇଁ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କୁ ଆସୁଛନ୍ତି। ଏଣୁ ରାଷ୍ଟ୍ରୀୟ ସ୍ତରରେ ସାମଞ୍ଜସ୍ୟ ରଖି ଏ ପ୍ରସଙ୍ଗରେ ନିଷ୍ପତ୍ତି ନେବା ମଧ୍ୟ ଆବଶ୍ୟକ। ଏକଥା ସତ୍ୟ ଯେ ଶିକ୍ଷା ମାମଲାରେ ଦକ୍ଷିଣ ଭାରତର ରାଜ୍ୟ ମାନଙ୍କର ଅବସ୍ଥା ଉତ୍ତର ଭାରତର ରାଜ୍ୟ ଅପେକ୍ଷା ଉତ୍ତମ ଅଟେ। ଜନସଂଖ୍ୟା ନିୟନ୍ତ୍ରଣର ସିଧା ସମ୍ପର୍କ ଶିକ୍ଷା ସହ ଯୋଡି ହୋଇଛି। ଏଣୁ କେରଳକୁ ବିହାର ସହ ତୁଳନା କରାଯାଇ ପାରିବ ନାହିଁ। କେରଳରେ ସାକ୍ଷରତା ହାର ଶତ ପ୍ରତିଶତ ପାଖାପାଖି। ସବୁଠାରୁ ଏକ ବଡ଼ କଥା ହେଉଛି ଭାରତରେ ମୁସଲିମ ପରିବାରରେ ଏବେ ପ୍ରଜନନ ହାର ହିନ୍ଦୁ ପରିବାରର ପ୍ରଜନନ ହାର ସହ ସମାନ ସ୍ତରରେ ପହଞ୍ଚିଛି, ଏସବୁ ଶିକ୍ଷାର ପ୍ରସାର କାରଣରୁ ସମ୍ଭବ ହୋଇଛି।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

## ଆସୁଛି ଆଉ ଏକ ଲଘୁଚାପ !

**ନୂଆଦିଲ୍ଲୀ, ୮।୧୧:** ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏନେଇ ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ ସୂଚନା ଦେଇଛି। ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଏକ ଘୂର୍ଣ୍ଣିବଳୟ। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଘୂର୍ଣ୍ଣିବଳୟଟି ଲଘୁଚାପରେ ପରିଣତ ହେବ। ଲଘୁଚାପରେ ପରିଣତ ହେବା ପରେ ଏହା ପଶ୍ଚିମ ଦିଗକୁ ଗତି କରିବ। ପରବର୍ତ୍ତୀ ଦୁଇଦିନ ପର୍ଯ୍ୟନ୍ତ ଏହା ତାମିଲନାଡୁ ଓ ଶ୍ରୀଲଙ୍କା ଆଡ଼େ ମୁହାଁଇବ। ଏହାର ପ୍ରଭାବରେ ୧୨ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ ଭାରତରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ତାମିଲନାଡୁ, କେରଳ ଓ ପୁଡୁଚେରୀରେ ପ୍ରବଳ ବର୍ଷା ହୋଇପାରେ ବୋଲି ଆକଳନ କରିଛି ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ।

## ଯୁବକଙ୍କୁ ବିଧାୟକଙ୍କ ଅଲ୍ଟିମେଟମ୍ ଗୁଟ୍‌ଖା ଛାଡ଼ିଲେ ବସିବ ଟ୍ରାନ୍ସଫର୍ମର

**ଭୋପାଳ, ୮।୧୧:** ନିଜ ଗାଁରେ ଦେଖାଦେଉଥିବା ବିଦ୍ୟୁତ୍ ସମସ୍ୟାରେ ଅତିଷ୍ଠ ଜଣେ ଯୁବକ ଏହାର ସମାଧାନ ନିମନ୍ତେ ବିଧାୟକଙ୍କ ନିକଟରେ ପହଞ୍ଚିଥିଲେ। ବିଧାୟକଙ୍କୁ ଯୁବକଙ୍କ ସମସ୍ୟା ଶୁଣିଥିଲେ, ମାତ୍ର ଗୋଟିଏ କଥା ପାଇଁ ସେ ଖପ୍ପା ହୋଇ ଯାଇଥିଲେ। ଯୁବକଜଣକ ଗୁଟ୍‌ଖା ଚୋବାଉଥିବାରୁ ଏହାକୁ ଦେଖି ରାଗି ପାଚି ଯାଇଥିଲେ ବିଧାୟକ। ଏଥିସହ ଯୁବକଜଣକ ଗୁଟ୍‌ଖା ନ ଛାଡ଼ିବା ପର୍ଯ୍ୟନ୍ତ ତାଙ୍କ ଗାଁରେ ନୂଆ ଟ୍ରାନ୍ସଫର୍ମର ବସାଯିବନି ବୋଲି ଦେଇଛନ୍ତି ନିର୍ଦ୍ଦେଶ। ଏପରି ଏକ ରୋଚକ ଘଟଣା ମଧ୍ୟପ୍ରଦେଶରେ ଘଟିଛି। ଏହି ବିଧାୟକଜଣକ ହେଉଛନ୍ତି ବିଜେପି ଏମ୍‌ଏଲ୍‌ଏ ପ୍ରଦୀପ ପଟେଲ। ମଉଗଞ୍ଜରେ ବିଜେପି ବିଧାୟକ ପ୍ରଦୀପ ପଟେଲ ଜନଶୁଣାଣି କରୁଥିଲେ। ଉକ୍ତ ସମୟରେ ଜଣେ ଯୁବକ ତାଙ୍କ ନିକଟରେ ପହଞ୍ଚି ନିଜ ଗାଁର ବିଦ୍ୟୁତ୍ ସମସ୍ୟା ନେଇ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ସମୟରେ ଯୁବକଜଣକ ଗୁଟ୍‌ଖା ଚୋବାଉଥିବା ଦେଖେ ବିଧାୟକଙ୍କ ଏହାଦେଖି ରାଗି ପାରି ଯାଇଥିଲେ। ଏହାପରେ ସେ ଉକ୍ତ ସ୍ଥାନରୁ ଫୋନ୍ ଯୋଗେ ଯୁବକଙ୍କ ମା'ଙ୍କ ସହ କଥା ହୋଇଥିଲେ। ଏଥିସହ ତାଙ୍କ ଆଗରେ ପୁଅର ଗୁଟ୍‌ଖା ଅଭ୍ୟାସ ଛଡ଼ାଇ ନାହାନ୍ତି ବୋଲି ପଚାରିଥିଲେ। ଏଥିସହ ଆପଣ ବଡ଼ ଅଧିକାରୀ, ପୁଅକୁ ଗୁଟ୍‌ଖା ଖାଇବାକୁ ମନା କରନ୍ତୁ ବୋଲି ତାଙ୍କ ମା' ଅନୁରୋଧ କରିଥିଲେ। ଏହାପରେ ବିଧାୟକଜଣକ ଯୁବକଙ୍କୁ କହିଥିଲେ, ଯେପର୍ଯ୍ୟନ୍ତ ତୁମ ଗୁଟ୍‌ଖା ନ ଛାଡ଼ିଛ, ତୁମ ଗାଁରେ ଟ୍ରାନ୍ସଫର୍ମର ଲାଗିବ ନାହିଁ। ଏଥିସହ ସେ କହିଛନ୍ତି, ମୁଁ ସମସ୍ତଙ୍କ କାମ କରିବାକୁ ପ୍ରସ୍ତୁତ ଅଛି, କିନ୍ତୁ ଗୁଟ୍‌ଖା, ତମାଖୁ, ଗଞ୍ଜେଇ, ମଦ ଆଦି ନିଶାଦ୍ରବ୍ୟ ଖାଉଥିବା ବ୍ୟକ୍ତିଙ୍କ କାମ କେବେବି କରିବି ନାହିଁ। ତେଣୁ ଏବେ ଉକ୍ତ ଯୁବକ ଗୁଟ୍‌ଖା ଖାଇବା ଛାଡ଼ିଲେ ହିଁ ଗାଁରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସିବ ବୋଲି ସେ ଘୋଷଣା କରିଛନ୍ତି। ବିଧାୟକଙ୍କ ଏପରି ନିଷ୍ପତ୍ତି ଶୁଣି ଗ୍ରାମବାସୀ ମୁଣ୍ଡରେ ହାତ ଦେଇଛନ୍ତି।

## ୟୁପି ମହିଳା କମିଶନଙ୍କ ପ୍ରସ୍ତାବ ପୁରୁଷ ସିଲେଇ କରିବେନି ମହିଳାଙ୍କ ପୋଷାକ

**ନୂଆଦିଲ୍ଲୀ, ୮।୧୧:** ପୁରୁଷମାନେ ମହିଳାଙ୍କ ପୋଷାକ ସିଲେଇ କରିବା ଉଚିତ ନୁହେଁ। ସେହିଭଳି ପୁରୁଷମାନେ ମହିଳାଙ୍କ କେଶ କାଟିବା ଉଚିତ ନୁହେଁ। ମହିଳାମାନଙ୍କୁ 'ବ୍ୟାଡ୍ ଟଚ୍' ବା 'ଖରାପ ସ୍ପର୍ଶ'ରୁ ସୁରକ୍ଷା ଯୋଗାଇ ଦେବା ପାଇଁ ତଥା ପୁରୁଷଙ୍କ ଖରାପ ଉଦ୍ଦେଶ୍ୟକୁ ଫଳପ୍ରଦ କରାଇ ନଦେବା ପାଇଁ ଏଭଳି ଏକ ପ୍ରସ୍ତାବ ଦେଇଛନ୍ତି ଉତ୍ତର ପ୍ରଦେଶ ରାଜ୍ୟ ମହିଳା କମିଶନ। ଏ ସମ୍ପର୍କରେ ସୂଚନା ଦେଇ ଉତ୍ତର ପ୍ରଦେଶ ରାଜ୍ୟ ମହିଳା କମିଶନର ସଦସ୍ୟ ହିମାନୀ ଅଗ୍ରୱାଲ କହିଛନ୍ତି, ଗତ ଅକ୍ଟୋବର ୨୮ ତାରିଖରେ ମହିଳା କମିଶନର ଏକ ବୈଠକ ବସିଥିଲା। ଏଥିରେ ଏକ ପ୍ରସ୍ତାବ ଦିଆଯାଇଥିଲା ଯେ ପୁରୁଷ ମହିଳାମାନେ ପୋଷାକ ସିଲେଇ କରି ପିନ୍ଧନ୍ତି, ସେମାନଙ୍କ ମାପ କେବଳ ମହିଳା ଟେଲରମାନେ ନେବା ଉଚିତ। ତା' ସହିତ ଯୋଗରେ ସିସିଟିଭି ଲାଗିବା ଉଚିତ। ଆଉ ଏହି ପ୍ରସ୍ତାବ ନିଜେ ମହିଳା କମିଶନ ଅଧ୍ୟକ୍ଷା ବବିତା ଚୌହାନ ଦେଇଥିଲେ। ତାଙ୍କର ଏହି ପ୍ରସ୍ତାବକୁ ସେଦିନ ଉପସ୍ଥିତ ଥିବା କମିଶନର ସମସ୍ତ ସଦସ୍ୟ ସମର୍ଥନ କରିଥିଲେ। ସେ ଆହୁରି କହିଥିଲେ ଯେ ଆମେ ଆଉ ଏକ ପ୍ରସ୍ତାବ ମଧ୍ୟ ଦେଇଥିଲୁ। ସାଲୋନଗୁଡ଼ିକରେ ମହିଳାମାନଙ୍କ କେଶ କାଟିବାଠାରୁ ଅନ୍ୟାନ୍ୟ କାମ କେବଳ ମହିଳାମାନେ ହିଁ କରିବା ଉଚିତ। ଆମର ମତ, ପୋଷାକ ସିଲେଇ ହେଉ ଅବା କେଶ କାଟିବା ଆଦି ବୃତ୍ତିରେ ପୁରୁଷମାନେ ଜଡ଼ିତ ଥିବାରୁ ମହିଳାମାନେ ଅସଦାଚରଣର ଶିକାର ହେଉଛନ୍ତି। ସେମାନେ ମହିଳାମାନଙ୍କୁ ବ୍ୟାଡ୍ ଟଚ୍ ବା ଖରାପ ସ୍ପର୍ଶ କରନ୍ତି। ପୋଷାକ ସିଲେଇ କରୁଥିବା ଅବା କେଶ କାଟୁଥିବା ସମସ୍ତ ପୁରୁଷଙ୍କ ଉଦ୍ଦେଶ୍ୟ ଖରାପ ନଥାଏ। କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କ ଉଦ୍ଦେଶ୍ୟ ଖରାପ ହୋଇଥାଏ। ତେବେ ଆମେ ଯେଉଁ କଥା କହିଛୁ, ତାହା କେବଳ ଏକ ପ୍ରସ୍ତାବ ମାତ୍ର। ପରବର୍ତ୍ତୀ ସମୟରେ ଏ ନେଇ ଆଇନ ତିଆରି କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ।

## ହିନ୍ଦୁ ମନ୍ଦିର ଆକ୍ରମଣ ଘଟଣାରେ ପୂଜକ ନିଲମ୍ବିତ

**ଓଟାୱା, ୮।୧୧:** କାନାଡ଼ା ଓ ଭାରତ ମଧ୍ୟରେ ତିକ୍ତତା ଦିନକୁ ଦିନ ବଢ଼ିବାରେ ଲାଗିଛି। କାନାଡାର ବ୍ରାମ୍ପଟନ୍‌ରେ ଥିବା ହିନ୍ଦୁ ସଭା ମନ୍ଦିରରେ ଥିବା ଭକ୍ତଙ୍କ ଉପରେ ଗତ ୩ ତାରିଖରେ ଖଲିସ୍ତାନୀଙ୍କ ଆକ୍ରମଣ ଘଟଣାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିନ୍ଦା କରିବା ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ଘଟଣାରେ କାନାଡା ସରକାର କାର୍ଯ୍ୟାନୁଷ୍ଠାନ ଅନୁଷ୍ଠାନ ନେବାକୁ ଯାଉ ଉକ୍ତ ମନ୍ଦିରର ପୂଜକଙ୍କୁ ନିଲମ୍ବିତ କରିଛନ୍ତି। ନିଜ ଭାଷଣ ମାଧ୍ୟମରେ ହିଂସା ଉସ୍କାଇବା ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇଥିବା କାନାଡ଼ା ପକ୍ଷରୁ କୁହାଯାଇଛି। ଗତ ୩ ତାରିଖରେ କାନାଡାର ବ୍ରାମ୍ପଟନ ସହରରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ହୋଇଥିଲା। ଖଲିସ୍ତାନୀ ସମର୍ଥକମାନେ ଠେଙ୍ଗା ବାଡ଼ି ଧରି ଶ୍ରଦ୍ଧାଳୁଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା ଭକ୍ତମାନଙ୍କୁ ସେମାନେ ପ୍ରବଳ ମାଡ଼ ମଧ୍ୟ ମାରିଥିଲେ। ହମ୍ଲା ସମୟରେ ଆକ୍ରମଣକାରୀମାନେ ଖଲିସ୍ତାନୀ ପତାକା ଦେଖାଇଥିଲେ। ଏହାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାକୁ ଲାଗିଲା। ଏହି ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବା ପରେ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କାନାଡା ବ୍ରଡକାଷ୍ଟିଂ କର୍ପୋରେସନ ପକ୍ଷରୁ କୁହାଯାଇଛି, ପ୍ରଦର୍ଶନକାରୀଙ୍କ ସହ ଗତ ରବିବାର ପୂଜାରୀଙ୍କ ମଧ୍ୟରେ ବିବାଦୀୟ ବୟାନବାଜି ହେତୁ ତାଙ୍କୁ ନିଲମ୍ବିତ କରାଯାଇଛି। କିନ୍ତୁ ଏନେଇ କିଛି ବିସ୍ତୃତ ସୂଚନା ମିଳି ପାରିନି। ଏନେଇ କାନାଡାର ବ୍ରେମ୍ପଟନ ମେୟର ପେଟ୍ରିକ୍ ବ୍ରାଉନ୍ କହିଛନ୍ତି, କାନାଡାରେ ରହୁଥିବା ହିନ୍ଦୁ ଓ ଶିଖ ସମ୍ପ୍ରଦାୟଙ୍କ ମଧ୍ୟରେ ସଦ୍‌ଭାବନା ବଜାୟ ରଖିବା ଆମର ପ୍ରାଥମିକ କର୍ତ୍ତବ୍ୟ। ଏଠାରେ କୌଣସି ପ୍ରକାର ହିଂସାକୁ ବରଦାସ୍ତ କରାଯିବନି। ସେଶରେ ଆଇନଶୃଙ୍ଖଳାକୁ କୌଣସି ସ୍ଥିତିରେ ବିପର୍ଯ୍ୟସ୍ତ ହେବାକୁ ଦିଆଯିବନି। ଉକ୍ତ ଦିନ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣକାରୀଙ୍କ ଉପରେ ଆକ୍ସନ ନେବା ବଦଳରେ ଓଲଟା ଶ୍ରଦ୍ଧାଳୁଙ୍କୁ ମାରପିଟ୍ କରିଥିଲା। ଏହି ଭିଡିଓ ସୁଦ୍ଧା ମିଡିଆରେ ଭାଇରାଲ ହେବା ପରେ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ଭାଇଜାନଙ୍କୁ ପୁଣି ଧମକ

**ନୂଆଦିଲ୍ଲୀ, ୮।୧୧:** ଭାଇଜାନଙ୍କୁ ପୁଣି ମିଳିଛି ହତ୍ୟା ଧମକ। ମୁମ୍ବାଇ ଟ୍ରାଫିକ୍ କଣ୍ଟ୍ରୋଲ ରୁମକୁ ଆସିଛି ସଲମାନଙ୍କ ଉଦ୍ଦେଶ୍ୟରେ ଧମକପୂର୍ଣ୍ଣ ମେସେଜ୍। ଗତକାଲି ବିଳମ୍ବିତ ରାତିରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ତରଫରୁ ଏହି ଧମକପୂର୍ଣ୍ଣ ମେସେଜ ମିଳିଥିବା ଜଣାଯାଇଛି। ଏଥିରେ କୁହାଯାଇଛି ସଲମାନ ଖାନ୍ ଏବଂ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇକୁ ନେଇ ଏକ ଗୀତ ଲେଖାଯାଇଛି। ଗୀତ ଲେଖିଥିବା ବ୍ୟକ୍ତିଙ୍କୁ ଛଡ଼ାଯିବନି । ତାଙ୍କୁ ସେ ଭିତରେ ମାରିଦେବା ଲାଗି ଖୋଲା ଚେତାବନୀ ଦିଆଯାଇଛି। ତାଙ୍କର ଏପରି ଅବସ୍ଥା କରାଯିବ, ଯେ ସେ ନିଜ ନାମରେ ଗୀତ ଲେଖିବାକୁ ସାହସ କରିପାରିବେନି। ଯଦି ସଲମାନଙ୍କ ସାହସ ଅଛି ତାଙ୍କୁ ବଞ୍ଚାଇ ଦେଖାନ୍ତୁ ବୋଲି ବି ଚେତାବନୀ ଦିଆଯାଇଛି। ଯେଉଁ ନମ୍ବରରୁ ଏହି ଧମକ ଆସିଛି ପୁଲିସ୍ ତାହାକୁ ଟ୍ରାକ୍ କରିବାକୁ ପ୍ରୟାସ ଜାରି ରଖିଛି। ତେବେ କେଉଁ ଗୀତକୁ ଟାର୍ଗେଟ କରି ଏପରି ଧମକ ଦିଆଯାଇଛି ଓ କିଏ ଏହାକୁ ଲେଖିଛି ସେ ନେଇ କିଛି ସ୍ପଷ୍ଟ ସୂଚନା ଦିଆଯାଇନି। ତେବେ ଏପରି ଧମକପୂର୍ଣ୍ଣ ମେସେଜକୁ ନେଇ ପୂରା ବି-ଟାଉନ୍‌ରେ ଚହଳ ସୃଷ୍ଟି ହୋଇଥିବା ବେଳେ ବଲିଉଡର ଦବଙ୍ଗ ଖାନ ହାଇଦ୍ରାବାଦରେ ନିଜ ଅପକମିଙ୍ଗ ଫିଲ୍ମ 'ସିକନ୍ଦର' ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ମେସେଜ ପରେ ୱର୍ଲି ଥାନା ପୁଲିସ ମାମଲା ରୁଜୁ କରିବା ସହ ଘଟଣାର ଛାନଭିନ୍ ଚଳାଇଛି। ଗତ ମାସରେ ସଲମାନଙ୍କୁ ହତ୍ୟା ନେଇ ଏକାଧିକ ଥର ଧମକ ଆସିଥିଲା। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗଠାରୁ ସଲମାନ ଖାନଙ୍କୁ କ୍ରମାଗତ ଭାବରେ ହତ୍ୟା ଧମକ ମିଳୁଛି।

ନିକଟରେ ସଲମାନ ଖାନଙ୍କ ଅତି ଘନିଷ୍ଠ ବନ୍ଧୁ ତଥା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକିଙ୍କୁ ଗୁଳି କରି ହତ୍ୟା କରାଯାଇଛି। ବିଷ୍ଣୋଇ ଗ୍ୟାଙ୍ଗ ଏହାର ଦୋଷ ନିଜ ମୁଣ୍ଡକୁ ନେଇଛି। ଏହାପରଠୁ ସଲମାନଙ୍କ ନିକଟକୁ ଧମକପୂର୍ଣ୍ଣ ମେସେଜ ଓ ଫୋନ୍ କଲ୍ ଆସିବାରେ ଲାଗିଛି। ତେଣୁ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଯିବା ସହ ତାଙ୍କ ଆପାର୍ଟମେଣ୍ଟ ବାହାରେ ବି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# ଶେଷ ଦିନରେ ଭାବୁକ ହେଲେ ସିଜେଆଇ

**ନୂଆଦିଲ୍ଲୀ,୮।୧୧:** ଆଜି ଅବସର ନେଉଛନ୍ତି ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଡି ଓ୍ୱାଇ ଚନ୍ଦ୍ରଚୂଡ଼। ତାଙ୍କ ଶେଷ ଦିନରେ ସେ କିଛି ବିଶେଷ ବାର୍ତ୍ତା ଦେଇଛନ୍ତି। ନିଜ କାର୍ଯ୍ୟକାଳର ଅନ୍ତିମ ଦିନରେ ଔପଚାରିକ ପୀଠରୁ ସାରା ବିଶ୍ୱ ଦେଶ ପାଇଁ ଏକ ବିଶେଷ ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି, ଆଜି ଶେଷ ଦିନରେ ଅନୁଭବ କରୁଛି ଯେ ମୁଁ ଆଉ ମୁଖ୍ୟ ବିଚାରପତି ନାହିଁ। କାଲିଠାରୁ ମୁଁ ଆଉ ନ୍ୟାୟ ଦେଇପାରିବି ନାହିଁ। କିନ୍ତୁ ଏତିକିରେ ସନ୍ତୁଷ୍ଟ ଅଛି। ସେ ଆହୁରି କହିଛନ୍ତି, ଯେତେବେଳେ ମୋ ରେଜିଷ୍ଟ୍ରାର ନ୍ୟାୟିକ ମୋତେ ପଚାରିଲେ କି, ବିଦାୟ କାଳୀନ ସମାରୋହ କେତେବେଳେ ଅନୁଷ୍ଠିତ ହେବ? ଏହାର ଉତ୍ତରରେ ମୁଁ କହିଥିଲି,ଦ୍ୱିପ୍ରହର ୨ଟାବେଳେ। କାରଣ ମୋତେ ଏହି ସମୟ ଯାଏଁ ଅନେକ ଲମ୍ବିତ ମାମଲା ଉପରେ ରାୟ ଦେବାର ଥିଲା। କିନ୍ତୁ ପରେ ଭାବୁଥିଲି, କ'ଣ ଦିନ ୨ଟା ଯାଏ କେହି ରହିଥିବେ? ନା ମୁଁ ଏକା ରହିବି। 'ମିଚ୍ଛାମି ଦୁଖଦମ୍' ଉଦ୍ଧୃତ କରି ସେ କହିଛନ୍ତି ଯେ, ଯଦି ମୁଁ କୋର୍ଟରେ କାହାକୁ ଅପମାନିତ କରିଥିବି, ଦୟାକରି ମୋତେ ଏଥିପାଇଁ କ୍ଷମା କରଦେବେ। ମିଚ୍ଛାମି ଦୁଖଦମର ଅର୍ଥ ହେଉଛି ମୋର ସମସ୍ତ ଭୁଲ କ୍ଷମା କରାଯାଉ। ତେବେ ଶେଷ ମୁହୂର୍ତ୍ତରେ ଆଇନଜୀବୀ ତଥା ବାର୍ ସଦସ୍ୟମାନେ ଏକତ୍ରିତ ହୋଇ ପ୍ରଧାନ ବିଚାରପତିଙ୍କୁ ନ୍ୟାୟପାଳିକାର "ରକ ଷ୍ଟାର୍" ବୋଲି କହିଥିଲେ। ସୂଚନାଥାଉ କି, ନଭେମ୍ବର ୧୧ରେ ଚନ୍ଦ୍ରଚୂଡଙ୍କ ଉତ୍ତରାଧିକାରୀ ତଥା ଭାରତର ୫୧ତମ ପ୍ରଧାନ ବିଚାରପତି ଭାବରେ ଜଷ୍ଟିସ ସଞ୍ଜୀବ ଖାନ୍ନା ଶପଥ ନେବେ।

## ଅବସର ପରେ ଚନ୍ଦ୍ରଚୂଡଙ୍କୁ କ'ଣ ମିଳିବ ସୁବିଧା



**ନୂଆଦିଲ୍ଲୀ,୮।୧୧:** ଭାରତରେ ସୁପ୍ରିମକୋର୍ଟର ମୁଖ୍ୟ ଅର୍ଥାତ୍ ପ୍ରଧାନ ବିଚାରପତି (ସିଜେଆଇ) ହେଉଛି ଭାରତୀୟ ନ୍ୟାୟପାଳିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦ। ଏହା କେବଳ ଏକ ସମ୍ମାନଜନକ ପଦବୀ ନୁହେଁ, ବରଂ ଏହା ସହିତ ବିଶେଷ ଅଧିକାର ମଧ୍ୟ ବହନ କରେ,ଯାହା ପ୍ରଧାନ ବିଚାରପତିଙ୍କ ଅବସର ପରେ ମଧ୍ୟ ଜାରି ରହେ। ବର୍ତ୍ତମାନ ସିଜେଆଇ ଡି.ଓ୍ୱାଇ. ଚନ୍ଦ୍ରଚୁଡ ଏହି ପଦବୀରେ କାର୍ଯ୍ୟ କରୁଛନ୍ତି ଏବଂ ଅବସର ପରେ ତାଙ୍କୁ ଅନେକ ବିଶେଷ ସୁବିଧା ମଧ୍ୟ ମିଳିବ, ଯାହା ଭାରତୀୟ ନ୍ୟାୟପାଳିକାରେ ଧାର୍ଯ୍ୟ ନିୟମ ଅନୁଯାୟୀ ପ୍ରଦାନ କରାଯାଇଛି। ସିଜେଆଇ ଚନ୍ଦ୍ରଚୂଡଙ୍କ କାର୍ଯ୍ୟକାଳ ନଭେମ୍ବର ୯, ୨୦୨୨ରେ ଆରମ୍ଭ ହୋଇଥିଲା ଏବଂ ସେ ଭାରତୀୟ ସମ୍ବିଧାନର ଧାରା ୧୨୪ ଅନୁଯାୟୀ, ଧାର୍ଯ୍ୟ ଅନୁଯାୟୀ ନଭେମ୍ବର ୧୦ରେ ଅବସର ନେବେ। ଅବସର ପରେ ସେ କେବଳ ସମ୍ମାନ ଏବଂ ସର୍ବୋଚ୍ଚ ସୁବିଧା ପାଇବେ ନାହିଁ, ବରଂ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋଟୋକଲ ମଧ୍ୟ ରହିବ, ଯାହା ଅବସର ପରେ ପ୍ରଯୁଜ୍ୟ।

ସିଜେଆଇ ଚନ୍ଦ୍ରଚୂଡଙ୍କୁ ଅନେକ ପ୍ରକାରର ସୁବିଧା ମିଳିଥାଏ ଏବଂ ଅବସର ପରେ ମଧ୍ୟ ସେ ଅନେକ ସୁବିଧା ପାଇବେ। ଯେଉଁଥିରେ ସରକାରୀ ବାସଭବନରେ ଯେଉଁଠାରେ ସିଜେଆଇ ତାଙ୍କ ପରିବାର, ସୁରକ୍ଷା ଏବଂ ସୁରକ୍ଷା କର୍ମୀଙ୍କ ସହ ରହିପାରିବ। ଏହା ବ୍ୟତୀତ ପେନସନ ଏବଂ ସ୍ୱତନ୍ତ୍ର ଭତ୍ତା ମଧ୍ୟ ଅବସର ପରେ ସିଜେଆଇଙ୍କୁ ଦିଆଯାଏ। ସିଜେଆଇ ପେନସନ ଭାବରେ ୭୦,୦୦୦ ଟଙ୍କା ପାଇବ ଏବଂ ଅବସର ପରେ ତାଙ୍କୁ ଆଜୀବନ ଚାକର ଏବଂ ଡ୍ରାଇଭର ମଧ୍ୟ ଦିଆଯିବ। ଏହା ବ୍ୟତୀତ, ସେମାନେ ଅନ୍ୟାନ୍ୟ ଭତ୍ତା ମଧ୍ୟ ପାଇଥା'ନ୍ତି, ଯେପରିକି ଡାକ୍ତରୀ ଭତ୍ତା, ଯାହା ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଥାଏ। ଅବସର ପରେ ମଧ୍ୟ ଅନ୍ୟାନ୍ୟ ଆଇନଗତ ମାମଲାରେ ସୁପ୍ରିମକୋର୍ଟଙ୍କୁ ସହାୟତା ଏବଂ ପରାମର୍ଶ ଦେବାର ଅଧିକାର ରହିଛି।

ଅବସର ପରେ ସିଜେଆଇଙ୍କୁ ସୁପ୍ରିମକୋର୍ଟଙ୍କଠାରୁ ଆଇନଗତ ପରାମର୍ଶ ଏବଂ ଅନ୍ୟାନ୍ୟ ସୁବିଧା ମିଳିଥାଏ। ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ସେମାନଙ୍କର ପରାମର୍ଶ ଦେବାର ଅଧିକାର ଅଛି ଏବଂ ଉଚ୍ଚ ନ୍ୟାୟାଳୟ କିମ୍ବା ଅନ୍ୟାନ୍ୟ ନ୍ୟାୟିକ ପ୍ରସଙ୍ଗରେ ବିଶେଷଜ୍ଞ ଭାବରେ କାର୍ଯ୍ୟ କରିବାକୁ ସେମାନଙ୍କୁ କୁହାଯାଇପାରେ। ଯଦିଓ ଅବସର ପରେ ସେମାନେ ଯେକୌଣସି ସାଧାରଣ ନାଗରିକଙ୍କ ପରି ଅଟନ୍ତି କିନ୍ତୁ ସେମାନଙ୍କର ଅଭିଜ୍ଞତା କୋର୍ଟର କାର୍ଯ୍ୟରେ ବ୍ୟବହୃତ ହୁଏ।

## ସୁପ୍ରିମକୋର୍ଟରେ ରହିବନି 'ଗ୍ରୀଷ୍ମ ଛୁଟି'

**ନୂଆଦିଲ୍ଲୀ, ୮।୧୧:** ସୁପ୍ରିମକୋର୍ଟରେ ଆଉ ରହିବନି 'ଗ୍ରୀଷ୍ମକାଳୀନ ଅବକାଶ ଛୁଟି'। ଏହି ଶବ୍ଦର ସ୍ଥାନ ନେବ 'ଆଂଶିକ ଅଦାଲତ କାର୍ଯ୍ୟ ଦିବସ' । ନିଜ ନିୟମରେ ସଂଶୋଧନ କରି ସୁପ୍ରିମକୋର୍ଟ ପକ୍ଷରୁ ଏପରି ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୂଡ଼ଙ୍କ ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟର ନିୟମର ସଂଶୋଧନ କରାଯାଇ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ସୁପ୍ରିମକୋର୍ଟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି, ଅଦାଲତର ଆଶିଂକ କାର୍ଯ୍ୟଦିବସର ସମୟ ସୀମା ଓ ଛୁଟିର ସଂଖ୍ୟା ପ୍ରଧାନ ବିଚାରପତି ସ୍ଥିର କରିବେ। ତେବେ ରବିବାରକୁ ଛାଡ଼ି ଏହି ସଂଖ୍ୟା ୯୫ରୁ ଯେପରି ଅଧିକ ନ ହେବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ପୂର୍ବରୁ ଏହି ସଂଖ୍ୟା ୧୦୩ ଥିଲା। କିନ୍ତୁ ଏବେ ଏହି ଶବ୍ଦ ସୁପ୍ରିମକୋର୍ଟ କ୍ୟାଲେଣ୍ଡରରୁ ହଟାଇ ଦିଆଯାଇଛି। ଚଳିତ ବର୍ଷ ପ୍ରକାଶ ପାଇଥିବା ସୁପ୍ରିମ କୋର୍ଟ କ୍ୟାଲେଣ୍ଡର(୨୦୨୫) ରେ ଅବକାଶକାଳୀନ ଛୁଟି ଶବ୍ଦକୁ ହଟାଇ ଦିଆଯାଇଛି। ଏହା ପରିବର୍ତ୍ତେ ଆଶିଂକ ଅଦାଲତ କାର୍ଯ୍ୟ ଦିବସ ଆସନ୍ତା ବର୍ଷ



୨୬ ମେ' ରୁ ଆରମ୍ଭ ହୋଇ ଜୁଲାଇ ୧୪ ତାରିଖରେ ଶେଷ ହେବ । ସବୁ ବର୍ଷ ମେ'- ଜୁନ୍ ମାସରେ ସୁପ୍ରିମକୋର୍ଟରେ ସାତ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରୀଷ୍ମକାଳୀନ ଅବକାଶ ହୋଇଥାଏ। ସେହିପରି ଡିସେମ୍ବର ମାସରେ ପ୍ରବଳ ଶୀତ ସମୟରେ ବି ଛୁଟି ହୋଇଥାଏ। କିନ୍ତୁ ତାହା ମଧ୍ୟରେ ଅବକାଶକାଳୀନ ବେଞ୍ଚ ବସିଥାଏ। ଉକ୍ତ ବେଞ୍ଚ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରିଥାନ୍ତି। ଏହି ଛୁଟି ସମୟରେ ଜଜ୍‌ମାନେ ପରିବାର ସହ ବିଦେଶ ଯାଇ ଛୁଟି କାଟୁଥିବା କୁହାଯାଉଥିଲା। ଏପରିକି କୋର୍ଟରେ ବିଭିନ୍ନ ମାମଲା ପଡ଼ି ରହିଥିବା ବେଳେ ବିଚାରପତିମାନେ ବିଦେଶରେ ମଜାମସ୍ତି କରୁଥିବା କୁହାଯାଉଥିଲା। କିନ୍ତୁ ଏଥିରେ ସ୍ପଷ୍ଟୋକ୍ତି ଦେବାକୁ ଯାଇ ପ୍ରଧାନ ବିଚାରପତି କହିଥିଲେ, ଉକ୍ତ ଛୁଟି ସମୟରେ ବିଚାରପତିମାନେ ବାହାରକୁ ଯାଇ ଛୁଟି କାଟି ନ ଥାନ୍ତି। ଉକ୍ତ ସମୟର ଉପଯୋଗ କରି ସେମାନେ ବିଭିନ୍ନ ମାମଲାର ଚୂଡ଼ାନ୍ତ ରାୟକୁ ସବିଶେଷ ଭାବେ ଲେଖିଥାନ୍ତି। ଏଥିସହ ଅବକାଶକାଳୀନ ଛୁଟି ସମୟରେ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ନିମନ୍ତେ ପ୍ରଧାନ ବିଚାରପତି ଅବକାଶକାଳୀନ ପୀଠ ଗଠନ କରିଥାନ୍ତି। ଏହି ଛୁଟି ସମୟରେ ବିଚାରପତିମାନେ ନିଜ କାମ ପ୍ରତି ସମର୍ପିତ ରହିଥାନ୍ତି। ଏପରିକି ବିଚାରପତିମାନେ ସାପ୍ତାହିକ ଛୁଟି ଦିନରେ ବି କାମ କରିଥାନ୍ତି ବୋଲି ବି ସେ କହିଛନ୍ତି।

## ଟ୍ରାକ୍‌ରୁ ମିଳିଲା ଲୁହା ଛଡ଼

**ପୁଣେ, ୮।୧୧:** ଗତ କିଛି ଦିନ ହେବ ଲଗାତାର ରେଳ ଦୁର୍ଘଟଣା ଘଟାଇବା ନିମନ୍ତେ ଚାଲିଛି ଷଡଯନ୍ତ୍ର । ଏଥିନିମନ୍ତେ କେତେବେଳେ ରେଳ ଟ୍ରାକ୍‌ରୁ ଗ୍ୟାସ୍ ସିଲିଣ୍ଡର ତ କେତେବେଳେ ଇଟା ଓ ପଥର ଜବତ କରାଯାଉଛି। ମହାରାଷ୍ଟ୍ରର ଥାନେ ଜିଲ୍ଲାରେ ଏପରି ଏକ ଘଟଣାର ପୁନରାବୃତ୍ତି ଘଟିଛି। ଗତ ୫ ତାରିଖରେ ଥାନେ ଜିଲ୍ଲାର ଭୟନ୍ଦର ଓ ମୀରାରୋଡ ରେଳ ଷ୍ଟେଶନ ମଝିରେ ଟ୍ରେନ୍ ଟ୍ରାକ୍‌ରେ ଲୁହା ଛଡ଼ ଭର୍ତ୍ତି ଏକ ବ୍ୟାଗ୍ ଜବତ କରାଯାଇଛି। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ରେଲୱେ ପୁଲିସ୍ ଅଧିକାରୀ କହିଛନ୍ତି, ଗତ ୫ ତାରିଖରେ କିଛି ଲୋକ ୭ ଲୁହା ଛଡ଼ ଭର୍ତ୍ତି ଥିବା ଏକ ବ୍ୟାଗ୍‌କୁ ରେଲୱେ ଟ୍ରାକ୍‌ରେ ଫୋପାଡ଼ି ଦେଇଥିଲେ। ମାତ୍ର ସୂଚନା ପାଇ ପୁଲିସ୍ ତୁରନ୍ତ ଏହାକୁ ଟ୍ରାକ୍‌ରୁ ଜବତ କରିଛି। ନଚେତ ଏକ ବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହୋଇଥାନ୍ତା। ପୁଲିସ୍ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଯାଞ୍ଚ ସମୟରେ ନିକଟରେ ଥିବା ଏକ କନଷ୍ଟ୍ରକସନ୍ ସାଇଟ୍‌ରୁ ୩ ଜଣ ଛଡ଼ ଚୋରି କରିଥିବା ଜଣାପଡ଼ିଲା। ଏହାପରେ ସଙ୍ଗେସଙ୍ଗେ ପୁଲିସ୍ ୩ ଜଣଙ୍କୁ ବାନ୍ଧିଥିବା ବେଳେ ସେମାନଙ୍କ ବୟସ ୧୯ ବର୍ଷ ବୋଲି ଜଣାଯାଇଛି। ଏହା ପୂର୍ବରୁ ବହୁ ଥର ଟ୍ରେନ୍‌କୁ ଟ୍ରାକ୍‌ରୁ ଖସାଇ ଦୁର୍ଘଟଣା ଘଟାଇବାକୁ ସାଂଘାତିକ ଷଡଯନ୍ତ୍ର ରଚାଯାଇଛି। ଉତ୍ତରପ୍ରଦେଶର କାନପୁର ଜିଲ୍ଲାରେ ଟ୍ରାକ୍‌ରେ ଏକ ଗ୍ୟାସ ସିଲିଣ୍ଡର ରଖାଯାଇଥିବା ବେଳେ ପ୍ରୟାଗରାଜ-ଭିଓ୍ୱାନୀ କାଳିନ୍ଦୀ ଏକ୍ସପ୍ରେସ ତାହାକୁ ଧକ୍କା ଦେଇଥିଲା। ଏହାପରେ ରାଜସ୍ଥାନର ଆଜମେରରେ ରେଲୱେ ଟ୍ରାକ୍ ମଝିରେ ବଡ଼ ବଡ଼ ସିମେଣ୍ଟ ଖଣ୍ଡ ରଖାଯାଇଥିଲା। ଏହାର ଓଜନ ୭୦ କେଜି ବୋଲି ଜଣାପଡ଼ିଛି। ତେବେ ଦ୍ରୁତ ଗତିରେ ଥିବା ମାଲବାହୀ ଟ୍ରେନ୍‌ଟି ଉକ୍ତ ସିମେଣ୍ଟ ଖଣ୍ଡକୁ ଧକ୍କା ଦେଇ ଆଗକୁ ବଢ଼ି ଯାଇଥିବା ବେଳେ ତାହା ଲାଇନ୍‌ଚ୍ୟୁତ ହୋଇ ନ ଥିଲା। ଏପରି ମାମଲା ସଂଖ୍ୟା ଦିନକୁଦିନ ବଢ଼ିବାକୁ ଲାଗୁଥିବା ବେଳେ ଏହା ପଛର କାରଣ ସ୍ପଷ୍ଟ ହୋଇପାରିନି।

## ଆଲିଗଡ ମୁସଲିମ୍ ୟୁନିଭରସିଟିକୁ ସଂଖ୍ୟାଲଘୁ ମାନ୍ୟତା

## ଅନ୍ୟ ବେଞ୍ଚକୁ ଗଲା ମାମଲା

**ନୂଆଦିଲ୍ଲୀ, ୮।୧୧:** ଆଲିଗଡ଼ ମୁସଲିମ୍ ୟୁନିଭରସିଟି (ଏଏମ୍‌ୟୁ) କୁ ସଂଖ୍ୟାଲଘୁ ମାନ୍ୟତା ପ୍ରଦାନ ନେଇ ହୋଇଥିବା ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟର ୭ ଜଣିଆ ଖଣ୍ଡପୀଠ ଏହି ବିବାଦର ବିଚାର ଅନ୍ୟ ଏକ ବେଞ୍ଚ କରିବ ବୋଲି କହିଛନ୍ତି। କୋର୍ଟ କହିଛନ୍ତି, ଏଏମ୍‌ୟୁ ଏକ ସଂଖ୍ୟାଲଘୁ ଅନୁଷ୍ଠାନ ନା ନୁହେଁ ୩ ଜଣିଆ ବିଚାରପତିଙ୍କ ବେଞ୍ଚ ତାହା ସ୍ଥିର କରିବ। ଏଥିସହ ତାହାର ମାନଦଣ୍ଡ ବି ନିର୍ଦ୍ଧାରଣ କରିବ। କାରଣ ଆଜି ହୋଇଥିବା ଶୁଣାଣିରେ ଏନେଇ ସହମତ ପ୍ରକାଶ ପାଇ ପାରିଲାନି। ୭ ଜଣିଆ ଖଣ୍ଡପୀଠରୁ ସିଜେଆଇଙ୍କ ସମେତ ୪ ଜଣ ଗୋଟିଏ ମତ ଦେଇଥିବା ବେଳେ ଅନ୍ୟ ୩ ଜଣଙ୍କ ମତ ଭିନ୍ନ ଥିଲା। ତେଣୁ ୪-୩ ବହୁମତରେ କୋର୍ଟ ୧୯୬୭ ମସିହାର ଉକ୍ତ ରାୟକୁ ଖାରଜ କରି ଦେଇଛନ୍ତି ଯେଉଁଥିରେ ଏଏମ୍‌ୟୁକୁ ସଂଖ୍ୟାଲଘୁ ମାନ୍ୟତା ଦେବାକୁ ମନା କରାଯାଇଥିଲା। ଏଥିସହ ଏଏମ୍‌ୟୁକୁ ସଂଖ୍ୟାଲଘୁଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା ବୋଲି ପ୍ରମାଣିତ କରିବାକୁ ହେବ ବୋଲି ସୁପ୍ରିମ କୋର୍ଟଙ୍କ ପକ୍ଷରୁ କୁହାଯାଇଛି।



ଆଜି ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି କହିଛନ୍ତି, କୌଣସି ଶୈକ୍ଷିକ ଅନୁଷ୍ଠାନକୁ ଅଳ୍ପସଂଖ୍ୟକ ଅନୁଷ୍ଠାନ ବୋଲି କହିବା ନିମନ୍ତେ କ'ଣ ରହିଛି ମାନଦଣ୍ଡ? ଏହାକୁ ଅଳ୍ପସଂଖ୍ୟକ ଧାର୍ମିକ କିମ୍ବା ଭାଷା ସହ ସମ୍ବନ୍ଧିତ ବ୍ୟକ୍ତିଙ୍କ ଦ୍ୱାରା ସ୍ଥାପନ ତଥା ପରିଚାଳନା କରାଯାଉଥିବାରୁ ଏହାକୁ ଅଳ୍ପସଂଖ୍ୟକ ଅନୁଷ୍ଠାନ କୁହାଯିବ କି? ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୂଡ଼ କହିଛନ୍ତି, ଦେଶର ବିଭିନ୍ନ ଧାର୍ମିକ ସମୁଦାୟ ଶୈକ୍ଷିକ ଅନୁଷ୍ଠାନ ପ୍ରତିଷ୍ଠା କରି ପାରିବେ। ମାତ୍ର ଏହାର ପରିଚାଳନା କରିପାରିବେନି। ଏଥିନିମନ୍ତେ ସେମାନଙ୍କୁ ପର୍ଯ୍ୟାପ୍ତ ଅଧିକାର ପ୍ରଦାନ କରାଯାଇ ନାହିଁ। ଏହାକୁ ବି ନିୟନ୍ତ୍ରଣ କରାଯିବା ଜରୁରୀ। ନଚେତ ସମ୍ବିଧାନର ଅନୁଚ୍ଛେଦ ୩୦ ଦୁର୍ବଳ ହୋଇଯିବ। ଏଥିସହ ସେ କହିଛନ୍ତି, ବହୁମତ ସହ ଫଇସଲା ଲେଖା ଯାଇଥିଲେ ବି ୩ ବିଚାରପତି ଏହି ମାମଲାରେ ନିଜ ଅସହମତି ପ୍ରକାଶ କରିଛନ୍ତି। ଏଥିନିମନ୍ତେ ଏକ ୩ ଜଣିଆ ବେଞ୍ଚ ଗଠିତ ହୋଇଥିବା ବେଳେ ଏଏମ୍‌ୟୁକୁ ଅଳ୍ପ ସଂଖ୍ୟକ ସଂସ୍ଥାର ମାନ୍ୟତା ମିଳିବ କି ନାହିଁ ତାହା ସ୍ଥିର ହେବ। ସୁପ୍ରିମକୋର୍ଟର ୭ ଜଣିଆ ଖଣ୍ଡପୀଠ ଆହ୍ଲାବାଦ ହାଇକୋର୍ଟଙ୍କ ୨୦୦୬ ମସିହାର ଏକ ମାମଲାର ଶୁଣାଣି କରି ଏହି ରାୟ ପ୍ରକାଶ କରିଛନ୍ତି। ଏଏମ୍‌ୟୁ ଏକ ଅଳ୍ପ ସଂଖ୍ୟକ ସଂସ୍ଥା ନୁହେଁ ବୋଲି ଆହ୍ଲାବାଦ ହାଇକୋର୍ଟ ନିଜ ରାୟରେ କହିଥିଲେ। ଏହାପରେ ଏହି ମାମଲା ସୁପ୍ରିମକୋର୍ଟକୁ ଆସିଥିବା ବେଳେ ୩ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରିଥିଲେ। କିନ୍ତୁ ୨୦୧୯ ମସିହାରେ ୩ ଜଣିଆ ଖଣ୍ଡପୀଠ ୭ ଜଣିଆ ଖଣ୍ଡପୀଠକୁ ଏହି ମାମଲା ହସ୍ତାନ୍ତର କରିଥିଲେ।

୧୯୬୭ ମସିହାରେ ସୁପ୍ରିମକୋର୍ଟ କହିଥିଲେ ଏଏମ୍‌ୟୁ ଏକ ସେଣ୍ଟ୍ରାଲ ୟୁନିଭରସିଟି। ଏହାକୁ ଅଳ୍ପ ସଂଖ୍ୟକ ସଂସ୍ଥା ରୂପେ ମାନ୍ୟତା ମିଳିବ ନାହିଁ। କାରଣ ଏହାର ସ୍ଥାପନା କେନ୍ଦ୍ରୀୟ ଆଇନ ଅନୁସାରେ ହୋଇଥିବା ବେଳେ ଏହାର ଡିଗ୍ରୀକୁ ସରକାରୀ ମାନ୍ୟତା ପ୍ରଦାନ କରାଯାଇଛି। ଏହି ବିଶ୍ୱବିଦ୍ୟାଳୟ ମୁସଲିମ୍ ଅଳ୍ପସଂଖ୍ୟକଙ୍କ ପ୍ରୟାସ ଯୋଗୁ ପ୍ରତିଷ୍ଠା ହୋଇ ଥାଇପାରେ କିନ୍ତୁ ଏହାର ଅର୍ଥ ନୁହେଁ ଏହା ଏକ ସଂଖ୍ୟାଲଘୁ ଅନୁଷ୍ଠାନ। ଏନେଇ ଆହ୍ଲାବାଦ ହାଇକୋର୍ଟରେ ଅପିଲ ହୋଇଥିବା ବେଳେ ସେଠାରେ ବି ଏହାକୁ ଖାରଜ କରାଯାଇଥିଲା। ଏହାକୁ ନେଇ ଉକ୍ତ ସମୟରେ ସମଗ୍ର ଦେଶରେ ପ୍ରବଳ ବିରୋଧ ଦେଖାଦେଇଥିଲା। ୨୦୧୬ ମସିହାରେ କେନ୍ଦ୍ର ସରକାର ନିଜ ପକ୍ଷ ରଖି କହିଥିଲେ, ଅଳ୍ପସଂଖ୍ୟକ ସଂସ୍ଥାର ପ୍ରତିଷ୍ଠା ଧର୍ମନିରପେକ୍ଷ ରାଜ୍ୟର ସିଦ୍ଧାନ୍ତର ବିପରୀତ ଅଟେ।

## ଭାରତ ବିଶ୍ୱ ମହାଶକ୍ତି ହେବାକୁ ଯୋଗ୍ୟ: ପୁଟିନ



**ନୂଆଦିଲ୍ଲୀ, ୮।୧୧:** ଭାରତ ପ୍ରଶଂସାରେ ଶତମୁଖ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ପୁଣିଥରେ ଭାରତର ପ୍ରଶଂସା କରି ପୁଟିନ ଭାରତକୁ ଏକ ମହାନ ଦେଶ ଭାବରେ ବର୍ଣ୍ଣନା କରିଛନ୍ତି। ଅନ୍ୟ ଦେଶ ତୁଳନାରେ ଭାରତର ଦ୍ରୁତ ଗତିରେ ଅର୍ଥନୈତିକ ଅଭିବୃଦ୍ଧି ଘଟୁଛି। ତେଣୁ ଭାରତ ବିଶ୍ୱର ମହାଶକ୍ତି ତାଲିକାରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ବୋଲି ପୁଟିନ କହିଛନ୍ତି। ରୁଷର ସୋଚି ସହରସ୍ଥିତ ଭାଲଡାଇ ଆଲୋଚନା କ୍ଲବରେ ଭାଷଣ ଦେବା ସମୟରେ ପୁଟିନ ଭାରତର ଅଗ୍ରଗତିକୁ ପ୍ରଶଂସା କରିଛନ୍ତି। ବିଶ୍ୱ ମଞ୍ଚରେ ଭାରତ ଅନନ୍ୟ ବୋଲି ବର୍ଣ୍ଣନା କରିଛନ୍ତି ରୁଷ ରାଷ୍ଟ୍ରପତି। ସେ କହିଛନ୍ତି ଯେ ରୁଷ ଅନେକ ଦିଗରେ ଭାରତ ସହ ସମ୍ପର୍କକୁ ମଜବୁତ କରୁଛି। ପୁଟିନ କହିଛନ୍ତି, 'ଭାରତକୁ ଏହାର ଦେଢ଼ ବିଲିୟନ ଜନସଂଖ୍ୟା, ବିଶ୍ୱର ସମସ୍ତ ଅର୍ଥନୀତି ମଧ୍ୟରେ ଦ୍ରୁତ ଅଭିବୃଦ୍ଧି, ପ୍ରାଚୀନ ସଂସ୍କୃତି ଏବଂ ପରବର୍ତ୍ତୀ ବିକାଶ ପାଇଁ ବହୁତ ଭଲ ସମ୍ଭାବନା କାରଣରୁ ଏହାକୁ ଗ୍ଲୋବାଲ ସୁପର ପାଓ୍ୱାର ତାଲିକାରେ ଯୋଡାଯିବା ଉଚିତ।' ପୁଟିନ କହିଛନ୍ତି ଯେ ଆମେ ବିଭିନ୍ନ କ୍ଷେତ୍ରରେ ଭାରତ ସହ ଆମର ସମ୍ପର୍କ ବିକାଶ କରୁଛୁ। ଭାରତ ଏକ ମହାନ ଦେଶ। ଅର୍ଥନୈତିକ ଅଭିବୃଦ୍ଧି ଦୃଷ୍ଟିରୁ ଏହା ବିଶ୍ୱର ଏକ ଅଗ୍ରଣୀ ଦେଶ। ଏହାର ଜିଡିପି ୭.୪ ପ୍ରତିଶତ ହାରରେ ବୃଦ୍ଧି ପାଉଛି। ରୁଷ ଏବଂ ଭାରତ ମଧ୍ୟରେ ସମ୍ପର୍କ ପ୍ରତିବର୍ଷ ନିବିଡ଼ ହେଉଛି। ଏହି କାର୍ଯ୍ୟକ୍ରମରେ ପୁଟିନ ସୋଭିଏତ ସଂଘ ସମୟରୁ ଭାରତ ସହିତ ରୁଷର ସମ୍ପର୍କ ଅତ୍ୟନ୍ତ ସ୍ୱତନ୍ତ୍ର ବୋଲି ବର୍ଣ୍ଣନା କରିଥିଲେ। ଭାରତର ସ୍ୱାଧୀନତା ପାଇଁ ସୋଭିଏତ ସଂଘ ମଧ୍ୟ ଏକ ବଡ଼ ଭୂମିକା ଗ୍ରହଣ କରିଥିଲା ବୋଲି ସେ କହିଛନ୍ତି।

## ରେଲବାଇରେ ୩ କୋଟି କ୍ଷତି

## ଛାଡ଼ପତ୍ର ପାଇଲେ ଷ୍ଟେସନ ମାଷ୍ଟର

**ରାୟପୁର, ୮।୧୧:** ପତ୍ନୀଙ୍କ ସହ ଫୋନ୍‌ରେ ଝଗଡ଼ା ବେଳେ ସ୍ୱାମୀଙ୍କ ପାଟିରୁ ବାହାରିଗଲା 'ଓକେ' । ଫଳରେ ରଙ୍ଗରୁଟ୍‌ରେ ଚାଲିଗଲା ଟ୍ରେନ୍ ଓ ରେଳବାଇକୁ ସହିବାକୁ ପଡ଼ିଲା ୩ କୋଟିର କ୍ଷତି। ଏହି ମାମଲାରେ ସମ୍ପୃକ୍ତ ଷ୍ଟେଶନ ମାଷ୍ଟରଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ଏବେ ଉକ୍ତ ଘଟଣାର ଦ୍ୱାହି ଦେଇ ନିଲମ୍ବିତ ଷ୍ଟେଶନ ମାଷ୍ଟର ଛାଡ଼ପତ୍ର ପାଇଁ ଆବେଦନ କରିଥିବା ବେଳେ ତାହାକୁ ମଞ୍ଜୁର କରିଛନ୍ତି ଛତିଶଗଡ଼ ହାଇକୋର୍ଟ। ଡ୍ୟୁଟି ସମୟରେ ମହିଳାଜଣକ ସବୁବେଳେ ଫୋନ୍ କରି ସ୍ୱାମୀଙ୍କ ସହ ଝଗଡ଼ା କରୁଥିଲେ। ଏଥିଯୋଗୁ ରେଳବାଇର ପ୍ରଭୂତ କ୍ଷତି ଘଟୁଥିବା ବେଳେ ଏହା ମାନସିକ କ୍ରୂରତା ବୋଲି କହିଛନ୍ତି କୋର୍ଟ। ତେଣୁ ବ୍ୟକ୍ତିଜଣକ ଛାଡ଼ପତ୍ର ପାଇବାକୁ ହକଦାର ବୋଲି କହି ଛତିଶଗଡ଼ ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଏହା ଉପରେ ମୋହର ମାରିଛନ୍ତି।

ମାମଲାରୁ ଜଣାଯାଇଛି, ଭିଲାଇରେ ରହୁଥିବା ଯୁବତୀଜଣକ ୨୦୧୧ ମସିହାରେ ସମ୍ପୃକ୍ତ ଷ୍ଟେଶନ ମାଷ୍ଟରଙ୍କୁ ବିବାହ କରିଥିଲେ। ମାତ୍ର ଏହି ବିବାହରେ ମହିଳାଜଣକ ଖୁସି ନ ଥିବା ବେଳେ ତାଙ୍କର ପୂର୍ବରୁ ନିଜ କଲେଜର ଲାଇବ୍ରେରିଆନଙ୍କ ସହ ପ୍ରେମ ସମ୍ପର୍କ ଥିବା କହିଥିଲେ। ଏହାକୁ ନେଇ ସବୁବେଳେ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଏପରିକି ମହିଳାଜଣକ ଡ୍ୟୁଟିରେ ଥିବା ସ୍ୱାମୀଙ୍କୁ ଫୋନ୍ କରି ସବୁବେଳେ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ରେଲୱେକୁ ବି ୩ କୋଟି ଟଙ୍କାର କ୍ଷତି ହୋଇଛି। ଏହି ଘଟଣା ସେତେବେଳେ ସାମନାକୁ ଆସିଥିଲା, ଯେତେବେଳେ ଡ୍ୟୁଟିରେ ଥିବା ସ୍ୱାମୀଙ୍କୁ ମହିଳାଜଣକ ଫୋନ୍ କରିଥିଲେ। ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିବା ବେଳେ ଘରେ ପହଞ୍ଚି କଥା ହେବେ ବୋଲି ବ୍ୟକ୍ତିଜଣକ କହିଥିଲେ। ଏଥିସହ ପତ୍ନୀଙ୍କୁ 'ଓକେ' କହି ସେ ଫୋନ୍ ରଖିଥିଲେ। ମାତ୍ର ଷ୍ଟେଶନ ମାଷ୍ଟରଙ୍କ 'ଓକେ' ଶୁଣି ଅନ୍ୟ ଜଣେ ଷ୍ଟେଶନ ମାଷ୍ଟର ଏକ ଟ୍ରେନ୍‌କୁ ଗ୍ରୀନ୍ ସିଗନାଲ ଦେଇଦେଲେ। ନକ୍ସଲ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଉକ୍ତ ରୁଟ୍ ଦେଇ ରାତି ୧୦ଟାରୁ ସକାଳ ୬ଟା ମଧ୍ୟରେ ଟ୍ରେନ୍ ଚଳାଚଳ ଉପରେ ରୋକ୍ ଲଗା ଯାଇଥିଲା। ମାତ୍ର ଷ୍ଟେଶନ ମାଷ୍ଟରଙ୍କ 'ଓକେ' ଯୋଗୁ ଟ୍ରେନ୍‌ଟି ଉକ୍ତ ରୁଟ୍‌ରେ ଚାଲି ଯାଇଥିଲା। ଏହି ସାମାନ୍ୟ ତ୍ରୁଟି ପାଇଁ ରେଲୱେର ୩ କୋଟିର କ୍ଷତି ହୋଇଥିବା ବେଳେ ଉକ୍ତ ଷ୍ଟେଶନ ମାଷ୍ଟରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହାପରେ ଏବେ ତାଙ୍କ ଛାଡ଼ପତ୍ର ଆବେଦନ ଉପରେ ମୋହର ବାଜିଛି।

# ସନ୍ନ୍ୟାସ ନେବେ କ୍ରିକେଟର ମହମ୍ମଦ ନବୀ



ନୂଆଦିଲ୍ଲୀ,୮।୧୧: ଆସନ୍ତା ବର୍ଷ ପାକିସ୍ତାନ ଦ୍ୱାରା ଆୟୋଜିତ ହେବାକୁ ଥିବା ଚାମ୍ପିଅନ୍ସ ଟ୍ରଫି ପରେ ଭେଟେରାନ ଆଫଗାନିସ୍ତାନ କ୍ରିକେଟର ମହମ୍ମଦ ନବୀ ଦିନିକିଆ କ୍ରିକେଟରୁ ଅବସର ନେବେ। ନବୀ ବର୍ତ୍ତମାନ ଆଇସିସି ଦିନିକିଆ ର୍ୟାଙ୍କିଙ୍ଗରେ ନମ୍ବର ୧ ଅଲରାଉଣ୍ଡର। ସେ ୨୦୦୯ରେ ସ୍କଟଲ୍ୟାଣ୍ଡ ବିପକ୍ଷରେ ଦିନିକିଆ ଡେବ୍ୟୁ କରିଥିଲେ। ଗତ ୧୫ ବର୍ଷ ଧରି ଏହି ଏହି ଫର୍ମାଟରେ ଆଫଗାନିସ୍ତାନ ପାଇଁ ଖେଳୁଥିଲେ। ତେବେ ସେ ୫ ବର୍ଷ ପୂର୍ବେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ। ତେବେ ମହମ୍ମଦ ନବୀ ଆଫଗାନିସ୍ତାନ ପାଇଁ ଟି -୨୦ କ୍ରିକେଟ ଖେଳିବା ଜାରି ରଖିବେ। ଆଫଗାନିସ୍ତାନ କ୍ରିକେଟ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ନାସିବ ଖାନ ମହମ୍ମଦ ନବୀଙ୍କ ଅବସର ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, 'ନବୀ ମୋତେ କିଛି ମାସ ପୂର୍ବରୁ ଚାମ୍ପିଅନ୍ସ ଟ୍ରଫି ପରେ ନିଜର ଦିନିକିଆ କ୍ୟାରିୟର ଶେଷ କରିବାକୁ ଚାହୁଁଛନ୍ତି ଏବଂ ଆମେ ତାଙ୍କ ନିଷ୍ପତ୍ତିକୁ ସ୍ୱାଗତ କରୁଛୁ।' କ୍ରିକବଜ ରିପୋର୍ଟ ଅନୁଯାୟୀ ନବୀ ଏସିବିଙ୍କୁ ଅବସର ନେବାକୁ ନିଷ୍ପତ୍ତି ନେଇଥିବା ସୂଚନା ଦେଇଛନ୍ତି, ଯାହା ବୋର୍ଡ ଦ୍ୱାରା ମଧ୍ୟ ଗ୍ରହଣ କରାଯାଇଛି। ଟେଷ୍ଟ ଏବଂ ଦିନିକିଆ କ୍ରିକେଟରୁ ଅବସର ନେବା ପରେ ସେ ୨୦୨୬ ଟି -୨୦ ବିଶ୍ୱକପ ପର୍ଯ୍ୟନ୍ତ ଖେଳିପାରନ୍ତି।

ମହମ୍ମଦ ନବୀ ଆଫଗାନିସ୍ତାନର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଖେଳାଳି। ଡାହାଣ ହାତରେ ବ୍ୟାଟିଂ ବ୍ୟତୀତ ସେ ଅଫ ସ୍ପିନ ବୋଲିଂ ମଧ୍ୟ କରି ଅନେକ ବିଜୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ହେଉଛି ନବୀ ବର୍ତ୍ତମାନ ଆଇସିସି ଦିନିକିଆ ର୍ୟାଙ୍କିଙ୍ଗରେ ନମ୍ବର ୧ ଅଲରାଉଣ୍ଡର। ବାଂଲାଦେଶ ବିପକ୍ଷ ଶେଷ ଦିନିକିଆ ମ୍ୟାଚରେ ୭୧ ରନ ସ୍କୋରରେ ୫ ଉଇକେଟ ହରାଇବା ପରେ ସେ ୭୯ ବଲରେ ୮୪ ରନ୍‌ର ଚମତ୍କାର ଇନିଂସ ଖେଳି ଦଳର ବିଜୟର ହିରୋ ହୋଇଥିଲେ।

ମହମ୍ମଦ ନବୀ ୨୦୦୯ ରେ ସ୍କଟଲ୍ୟାଣ୍ଡ ବିପକ୍ଷରେ ଡେବ୍ୟୁ କରିଥିଲେ। ପ୍ରଥମ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ସେ ମଧ୍ୟ ଏହି ମ୍ୟାଚରେ ୮ ଓଭର ବୋଲିଂ କରିଥିଲେ। ହେଲେ କୌଣସି ଉଇକେଟ ନେଇପାରି ନ ଥିଲେ। ନବୀ ତାଙ୍କର ୧୫ ବର୍ଷର କ୍ୟାରିୟରରେ ଆଫଗାନିସ୍ତାନ ପାଇଁ ମୋଟ ୧୬୫ ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ଏହି ଅବଧିରେ ସେ ହାରାହାରି ୨୭.୩୦ ରେ ୩୫୪୯ ରନ ସଂଗ୍ରହ କରିଛନ୍ତି ଏବଂ ୧୭୧ ଉଇକେଟ ମଧ୍ୟ ନେଇଛନ୍ତି।



# ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବ ନାହିଁ ଭାରତ

ନୂଆଦିଲ୍ଲୀ,୮।୧୧: ଚାମ୍ପିୟନ୍ସ ଟ୍ରଫି ୨୦୨୫ ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି । ପାକିସ୍ତାନ କ୍ରିକେଟ ବୋର୍ଡକୁ ଟିମ ଇଣ୍ଡିଆ ଏକ ବଡ ଝଟକା ଦେଇଛି। ରିପୋର୍ଟ ଅନୁଯାୟୀ, ଭାରତୀୟ ଦଳ ଚାମ୍ପିୟନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବ ନାହିଁ। ଟିମ ଇଣ୍ଡିଆ ଦୁବାଇରେ ଏହାର ମ୍ୟାଚ ଖେଳିପାରେ। ତେବେ ଏହାର ସରକାରୀ ଘୋଷଣା ଏ ପର୍ଯ୍ୟନ୍ତ କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ବିସିସିଆଇ ପାକିସ୍ତାନ ନ ଯିବାର କାରଣ ଦେଇଛି। ବିସିସିଆଇ ସୁରକ୍ଷା କାରଣ ଦର୍ଶାଇଛି।

ପ୍ରକାଶିତ ଖବର ଅନୁଯାୟୀ ଆସନ୍ତା ବର୍ଷ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଦଳ ପାକିସ୍ତାନ ଯିବ ନାହିଁ। ନିକଟରେ ବିସିସିଆଇ ପାକିସ୍ତାନ କ୍ରିକେଟ ବୋର୍ଡ ସହ କଥା ହୋଇଛି। ଏଥିରେ ବିସିସିଆଇ ସୁରକ୍ଷା କାରଣ ଦର୍ଶାଇଛି। ଭାରତୀୟ ଦଳ ଦୁବାଇରେ ଏହାର ସମସ୍ତ ମ୍ୟାଚ ଖେଳିପାରେ ବୋଲି କୁହାଯାଉଛି। ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ନିକଟରେ ପାକିସ୍ତାନ ଗସ୍ତ କରିଥିଲେ। ଏହା ପରେ ଟିମ ଇଣ୍ଡିଆ ବିଷୟରେ ମଧ୍ୟ ଅନେକ ଆଲୋଚନା ହୋଇଥିଲା। କିନ୍ତୁ ବର୍ତ୍ତମାନ ଏକ ଖବର ଆସିଛି ଯାହା ପାକିସ୍ତାନକୁ ଚକିତ କରିବ।

ଖବର ଅନୁଯାୟୀ, ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତକୁ ମନାଇବା ପାଇଁ ପାକିସ୍ତାନ ଯଥାସମ୍ଭବ ଚେଷ୍ଟା କରିଥିଲା। କିନ୍ତୁ ଏହା ସଫଳ ହୋଇପାରିଲା ନାହିଁ। ପାକିସ୍ତାନରେ ମ୍ୟାଚ ଖେଳିବା ପରେ ଟିମ ଇଣ୍ଡିଆ ଭାରତକୁ ଫେରିଯିବ ବୋଲି ପିସିବି ମଧ୍ୟ ପ୍ରସ୍ତାବ ଦେଇଥିଲା। ଏହା ସହ ଜଡିତ ଅନ୍ୟାନ୍ୟ ପରାମର୍ଶ ମଧ୍ୟ ଦିଆଯାଇଥିଲା। କିନ୍ତୁ ବିସିସିଆଇ ସୁରକ୍ଷା କାରଣ ଦର୍ଶାଇ ସମସ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିବା କୁହାଯାଉଛି।

# ବାପା ହେଲେ ଟ୍ରାଭିସ ହେଡ୍



ସିଡନୀ,୮।୧୧: ଅଷ୍ଟ୍ରେଲିଆର ତାରକା ବ୍ୟାଟ୍ସମ୍ୟାନ ଟ୍ରାଭିସ ହେଡ୍ ଦ୍ୱିତୀୟ ଥର ପାଇଁ ପିତା ହୋଇଛନ୍ତି। ହେଡ୍‌ଙ୍କ ପତ୍ନୀ ଜେସିକା ଡେଭିସ ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେଇଛନ୍ତି। କ୍ରିକେଟ ପଡ଼ିଆରେ ହେଡ୍‌ଙ୍କୁ ଭାରତର 'ଶତ୍ରୁ' ମଧ୍ୟ କୁହାଯାଏ। ଅନେକ ଥର ଉଜ୍ଜ୍ୱଳ ଇନିଂସ ଖେଳି ଭାରତୀୟ ପ୍ରଶଂସକଙ୍କ ହୃଦୟ ଭାଙ୍ଗିଛନ୍ତି। ହେଡ ସୋସିଆଲ ମିଡିଆ ମାଧ୍ୟମରେ ପିତା ହେବାର ସୂଚନା ଶେୟାର କରିଛନ୍ତି। ହେଡ୍ ପୂର୍ବରୁ ଛୁଟିରେ ଥିଲେ, ଯେଉଁଥିପାଇଁ ସେ ପାକିସ୍ତାନ ବିପକ୍ଷରେ ଚାଲିଥିବା ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜରେ ଅଷ୍ଟ୍ରେଲିଆର ଅଂଶ ନାହାନ୍ତି। ହେଡ ତାଙ୍କ ପିଲାଙ୍କ ନାମ ହାରିସନ ଜର୍ଜ ହେଡ୍ ରଖିଛନ୍ତି। ସେ ସୋସିଆଲ ମିଡିଆ ମାଧ୍ୟମରେ କିଛି ଫଟୋ ଶେୟାର କରିଥିଲେ, ଯେଉଁଥିରେ ହେଡ୍‌ଙ୍କ ପୂରା ପରିବାର ନଜର ଆସିଛନ୍ତି।

## ମହିଳା ପ୍ରିମିୟର ଲିଗ୍ ୨୦୨୫

# ହ୍ୟାଟ୍ରିକ ହିରୋଙ୍କୁ ଛାଡ଼ିଲା ମୁମ୍ବାଇ

**ମୁମ୍ବାଇ, ୮।୧୧:** ମହିଳା ପ୍ରିମିୟର ଲିଗ ବା ମହିଳା ଆଇପିଏଲ ୨୦୨୫ ପାଇଁ ଆଜି ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) ଓ ଅନ୍ୟ ୪ ଦଳ ସେମାନଙ୍କ ରିଟେନସନ ତାଲିକା ଜାରି କରିଛନ୍ତି। ଏହାର ଅର୍ଥ ମହିଳା ପ୍ରିମିୟର ଲିଗ୍ ୨୦୨୫ର ଅକ୍ସନ ପୂର୍ବରୁ କେଉଁ ଦଳ କାହାକୁ ରଖିଲେ ଓ କାହାକୁ ଛାଡ଼ିଲେ, ସେକଥା ସ୍ପଷ୍ଟ ହୋଇଛି। ମୁମ୍ବାଇ ଇଣ୍ଡିଆନ୍ସ ୪ ଜଣ କ୍ରିକେଟରଙ୍କୁ ରିଲିଜ କରିଛି। ଏମାନଙ୍କ ମଧ୍ୟରେ ଦ୍ରୁତ ବୋଲିଂ ଅଲରାଉଣ୍ଡର ଇସୀ ୱ୍ୱଙ୍ଗ ରହିଛନ୍ତି। ଟୁର୍ଣ୍ଣାମେଣ୍ଟର ଇତିହାସର ୱଙ୍ଗ ପ୍ରଥମ ବୋଲର ଭାବେ ହ୍ୟାଟ୍ରିକ ନେଇଥିଲେ। ଗତ ସଂସ୍କରଣରେ ସେ ୟୁପି ୱାରିୟର୍ସ ବିପକ୍ଷରେ ଏପରି ସଫଳତା ହାସଲ କରିଥିଲେ। କିନ୍ତୁ ମୁମ୍ବାଇ ତାଙ୍କ ରିଟେନ କରିନାହିଁ। ଆରସିବି ଦକ୍ଷିଣ ଆଫ୍ରିକାର ଅଲରାଉଣ୍ଡର ନାଡିନେ ଡେ କ୍ଲେର୍କଙ୍କୁ ରିଲିଜ କରିଛି। ଏହାପୂର୍ବରୁ ଦଳ ୟୁପି ଠାରୁ ଇଂଲଣ୍ଡ ବ୍ୟାଟର ଡାନି ୱାଟ ହୋଡଗେଙ୍କୁ ଟ୍ରେଡ ଜରିଆରେ ଆଣିଥିଲା। ଆହତ କାରଣରୁ ବେଥ ମୁନୀ ବାଦ ପଡ଼ିବାରୁ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଦଳ ନେତୃତ୍ୱ ନେଇଥିବା ସ୍ନେହା ରାଣାଙ୍କୁ ଗୁଜରାଟ ଜାଏଣ୍ଟସ ରିଟେନ କରିନାହିଁ। ସେହିପରି ନ୍ୟୁଜିଲ୍ୟାଣ୍ଡର ଟି-୨୦ ବିଶ୍ୱକପ ବିଜେତା ଟିମରେ ଥିବା ଲେ ତାହୁହୁଙ୍କୁ ମଧ୍ୟ ଦଳ ରିଲିଜ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ଭେଟରାନ ଲେଗ ସ୍ପିନର ପୁନମ ଯାଦବଙ୍କୁ ଛାଡ଼ିଛି। ୟୁପି ଇଂଲଣ୍ଡର ଦ୍ରୁତ ବୋଲର ଲାଉରେନ ବେଲଙ୍କୁ ନିଜ ସହ ରଖି ନାହିଁ।



### ➘ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

କାହାକୁ ରଖିଲା: ସ୍ମୃତି ମନ୍ଧାନା(ଅଧିନାୟକ), ଏସ ମେଘନା, ଏଲିସ ପେରୀ, ରିଚା ଘୋଷ, ଜର୍ଜିଆ ୱାରେହାମ, ଶ୍ରେୟଙ୍କା ପାଟିଲ, ଆଶା ଶୋଭନା, ସୋଫି ଡିଭାଇନ, ରେଣୁକା ସିଂହ, ସୋଫି ମୋଲିନେକ୍ସ, ଏକତା ବିଷ୍ଟ, କାଟେ କ୍ରସ ଓ କନିକା ଆହୁଜା।
ୟୁପିରୁ ଆଣିଛି- ଡାନି ୱାଟ ହୋଡଗେ
ରିଲିଜ: ଦିଶା କସ୍ତ, ନାଡିନେ ଡେ କ୍ଲେର୍କ, ଇନ୍ଦ୍ରାଣୀ ରୟ, ଶୁଭା ସତୀଶ, ଶ୍ରଦ୍ଧା ପୋକାରକର ଓ ସିମରନ ବାହାଦୂର।
ଟଙ୍କା ରହିଛି: ୩.୨୫ କୋଟି

### ➘ ମୁମ୍ବାଇ ଇଣ୍ଡିଆନ୍ସ

କାହାକୁ ରଖିଲା: ଅମନଜୋତ କୌର, ଆମେଲିଆ କେର, ସି ଟ୍ରାୟନ, ହରମନପ୍ରୀତ କୌର, ହେଲୀ ମାଥ୍ୟୁସ, ଜିନ୍ତିମଣି କଲିତା, ନାଟ ସ୍କିଭର ବ୍ରଣ୍ଟ, ପୂଜା ବସ୍ତ୍ରକର, ସାଇକା ଇଶିକ, ୟାସ୍ତିକା ଭାଟିଆ, ଶବନିମ ଇସ୍ମାଇଲ, ଏସ୍ ସଞ୍ଜନା, ଅମନଦୀପ କୌର, କୀର୍ତ୍ତନା ବାଲାକ୍ରିଷ୍ଣନ।
ରିଲିଜ: ଇସୀ ୱାଙ୍ଗ, ଫତିମା ଜାଫର, ହୁମାଇରା କାଜି ଓ ପ୍ରିୟଙ୍କା ବାଲା
ଟଙ୍କା ରହିଛି: ୨.୬୫ କୋଟି

### ➘ ଦିଲ୍ଲୀ କ୍ୟାପିଟାଲ୍ସ

କାହାକୁ ରଖିଲା: ଆଲିସ କାପସୀ, ଅରୁନ୍ଧତି ରେଡ୍ଡୀ, ଜେମିମା ରୋଡ୍ରିଗସ, ଜେସ ଜୋନାସେନ, ମାରିଜାନେ କାପ୍ପ, ମେଗ ଲାନିଙ୍ଗ, ମିନୁ ମଣି, ରାଧା ଯାଦବ, ଶେଫାଳି ବର୍ମା, ଶିଖା ପାଣ୍ଡେ, ସ୍ନେହା ଦୀପ୍ତି, ତନୟା ଭାଟିଆ, ତିତାସ ସାନ୍ଧୁ, ଆନାବେଲ ସଦରଲ୍ୟାଣ୍ଡ।
ରିଲିଜ: ଲାଉରା ହାରିସ, ପୁନମ ଯାଦବ, ଅର୍ପଣା ମଣ୍ଡଳ, ଅଶ୍ୱିନୀ କୁମାରୀ
ଟଙ୍କା ରହିଛି: ୨.୫୦ କୋଟି

### ➘ ୟୁପି ୱାରିୟର୍ସ

କାହାକୁ ରଖିଲା: ଏଲିସା ହେଲୀ, ଅଞ୍ଜଳୀ ଶ୍ରାବଣୀ, ଦୀପ୍ତି ଶର୍ମା, ଗ୍ରେସ ହାରିସ, କିରଣ ନାଭଗିରେ, ଚାମିରା ଆଟାପଟ୍ଟୁ, ରାଜେଶ୍ୱରୀ ଗାଏକ୍ୱାଡ, ଶ୍ୱେତା ସେରାୱତ, ସୋଫି ଏସେଲଷ୍ଟୋନ, ତାହିଲା ମ୍ୟାଗ୍ରା, ବ୍ରିନ୍ଦା ଦୀନେଶ, ପୁନମ ଖେମନାର, ସାଇମା ଠାକୁର ଓ ଜି ସୁଲତାନ।
ରିଲିଜ: ଲାଉରେନ ବେଲ, ଲକ୍ଷ୍ମୀ ଯାଦବ, ପାର୍ଶ୍ୱୀ ଚୋପ୍ରା, ଏ ଆଶାଶ୍ରୀ
ଟଙ୍କା ରହିଛି: ୩.୯୦ କୋଟି

### ➘ ଗୁଜରାଟ ଜାଏଣ୍ଟସ

କାହାକୁ ରଖିଲା: ଆଶଲେ ଗାର୍ଡନର, ବେଥ ମୁନୀ, ଦୟାଲନ ହେମଲତା, ହରଲୀନ ଦେଓଲ, ଲାଉରା ୱଲଭାର୍ଡଟ, ଶବନମ ଶକିଲ, ତନୁଜା କନୱର, ଫୋବ ଲିଚଫିଲ୍ଡ, ମେଘନା ସିଂହ, କଶ୍ୱୀ ଗୌତମ, ପ୍ରିୟା ମିଶ୍ରା, ମନତ କଶ୍ୟ ଓ ସାୟାଲି ସାତଗାରେ।
ରିଲିଜ: ସ୍ନେହା ରାଣା, କାଥରୟନ ବ୍ରୟସ, ତ୍ରିଶା ପୂଜା, ବେଦା କ୍ରିଷ୍ଣମୂର୍ତ୍ତି, ତାରାନୁମ ପାଥନ, ଲେ ତାହୁହୁ।
ଟଙ୍କା ରହିଛି: ୪.୪୦ କୋଟି

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୫ ପ୍ରକଳ୍ପକୁ...

ବିଲେଟ୍, ଫେରୋ ଆଲଏଜ୍, ସିଣ୍ଟର ପ୍ଲାଣ୍ଟ ଏବଂ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ସମେତ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ୭୫୦ କୋଟି ଟଙ୍କା ବିନିଯୋଗ କରିବ। ଏହି ପ୍ରକଳ୍ପ ୮୦୦ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ।ଏଚ୍ଏମ୍ ପାୱାର ଆଣ୍ଡ କେବଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଝାରସୁଗୁଡ଼ାରେ ଏକ ଆଲୁମିନିୟମ କଣ୍ଡକ୍ଟର, ପାୱାର କେବୁଲ୍ ଏବଂ ତାର ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବ। ୫୫.୭୨ କୋଟି ଟଙ୍କାର ଏହି ପ୍ରକଳ୍ପରେ ୨୦୫ ଜଣ ନିଯୁକ୍ତି ପାଇବେ। ଖୋର୍ଦ୍ଧାରେ ନେକ୍ସଟ୍ ଥର୍ମାଲ ଏସିଆ ପ୍ରାଇଭେଟ୍ ଲିମିଟେଟ୍ ୫୫.୮୧ କୋଟି ଟଙ୍କା ବିନିଯୋଗରେ ୧୩୨ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଏକ ହିଟିଂ ଏଲିମେଣ୍ଟସ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ।

ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବିଭରେଜ୍ ପ୍ରାଇଭେଟ୍ ଲିମିଟେଡ୍, 'ଅବନ' ବିଭରେଜ୍ ପ୍ରାଇଭେଟ୍ ଲିମିଟେଡ୍, ଜିଓଫାଷ୍ଟ କଞ୍ଜ୍ୟୁମର ପ୍ରଡକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଆଭିରା ଡିଷ୍ଟିଲେରୀ ପ୍ରାଇଭେଟ୍ ଲିମିଟେଡ୍ ର ପ୍ରକଳ୍ପ ସହ ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜିନିବେଶ ଆକୃଷ୍ଟ ହେବାରେ ଲାଗିଛି । ଖୋର୍ଦ୍ଧା, ବରଗଡ଼ ଓ କଟକରେ ଥିବା ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୧୫୪୨.୦୪ କୋଟି ଟଙ୍କା ପୁଞ୍ଜିନିବେଶରେ ୧୩୫୮ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ଏହି ଖାଦ୍ୟ ଓ ପାନୀୟ ଉତ୍ପାଦନ ୟୁନିଟ୍ ର ସ୍ଥାପନ ଗ୍ରାମୀଣ ବିକାଶ ଏବଂ ନିଯୁକ୍ତି ସୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଖାଦ୍ୟ ପ୍ରକ୍ରିୟାକରଣର ଏକ କେନ୍ଦ୍ର ଭାବରେ ଓଡ଼ିଶାର ଖ୍ୟାତିକୁ ସୁଦୃଢ଼ କରିବ।

ଟେକ୍ସଟାଇଲ୍ ଆଣ୍ଡ ଆପେରେଲ୍ କ୍ଷେତ୍ରରେ 'ଓଡ଼ିଶା ଟେକ୍ସଟାଇଲ୍ ମ୍ୟାନୁଫାକ୍ଚରିଂ ପ୍ରାଇଭେଟ୍ ଲିମିଟେଡ୍' ପକ୍ଷରୁ ଖୋର୍ଦ୍ଧାରେ ଟେକ୍ସଟାଇଲ ବର୍ଜ୍ୟବସ୍ତୁରୁ ପୁନଃ ବ୍ୟବହାରକ୍ଷମ ସୂତା ଉତ୍ପାଦନ ପାଇଁ ଏକ କାରଖାନା ସ୍ଥାପନ କରାଯାଉଛି । ୫୧.୮୦କୋଟି ଟଙ୍କାର ଏହି ପଦକ୍ଷେପ ଏବଂ ୫୩୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବୟନ ଶିଳ୍ପ କ୍ଷେତ୍ରରେ ପ୍ରତି ରାଜ୍ୟର ଏହା ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଆଇଟିସି ଲିମିଟେଡ୍ ୧୧୯.୧୪ କୋଟି ଟଙ୍କା ବିନିଯୋଗରେ ଭୁବନେଶ୍ୱରରେ ପଞ୍ଚତାରକା ହୋଟେଲ୍ \'ୱେଲ୍ କମ୍ ହୋଟେଲ୍\'ର ସମ୍ପ୍ରସାରଣ କରିବ ଏବଂ ଅତିରିକ୍ତ ୨୪୦ ନିଯୁକ୍ତି ପ୍ରଦାନ କରିବ। ଏସଜେ ଜେଆରଜି ଭେଞ୍ଚର୍ସ ଏଲଏଲପି ଏବଂ କ୍ରାକର୍ସ ଇଣ୍ଡିଆ ଇନଫ୍ରାଷ୍ଟ୍ରକଚର୍ସ ଲିମିଟେଡ୍ ଦ୍ୱାରା ପର୍ଯ୍ୟଟନ ସମ୍ବନ୍ଧୀୟ ଅତିରିକ୍ତ ପ୍ରକଳ୍ପ, ପୁରୀ ଏବଂ କୋରାପୁଟରେ ନୂତନ ଆତିଥେୟତା ସୁବିଧା ଆଣିବ। ଏଥିପାଇଁ ୧୫୪ କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ୩୮୦ ନିଯୁକ୍ତି ସୃଷ୍ଟି କରିବ। ଏହି ବିକାଶ ଓଡ଼ିଶାର ଅର୍ଥନୈତିକ ଓ ସାଂସ୍କୃତିକ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ସହ ପର୍ଯ୍ୟଟନସ୍ଥଳୀ ଭାବେ ଓଡ଼ିଶାର ଆକର୍ଷଣ ବୃଦ୍ଧି କରିବ।

ଏତଦ୍‌ଭିନ୍ନ ଇନଫୁନେକ୍ସ ହେଲଥକେୟାର ପ୍ରାଇଭେଟ ଲିମିଟେଡ ୫୯.୪୩ କୋଟି ଟଙ୍କା ନିବେଶରେ କଟକରେ ଇଣ୍ଟ୍ରାଭେନସ ଫ୍ଲୁଇଡ୍ ଉତ୍ପାଦନ ପାଇଁ ଦ୍ୱିତୀୟ ୟୁନିଟ୍ ସ୍ଥାପନ କରିବ। ଏହାଦ୍ୱାରା ୧୮୨ ଅତିରିକ୍ତ ନିଯୁକ୍ତି ସୃଷ୍ଟି ହେବ। ଅଲ୍ଟ୍ରା ଟେକ୍ ସିମେଣ୍ଟ ଲିମିଟେଡ୍ର ପ୍ରକଳ୍ପକୁ ଅନୁମୋଦନ ମିଳିବା ପରେ କଟକରେ ଏହାର ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ କ୍ଷମତା ୩ ଏମଟିପିଏରୁ ୬ ଏମଟିପିଏକୁ ବୃଦ୍ଧି ପାଇବ। ୩୭୨ କୋଟି ଟଙ୍କାର ଏହି ସମ୍ପ୍ରସାରଣ ପ୍ରକଳ୍ପ ୫୮୧ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରତିବଦ୍ଧ।ଓଡ଼ିଶାରେ ରାଜ୍ୟବ୍ୟାପୀ ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଏକାଧିକ କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ ସୁବିଧା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସହ ରାଜ୍ୟକୁ ବିଶ୍ୱର ଏକ ପସନ୍ଦର ନିବେଶ ସ୍ଥଳ ଭାବରେ ପରିଣତ ପାଇଁ ଲକ୍ଷ୍ୟ ରଖିଛନ୍ତି।

### ଟାର୍ଗେଟ୍...

ପୂରଣ କରିବା ପାଇଁ ଏକ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ଆବଶ୍ୟକ। ଏଥିପାଇଁ ନୂଆ ପ୍ରାଇମେରୀ ସବ୍ ଷ୍ଟେସନ, ନୂଆ ୩୩ କେଭି ଏବଂ ୧୧ କେଭି ଲାଇନ୍ ଆଦି ଭିତ୍ତିଭୂମିର ବିକାଶ ଆବଶ୍ୟକ। ଏବେ କାର୍ଯ୍ୟକ୍ଷମ ୩୩/୧୧ କେଭି ଫିଡରଗୁଡ଼ିକୁ ସୁଦୃଢ଼ କରିବା ଏବଂ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବା ଉପରେ ଆଲୋଚନା ହୋଇଥିଲା। ବଜେଟ୍‌ରେ ବିଦ୍ୟୁତ୍ କ୍ଷେତ୍ରପାଇଁ ଆବଶ୍ୟକ ବ୍ୟୟ ବରାଦ କରି ରାଜ୍ୟକୁ ସଦାସର୍ବଦା ଶକ୍ତି କ୍ଷେତ୍ରରେ ବଳକା ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବିଦ୍ୟୁତ୍ ବିତରଣ ସମ୍ପର୍କିତ ସମସ୍ତ ଅଭିଯୋଗର ସମୟାନୁଯାୟୀ ସମାଧାନ, ଅକ୍ଷୟ ଶକ୍ତିର ବିକାଶ ଏବଂ ବ୍ୟବହାର ବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ ଭିତ୍ତିଭୂମି ନିର୍ମାଣ, ବିଦ୍ୟୁତ କ୍ଷେତ୍ର ପାଇଁ ଦକ୍ଷ ଏବଂ ଆବଶ୍ୟକ ମାନବସମ୍ବଳ ନିଯୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହିତ ବାତ୍ୟ 'ଦାନା' ପରବର୍ତ୍ତୀ ସମୟରେ ତୁରନ୍ତ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିଥିବାରୁ ଶକ୍ତି ବିଭାଗ ତଥା ସମସ୍ତ ବିତରକ କମ୍ପାନୀଙ୍କୁ ସାଧୁବାଦ ଜଣାଇଥିଲେ।

ବୈଠକରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଓପିଟିସିଏଲ ଓ ଓଏଚପିସିର ନିର୍ଦ୍ଦେଶକ ବୃନ୍ଦ, ସମସ୍ତ ବିତରଣ କମ୍ପାନୀର ସିଇଓ ଯୋଗଦେଇ ଥିଲେ।

### ୨୦୩୬ ସୁଦ୍ଧା...

ଅପରାଧ ମୁକ୍ତ ରାଜ୍ୟ ଭାବେ ପରିଗଣିତ ହେବ।
କଟକ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିଜେ ମୁଖ୍ୟମନ୍ତ୍ରୀ ମୋହନ ମାଝି ନିର୍ଦ୍ଦେଶ ଦେଇସାରିଛନ୍ତି। କୌଣସି ଟାଳଟୁଳ ହେବନି, ଦୋଷୀକୁ ଦଣ୍ଡିତ ପାଇଁ ସବୁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।
ସୂଚନାଯୋଗ୍ୟ, ଜଣେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ପରେ ବ୍ଲାକମେଲିଂ କରିବା ଅଭିଯୋଗରେ ୬ ଜଣ ଅଭିଯୁକ୍ତଙ୍କୁ କଟକ ପୋଲିସ ଗିରଫ କରିଛି। ଅଭିଯୋଗ ଅନୁସାରେ କଟକର ଜଣେ କଲେଜ ଛାତ୍ରୀ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ପୁରୀଘାଟ ଥାନା ଅଞ୍ଚଳର ଏକ କାଫେରେ ଜନ୍ମଦିନ ପାଳନ କରିଥିଲେ। ସେଠାରେ ଛାତ୍ରୀଙ୍କ ଅଜାଣତରେ ସାଙ୍ଗମାନେ ତାଙ୍କର ଅଶ୍ଳୀଳ ଫଟୋ ଉଠାଇଥିଲେ। ଏଥିରେ ସହଯୋଗ କରିଥିଲେ ଭରତପୁର ଅଞ୍ଚଳରେ ରହୁଥିବା କାଫେ ମାଲିକ। ଏହାପରେ ଛାତ୍ରୀଙ୍କୁ ବାରଙ୍ଗ ଅଞ୍ଚଳର ଏକ ଘରକୁ ଡାକି ନେଇ ଗଣ ଦୁଷ୍କର୍ମ କରିଥିଲେ।

### ମିଶନ...

ଗରିବ, ଦଳିତ, ପଛୁଆ, ଓ ଆଦିବାସୀଙ୍କ ଦଳ। ଝାଡ଼ଖଣ୍ଡରେ ଯେତେବେଳେ ରୁଟି, ବେଟି ଓ ମାଟି ଉପରେ ଘୋର ସଙ୍କଟ ଦେଖାଦେଇଛି, ସେହି ସମୟରେ ରାଜ୍ୟର ସଂସ୍କୃତିର ସୁରକ୍ଷା ଏବଂ ନିରନ୍ତର ବିକାଶ ପାଇଁ ବିଜେପି କଟିବଦ୍ଧ। ଜନଜାତି, ମହିଳା, ଯୁବକଙ୍କ ଅଧିକାର ଓ ସ୍ୱାର୍ଥ ଏବଂ 'ରୁଟି ବେଟି ଓ ମାଟି'ର ସୁରକ୍ଷା ପାଇଁ ବିଜେପି ଏକମାତ୍ର ବିକଳ୍ପ। ଚଳିତ ନିର୍ବାଚନରେ ନାଗରିକମାନେ ପଦ୍ମ ଫୁଲରେ ଭୋଟ୍ ଦେଇ ହେମନ୍ତ ସରକାରଙ୍କ ଲୁଟ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ତାଲା ପକାଇଦେବାକୁ ମନ ବଳାଇ ସାରିଛନ୍ତି।

ଝାଡଖଣ୍ଡ ନିର୍ବାଚନ ପ୍ରଚାର କରିବା ସମୟରେ ଶ୍ରୀ ପ୍ରଧାନ ଚକ୍ରଧରପୁର କେରା ସ୍ଥିତ ଓଡ଼ିଆ ମଧ୍ୟ ବିଦ୍ୟାଳୟ ପରିସରରେ ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ କାର୍ଯ୍ୟକର୍ତ୍ତାଙ୍କ ସହ ଦର୍ଶନ କରିଥିଲେ।

### ଢେଙ୍କାନାଳ...

ସେ ନିର୍ବାଚନ ଲଢ଼ିନଥିଲେ। ଯଦିଓ ସେ ରାଜନୀତିର ସନ୍ୟାସ ନେଇଥିବା କହୁଛନ୍ତି, ରାଜନୀତିରୁ ରୁଚି କିନ୍ତୁ କମିନାହିଁ। ଓଡିଶା ରାଜନୀତିର ଫାୟାରବ୍ରାଣ୍ଡ ନେତ୍ରୀ ତଥା ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶପଥୀଙ୍କ ପୁଅ ଭାବେ ରାଜନୀତି ପ୍ରତି ତାଙ୍କର ଆଗ୍ରହ ରହିବା ସ୍ୱାଭାବିକ। ଏମିତି କୁହାଯାଏ ଯେ, ରାଜନୀତିରେ ଅବସର ବୟଷ ନାହିଁ। ତେଣୁ ଆଗାମୀ ଦିନରେ ସେ ଯେ ପୁଣି ରାଜନୀତିରେ ଯୋଗନଦେବେ ତାକୁ ଅସ୍ୱୀକାର କରାଯାଇନପାରେ।

ଏମିତିବି ଢେଙ୍କାନାଳ ଲୋକସଭା କ୍ଷେତ୍ରରେ ସେ ଦୀର୍ଘ ବର୍ଷ ଧରି ପ୍ରତିନିଧିତ୍ୱ କରୁଥିଲେ ଆଉ ତାଙ୍କ ସେଠାରେ ଭଲ ପ୍ରଭାବ ମଧ୍ୟ ରହିଛି। ତେଣୁ ଢେଙ୍କାନାଳ ରାଜନୀତିକୁ ବିଚାର କଲେ ତଥାଗତ ଓ ମୋହନ ମାଝୀଙ୍କ ସୌଜନ୍ୟମୂଳକ ଭେଟଘାଟ ଆଗାମୀ ଦିନରେ କିଛି ବି ରୋଚକ ମୋଡ ନେଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

### ଦିଲ୍ଲୀରେ...

ଯାଇଥିଲେ। କିଛି ସମୟ ପରେ, କେତେଜଣ ଦୁଷ୍କର୍ମକାରୀ ଥିଲେ ବୋଲି ପଚାରିବାରୁ ପୀଡ଼ିତା ଜଣକ ଅତି କଷ୍ଟରେ ୩ଟି ଅଙ୍ଗୁଳି ଦେଖାଇ କ୍ଷୀଣ ସ୍ୱରରେ 'ଷ୍ଟେସନ' ଓ ଜଣେ ଦିବ୍ୟାଙ୍ଗ ଥିଲା ଏବଂ ସେମାନଙ୍କର ଅଟୋ ଥିଲା ବୋଲି କହିଥିଲେ।

ସ୍ୱତନ୍ତ୍ର ପୋଲିସ ଟିମ୍ ଓ ୧୦ ସବଟିମ୍ ଗଠନ କରାଯାଇ ସରାଇକେଲା ଖାନ୍ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇଥିଲା। ଅକ୍ଟୋବର ୧୦ର ଏକ ସିସିଟିଭି ଫୁଟେଜରୁ ପୀଡ଼ିତା ଓଲ୍ଡ ଦିଲ୍ଲୀ ଷ୍ଟେସନରେ ବସିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେ କେଉଁ କେଉଁ ବାଟ ଦେଇ ଯାଇଥାଇପାନ୍ତି, ଏହାର ଏକ ସମ୍ଭାବ୍ୟ ଇଲେକ୍ଟ୍ରୋନିକ୍ ମ୍ୟାପ୍ ତିଆରି କରାଯାଇଥିଲା ଏବଂ ତମାମ୍ ଅଞ୍ଚଳର ପ୍ରାୟ ୭ଶହ ସିସିଟିଭି ଫୁଟେଜ୍ ଯାଞ୍ଚ ହୋଇଥିଲା । ସେଥିରୁ ଠାବ ୧୫୦ରୁ ଅଧିକ ଅଟୋ ଯାଞ୍ଚ ବେଳେ ଗୋଟିଏ କ୍ରାଇମ ସିନ୍ ନିକଟରେ ଛିଡ଼ା ହୋଇଥିବା ଏବଂ ସେଠାରୁ ଯାଇ ଆଉ ଗୋଟିଏ ସ୍ଥାନରେ ଅଟକୁ ଥିବା ଦେଖିବାକୁ ମିଳିଲା । ଅଟୋ ନମ୍ବର ଥିଲା ଡିଏଲ୍-୧-ଆର୍ଏଏ-୯୩୨୭। ଏହି ନମ୍ବର ଆଧାରରେ ଅଟୋ ମାଲିକ ପ୍ରଭୁ ମାହତୋର ମୋବାଇଲ୍ ଲୋକେସନ ଟ୍ରାକ୍ କରାଯାଇଥିଲା। ଅକ୍ଟୋବର ୩୦ରେ ଗିରଫ ହୋଇଥିଲା ପ୍ରଭୁ ମାହତୋ। ତାକୁ ଜେରା ପରେ ପ୍ରମୋଦ ଓରଫ୍ ବାବୁ ଏବଂ ମହମ୍ମଦ ଶମଶୁଲ ଧରାପଡ଼ିଥିଲେ।

### କାଶ୍ମୀରରୁ ...

କିନ୍ତୁ ଏସବୁ ପାଣି ଫୋଟକା ଭଳି ମିଳେଇ ଯାଏ, ଯେତେବେଳେ ଯୁବକ ଜଣଙ୍କ ମୁସଲିମ ବୋଲି ଜଣାପଡେ। ଲଭ୍ ଜିହାଦ ପାଇଁ ଏଭଳି ସାଙ୍ଘାତିକ କାରନାମା ଘଟାଇଥିଲେ ବୋଲି ସଙ୍ଗିନ ଅଭିଯୋଗ ଆଣନ୍ତି ଯୁବତୀ।

ଗତକାଲି ଯେତେବେଳେ ପୁଣି ଭୁବନେଶ୍ୱରରେ ପହଁଚି ଯୁବକ ଯୁବତୀଙ୍କୁ କାଶ୍ମୀର ନେବାକୁ ଯୋଜନା କରୁଥିଲେ, ଠିକ ସେତବେଳେ ଯୁବତୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଛି ମହିଳା ଥାନା ପୋଲିସ। ପିଡିତାଙ୍କ ବୟାନ ରେକର୍ଡ ବେଳେ ଅନେକ ଅନେକ ସାଙ୍ଘାତିକ ତଥ୍ୟ ପୋଲିସ ହାତରେ ଲାଗିଛି। ଶାରୀରିକ ସମ୍ପର୍କ ରଖିବା ବେଳେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଉତ୍ତୋଳନ କରିଥିଲା ଅଭିଯୁକ୍ତ। ଭିଡ଼ିଓକୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ ମଧ୍ୟ କରିଥିଲା। ପିଡିତାଙ୍କ ବାପା ମା'ଙ୍କୁ ଏହି ଭିଡିଓ ପଠାଇ ୫ ଲକ୍ଷ ଟଙ୍କା ମାଗୁଥିଲା ଅଭିଯୁକ୍ତ। ତେବେ ପ୍ରକୃତ ପକ୍ଷେ ଏହି ଯୁବକର ଟ୍ରାକ ରେକର୍ଡ କଣ ? କେବଳ ଜଣେ ଯୁବତୀ ନାଁ ଅନ୍ୟ ଯୁବତୀଙ୍କ ସହ ସେ ଯୁବକ ଏଭଳି ପ୍ରତାରଣା କରିଛନ୍ତି, ସେ ନେଇ ଅଧିକ ଛାନଭିନ ଚଳାଇଛି ପୋଲିସ। ଭାଇରାଲ ଭିଡିଓ କରାଯାଇଥିବା ମୋବାଇଲକୁ ଝରଝଖ ପଠାଇବ ପୋଲିସ। ସେପଟେ ପୁରା ଘଟଣା ଅନୁଧ୍ୟାନ କରିବା ପରେ ୩୭୬/୧, ୩୮୬, ୬୬ ର, ୬୭, ୩୨୩, ୨୯୪ ରେ କୋର୍ଟଚାଲାଣ କରିଛି ପୋଲିସ।

ଏସବୁ ଠିକ। ଏତଲା ମୁତାବକ ତଦନ୍ତ ଚାଲିଛି। ହେଲେ ଏହି ତଦନ୍ତ ଭିତରେ ଜଣେ ପୁରୁଷ ଉପରେ ମାତ୍ରାଧିକ ଅତ୍ୟାଚାରର ଗନ୍ଧ ବାରି ହୋଇପଡୁନି କି ? ଗରିବ ଘରର ପିଲା ଓ ତାର ପରିଚିତ କେହି ଓଡ଼ିଶାରେ ନ ଥିବାରୁ ପୋଲିସ କାଶ୍ମୀରୀ ଯୁବକ ଉପରେ ଦାଉ ସାଧିଲାନି ତ ? ଯୁବତୀ ଆଜି କ'ଣ ପାଇଁ ଥାନାର ଦ୍ୱାରସ୍ଥ ହେଲେ ? ପୀଡିତା ଉଚ୍ଚ ଶିକ୍ଷିତ ହୋଇଥିବାରୁ ସେ ଆଗରୁ ମଧ୍ୟ ଆଇନର ଆଶ୍ରୟ ନେଇପାରିଥାନ୍ତେ। ଏସବୁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବାର ଆବଶ୍ୟକତା ରହିଛି।

# ଜବତ ବାଣ ନିଷ୍କ୍ରିୟ ବେଳେ ପ୍ରଚଣ୍ଡ ବିସ୍ଫୋରଣ

**କାକଟପୁର/ଅସ୍ତରଙ୍ଗ, ୮।୧୧ (ସଂଚାର ବ୍ୟୁରୋ) :** ଜବତ ବେଆଇନ ବାଣ ଗୁଡ଼ିକୁ ନିଷ୍କ୍ରିୟ କରିବା ବେଳେ ନିର୍ମାଣଧୀନ ଅସ୍ତରଙ୍ଗ ନୂତନ ଥାନା ପଛ ପାର୍ଶ୍ୱରେ ହୋଇଛି ପ୍ରଚଣ୍ଡ ବିସ୍ଫୋରଣ। ବିସ୍ଫୋରଣ ଶବ୍ଦ ଏତେ ପ୍ରଚଣ୍ଡ ଥିଲା ଯେ ଅସ୍ତରଙ୍ଗ ବଜାରରେ ଚଳପ୍ରଚଳ କରୁଥିବା ଲୋକେ ଛାନିଆରେ ଆତଙ୍କିତ ହୋଇ ପଡ଼ିଥିଲେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ଉପରେ ନିର୍ମାଣଧୀନ ଅସ୍ତରଙ୍ଗ



ନୂତନ ଥାନା ପଛ ପାର୍ଶ୍ୱରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଏହି ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ବିଶେଷ କ୍ଷତିହୋଇନଥିବା ଜଣା ପଡିଛି। ପ୍ରଚଣ୍ଡ ଶବ୍ଦରେ ଲୋକେ ଭୟ ଓ ଆତଙ୍କରେ ଘରୁ ବାହାରକୁ ବାହାରି ଆସିଥିଲେ। ଗତ ୨୮ଅକ୍ଟୋବରରେ ଅସ୍ତରଙ୍ଗ ଥାନା ବେଗୁନିଆବସ୍ତ ଗାଁରେ ବେଆଇନ ବାଣ ତିଆରି ବେଳେ ଜଣେ ବାଣ ବ୍ୟବସାୟୀଙ୍କୁ ପୁଲିସ ଗିରଫ କରିବା ସହ ବେଆଇନି ବାଣ, ବିସ୍ଫୋରକ, ବାରୁଦ ଆଦି ଜବତ କରିଥିଲେ। ସେହି ବିସ୍ଫୋରକ ଗୁଡିକୁ ଶୁକ୍ରବାର ନିଷ୍କ୍ରିୟ କରିବା ପାଇଁ ପୁରୀ ବମ୍ ସ୍କ୍ୱାଡ଼, ଅସ୍ତରଙ୍ଗ ଅଗ୍ନିଶମବାହିନୀ ଓ ଅସ୍ତରଙ୍ଗ ପୁଲିସ ମିଳିତ ହୋଇ ନିଷ୍କ୍ରିୟ କରିବା କାର୍ଯ୍ୟରେ ସାମିଲ ହୋଇଥିଲେ। ବାରୁଦ ଗୁଡିକ ବାହାର କରିବା ପରେ ବିସ୍ଫୋରଣ କରାଯାଇଥିଲା।

**ଲୁଟେରାଙ୍କ କବ୍‌ଜାରେ ଗଞ୍ଜାମ !**

# ତାରାତାରିଣୀ ପରେ ନିର୍ମଳଝର ପରିସର ମନ୍ଦିରରୁ ଚୋରି

**ବ୍ରହ୍ମପୁର, ୮।୧୧ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ପର୍ଯ୍ୟଟନ ସ୍ଥଳୀ ନିର୍ମଳଝର ପରିସରରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏନେଇ ସ୍ଥାନୀୟ ଥାନାରେ ମନ୍ଦିର ପୂଜକ ଅଭିଯୋଗ କରିଛନ୍ତି । ଗୁରବାର ବିଳମ୍ବିତ ରାତିରେ ମନ୍ଦିରିରୁ ଚୋରି କରି ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିବା ଜଣାପଡିଛି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବୀ ମା ତାରାତାରିଣୀ ମନ୍ଦିରରୁ ଚୋରି ଘାଟଣର ୪୮ଘଣ୍ଟା ନ ପୁରୁଣୁ ପୁଣି ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟରେ



ରହିଥିବା ଓଡ଼ିଶାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ନିର୍ମଳଝର ପରିସର ମନ୍ଦିରରୁ ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତ ଲୁଟିନେଇଥିବା ଜଣାପଡିଛି। ଟଙ୍କା ଲୁଟ ସହ, ରୋଷ ଘର ତାଲା ଭାଙ୍ଗି ପିତଳ ଓ କଂସା ସାମଗ୍ରୀ ଚୋରୀ ହୋଇଥିବା ଜଣାପଡିଛି । ଭୋର ସକାଳ ସମୟରେ ପୂଜକ ମୂଖ୍ୟ ତାଲା ଖୋଲି ମନ୍ଦିର ଭିତରକୁ ଯିବାପରେ ହୁଣ୍ଡିର ଚାବି ଭଙ୍ଗା ଯାଇଥିବା ସହ ରୋଷଘର କବାଟ ଭଙ୍ଗା ଯାଇଥିବା ଦେଖି ପୋଲିସକୁ ଜଣାଇଥିଲେ । ଘଟଣା ସ୍ଥଳରେ ଖଲ୍ଲିକୋଟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ଖଲ୍ଲିକୋଟ ଥାନା ଅଂଚଳରେ ଚୋରି ଘଟଣା ଲଗାତାର ବିଭିନ୍ନ ଘର ମାନଙ୍କରୁ ହେଉଥିବା ଅଭିଯୋଗ ଖଲ୍ଲିକୋଟ ଥାନାରେ ରହିଛି ।

# ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ସଫଳତା

**କଣାସ, ୮।୧୧ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲାର ପୁରୀ ପୋଲିସ୍ ଲାଇନ୍ ହାଇ ସ୍କୁଲରେ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଗତକାଲି ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକର୍ମର ବିର୍ତ୍ତକ ପ୍ରତିଯୋଗିତାରେ ଦୟାବିହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶଶ୍ରେଣୀର ଛାତ୍ରୀ ସାଲୋନୀ ମିଶ୍ର ଅଂଶଗ୍ରହଣ କରି କୃତିତ୍ୱର ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।ସେ ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ଭାଗନେବା ପାଇଁ ସ୍ଥାନ ଅଧିକାର କରିଛନ୍ତି। ସଫଳତା ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ତରଫରୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।



# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରିଲା ଛାତ୍ର କଂଗ୍ରେସ

## ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମଲେଖା ଜାଲିଆତି

**ଭୁବନେଶ୍ୱର, ୮।୧୧ (ସଂଚାର ବ୍ୟୁରୋ) :** ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମ ଲେଖା ଜାଲିଆତି ପ୍ରସଙ୍ଗରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦ୍ଦିତ ପ୍ରଧାନଙ୍କ ନେତୃତ୍ୱରେ ଏକ ରାଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ସେଠୀଙ୍କ ସରକାରୀ ବାସଭବନକୁ ଘେରାଉ କରିଥିଲା। ଏହି ପ୍ରସଙ୍ଗରେ ଉଦ୍ଦିତ ପ୍ରଧାନ କହିଛନ୍ତି ଯେ, ଉଚ୍ଚ ଶିକ୍ଷାମନ୍ତ୍ରୀ ଶ୍ରୀ ସେଠୀ ସାମସ୍ ରାଙ୍କିଂ ବ୍ୟବସ୍ଥା, ଯାହାକି ନାମଲେଖା ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିଥାଏ, ତାହାକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଲାଇବ୍ରେରି ଆଣ୍ଡ ଇନ୍‌ଫରମେସନ ସାଇନ୍ସ୍ ବିଭାଗରେ ନାମଲେଖା ପାଇଁ ଆବେଦନକାରୀ ଛାତ୍ର ବିଜୟ ସାହୁ ସାମସ୍ ରାଙ୍କିଂରେ ୧୩ ନମ୍ବର ସ୍ଥାନ ରଖିଥିଲେ। ମାତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସାମସ୍ ରାଙ୍କିଂରେ ୧୫ ନମ୍ବର ସ୍ଥାନ ରଖିଥିବା ସ୍ଥାନକୁ ନାମଲେଖା ପାଇଁ ସୁଯୋଗ ଦେଲେ। ୧୩ ନମ୍ବର ସ୍ଥାନ ରଖିଥିବା ଛାତ୍ର ବିଜୟ ସାହୁଙ୍କୁ ସମ୍ପୃକ୍ତ ବିଭାଗ ପକ୍ଷରୁ ରିପୋର୍ଟିଂ ପରେ ଆଡ଼ମିସନ ପାଇଁ ଟେଲିଫୋନ କରାଯାଇଥିଲା। ଶ୍ରୀ ସାହୁ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ତାଙ୍କର ସି.ଏଲ୍.ସି ଆଣି ଯଥାସମୟରେ ଆଡ଼ମିସନ ଫର୍ମ ପୂରଣ କରି ଆବଶ୍ୟକୀୟ ଡକୁମେଣ୍ଟ ସହ ସମ୍ପୃକ୍ତ ବିଭାଗରେ ଦାଖଲ କଲେ। ମାତ୍ର ସେହି ବିଭାଗର କୋଅଡ଼ିନେଟର ରୁଦ୍ରନାରାୟଣ ମହାପାତ୍ର ଆବେଦନକାରୀ ଛାତ୍ରଙ୍କୁ କହିଲେ ଯେ, "ତୁମର ସବୁ ଯୋଗ୍ୟତା ଥାଇ ଆମେ ତୁମର ନାମ ଲେଖାଇ ପାରିବୁ ନାହିଁ, କାରଣ ଆମ ଉପରେ ଚାପ ରହିଛି, ଯଦି ଆମେ ଏହି ଚାପକୁ ନ ମାନିବୁ ତେବେ ଅସୁବିଧାରେ ପଡ଼ିବୁ"।




ଏହି ପ୍ରସଙ୍ଗ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ଏବଂ ଛାତ୍ର କଂଗ୍ରେସ ପକ୍ଷରୁ କୁଳପତି ଶ୍ରୀମତୀ ସବୀତା ଆଚାର୍ଯ୍ୟ ଏବଂ ପି.ଜି. କାଉନ୍‌ସିଲ ଅଧ୍ୟକ୍ଷ ନବନୀତା ରଥ ଦୃଷ୍ଟିଙ୍କୁ ଅଣାଯାଇଥିଲା। ନାମଲେଖାର ଜାଲିଆତି ଭଳି ସାଙ୍ଘାତିକ ଅଭିଯୋଗକୁ କୁଳପତି ଏବଂ କାଉନ୍‌ସିଲ ଅଧ୍ୟକ୍ଷ ନବନୀତା ରଥ ବିଚାରକୁ ନେଲେ ନାହିଁ। କୋଅଡ଼ିନେଟର ଯେଉଁ ଭାଷାରେ ବୁଝାଇଥିଲେ କୁଳପତି ଏବଂ ପି.ଜି. କାଉନ୍‌ସିଲ ଅଧ୍ୟକ୍ଷ ମଧ୍ୟ ସେହି ଭାଷାରେ ଉପେକ୍ଷିତ ଛାତ୍ରକୁ ବୁଝାଇଲେ। ଏହି ପ୍ରସଙ୍ଗ ଛାତ୍ର କଂଗ୍ରେସ ପକ୍ଷରୁ ମାନ୍ୟବର ରାଜ୍ୟପାଳ ଯିଏକି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳାଧିପତି, ଉଚ୍ଚଶିକ୍ଷା ବିଭାଗର ସଚିବଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ମାତ୍ର କୌଣସି ସୁଫଳ ମିଳିଲା ନାହିଁ। ଉତ୍କଳ ବିଶ୍ୱବିଦ୍ୟାଳୟର କିଛି ସାଧୁ ବା ସଚ୍ଚୋଟ କର୍ମଚାରୀ ଆମକୁ ଖବର ଦେଲେ ଯେ, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୁରଜ ସୂର୍ଯ୍ୟବଂଶୀ ସେଠୀଙ୍କ ନିର୍ଦ୍ଦେଶରେ ଏହି ନାମ ଲେଖା କରାଯାଇଛି। ଆମେ ମଧ୍ୟ ଖବର ପ୍ରାପ୍ତ ହେଲୁ ଯେ ଅସାଧୁ ଉପାୟରେ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖାଇବା ପାଇଁ ମନ୍ତ୍ରୀ ଶ୍ରୀ ସେଠୀଙ୍କ ସରକାରୀ ବାସଭବନରେ ଏକ ପ୍ରକୋଷ୍ଠ ଖୋଲିଛି। ଯେଉଁଠାରେ ମେଧାବୀ ଛାତ୍ରମାନଙ୍କର ସ୍ୱାର୍ଥକୁ ତଳିତଳାନ୍ତ କରି ମନ୍ତ୍ରୀଙ୍କର ସମ୍ପର୍କରେ ବା ସଂଯୋଗରେ ରହିଥିବା ଛାତ୍ରମାନଙ୍କୁ ଯୋଗ୍ୟତା ନଥାଇ ନାମ ଲେଖା ପାଇଁ ସୁଯୋଗ ଦିଆଯାଉଛି। ସୁତରାଂ ମନ୍ତ୍ରୀ ଶ୍ରୀ ସେଠୀ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ କଳଙ୍କିତ କରୁଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ଗରିମାକୁ ନଷ୍ଟ କରିଛନ୍ତି।

ସାରା ପୃଥିବୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି। ସେମାନେ ଉତ୍କଳ ବିଶ୍ୱବିଦ୍ୟାଳୟର ଏଭଳି ଦୂରାବସ୍ଥା ଖବର ଶୁଣି ମର୍ମାହତ। ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ସହ ଆବେଦନକାରୀ ଛାତ୍ର ଶ୍ରୀ ବିଜୟ ସାହୁଙ୍କୁ ତୁରନ୍ତ ନାମ ଲେଖା ପାଇଁ ସୁଯୋଗ ଦେବାକୁ ଦାବି କରାଯାଉଛି। ଏ ସମସ୍ତ ନାମଲେଖା ଜାଲିଆତିରେ ସମ୍ପୃକ୍ତ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି, ପି.ଜି. କାଉନ୍‌ସିଲ ଅଧ୍ୟକ୍ଷ ଏବଂ କୋର୍ସ କୋଡ଼ିନେଟରଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଉଛି।

ଆଜିର କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଚିନ୍ନୁ ସିଂ, ୟାସିର ନୱାଜ, ବିଶ୍ୱଜିତ ଦାସ, ରଞ୍ଜିତ ପାତ୍ର, ମନୋଜ ବିଶ୍ୱାଳ, କିରଣ ସାହୁ, ସୁଦିପ ସାମଲ, ତୁଷାରକାନ୍ତ ତପସି, ଗଣେଷ ଦାସ, ନିହାର ବେହେରା, ବିଶ୍ୱ ଭୂଷଣ ମହାପାତ୍ର, ମିର୍ଜା ଇସ୍‌ଲାମ୍ ବେଗ, ଶ୍ରୀ ମହାନ୍ତି, ଲିପିକା ପାତ୍ର, ବାବୁ ଜେନା, ସୁବ୍ରତ ମହାପାତ୍ର, ରଣଜିତ ସେନାପତି, ପ୍ରିତମ ନାୟକ, ସୌମ୍ୟ ବରାଳ, ମହମ୍ମଦ ପରଭେଜ, ଲେଲିନ୍ ଜେନା, ସୁଭମ୍ ରାଜ, ସୁନିଲ ସାହୁଗାନ୍ଧୀ ଓ ଅଶୋକ ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

**ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହରିଲୁଟ**

# ସାମ୍ନାକୁ ଆସିଲା ଡାକ୍ତରଙ୍କ କଳା କାରନାମା

**ଅନୁଗୁଳ, ୮।୧୧ (ସଂଚାର ବ୍ୟୁରୋ) :** ସରକାରୀ ଡାକ୍ତରଖାନା ରହିଛି ରୋଗୀ ମାନଙ୍କୁ ନିଶୁଳ୍କ ଓ ଉତ୍ତମ ସ୍ୱାସ୍ଥ୍ୟ ସେବା ଦେବା ପାଇଁ। ଏହି ଗୁଡ଼ିକରେ ନିଯୁକ୍ତ ହେଉଥିବା ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କୁ ବହୁତ ମୋଟା ଅଙ୍କର ଅର୍ଥ ଦରମା ଆକାରରେ ମିଳିଥାଏ। ତା ସହିତ ଅନ୍ୟାନ୍ୟ ଅନେକ ଗୁଡ଼ିଏ ସୁବିଧା ସୁଯୋଗ ମଧ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇ ଥାଏ। କିନ୍ତୁ ସୁଚନା ଅନୁଯାୟୀ ଅଧିକାଂଶ ସରକାରି ଡ଼ାକ୍ତରଖାନାରେ ଦଲାଲ ମାନଙ୍କ ସହାୟତାରେ ଡାକ୍ତରମାନେ ରୋଗୀ ମାନଙ୍କୁ ଲୁଟି ଆସୁଛନ୍ତି। ଅଭିଯୋଗ କଲେ ମଧ୍ୟ କିଛି ପଦକ୍ଷେପ ଗ୍ରହଣ ହେଉଥିବାର ନଜରକୁ ଆସିନାହିଁ। କାରଣ ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ତ ମିଳିମିଶି ନିରୁପାୟ ରୋଗୀଙ୍କ ତଣ୍ଟି କାଟି ଅନୈତିକ ଉପାୟରେ ଟଙ୍କା ଉପାର୍ଜନ କରୁଛନ୍ତି। ଏପରି ଏକ ଘଟଣା ତାଜା ତାଜା ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ଜାଣନ୍ତୁ ସମ୍ପୂର୍ଣ୍ଣ ଖବର।



ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖୁଲମଖୁଲା ରୋଗୀଙ୍କ ଠାରୁ ଶୋଷଣ କରୁଛନ୍ତି ଡାକ୍ତରମାନେ ବୋଲି ଅନେକ ସମୟରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଅସ୍ତ୍ରୋପ୍ରଚାର ବିଭାଗର ଜଣେ ଡାକ୍ତର ଖୁଲମଖୁଲା ରୋଗୀଙ୍କ ଠାରୁ ଅସ୍ତ୍ରୋପ୍ରଚାର ପାଇଁ ପଇସା ନେଇ ଥିବା ମୋବାଇଲରେ ରେକର୍ଡ ହୋଇଛି। ଡାକ୍ତର ମହାଶୟ ହେଉଛନ୍ତି ପ୍ରଦୀପ କୁମାର ଧୋଳ। ଏ ନାଁ ଆମେ କହୁନୁ ଏ ନାଁ କହୁଛି ପଇସା ନେଇ ଥିବା ଫୋନ୍ ପେ ଆକାଉଣ୍ଟ। ଏହା ପରେ ମଧ୍ୟ ଘଟଣାକୁ ଫାଙ୍କି ଦେଉଛନ୍ତି ମୁଖ୍ୟ ଚିକିତ୍ସା ଅଧିକାରୀ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତୁରନ୍ତ ଘଟଣାକୁ ହସ୍ତକ୍ଷେପ କରି ଉଚିତ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡିତ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। କିନ୍ତୁ ସେ ଡାକ୍ତର ଜଣକ ନେଇଥିବା ଟଙ୍କା ଫେରସ୍ତ କରି ଦେଲେ ସିନା କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତରଙ୍କ ଉପରେ ପଦକ୍ଷେପ ଗ୍ରହଣ ନ କରି ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଖବର ପ୍ରସାରଣ ଲାଗି କ୍ରୋଧିତ ଥିବା ଜଣାପଡୁଛି। ଏହା ହେଉଛି ଉଲ୍ଟା ଦୋଷୀ ନାଲି ଆଖି ଦେଖାଇବା।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ୱାସ୍ଥ୍ୟ ସମନ୍ୱିତ ବୈଠକ



**କଟକ, ୮।୧୧ (ସଂଚାର ବ୍ୟୁରୋ) :** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ସମନ୍ୱିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାକୁ ଯକ୍ଷ୍ମା ମୁକ୍ତ କରିବା, ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ, କୁଷ୍ଠ ନିରାକରଣ ଅଭିଯାନ, ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି । ବିଗତ ବର୍ଷଗୁଡିକରେ ଯାହାସବୁ ତୃଟି ବିଚ୍ୟୁତି ରହିଯାଇଛି ସେ ସମ୍ପର୍କରେ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଟାଙ୍ଗୀ, ତିଗିରିଆ ଏବଂ ବଡମ୍ବା ବ୍ଲକରେ କୁଷ୍ଠ ନିରାକରଣ ଅଭିଯାନ ଆରମ୍ଭ କରାଯିବ। ଆଶାକର୍ମୀମାନେ ଘରକୁ ଘର ବୁଲି ସର୍ଭେ କରି ସମସ୍ତ ଗ୍ରାମବାସୀଙ୍କର ଯାଂଚ କରିବେ ଏବଂ ୭୨ ଘଣ୍ଟା ମଧ୍ୟରେ ଏ ସମ୍ପର୍କିତ ରିପୋର୍ଟ ଦାଖଲ କରିବେ। ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷା ଓ ଚିକିତ୍ସା ଉପରେ ଆୟୋଜନ କରଯାଉଥିବା ସ୍ୱତନ୍ତ୍ର ଶିବିରରେ ଶତ ପ୍ରତିଶତ ଉପସ୍ଥାନ ସୁନିଶ୍ଚିତ କରାଇବା ସହ ଛାତ୍ରଛାତ୍ରୀମାନଙ୍କୁ ତମାଖୁ ବିମୁଖ କରିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରିବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଲ୍ଲାର ସଫଳତା ହାର ବୃଦ୍ଧି କରିବା ନିମନ୍ତେ ବିହୀତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ବୈଠକରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା ଚିନ୍ତାମଣି ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା ଅଶୋକ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ନିରାକରଣ) ଡା ଦୀପା ପଟ୍ଟନାୟକ, ଜିଲ୍ଲା ପ୍ରକଳ୍ପ ସଂଯୋଜକ କ୍ରିଷ୍ଣା କାବେରୀ ପଟ୍ଟନାୟକ, ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧିକାରୀ, ଡା ବନବାସୀ ବେହେରା, ଆଠଗଡ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା ବିଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ବତନ ସରପଞ୍ଚଙ୍କ ସମେତ ୫ ୱାର୍ଡସଭ୍ୟଙ୍କ ଘରବାହୁଡ଼ା

**ନୀଳଗିରି, ୮।୧୧ (ସଂଚାର ବ୍ୟୁରୋ) :** ନରଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ନାୟବ ସରପଞ୍ଚ ସୁରେନ୍ଦ୍ର ସିଂଙ୍କ ସମେତ ପାଞ୍ଚଜଣ ୱାର୍ଡସଭ୍ୟ ଓ ସଭ୍ୟା ବିଜେପି ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଆଜି ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କ ଅଧ୍ୟକ୍ଷତାରେ ନିଜ ବାସଭବନରେ ଏହି ମିଶ୍ରଣ ପର୍ବରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବିଜେଡିର ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ମଦନ ମୋହନ ମାଝୀ, ଯୁବନେତା ତଥା ସିଆଡିମାଳ ସମିତିସଭ୍ୟ ରାଜୀବ ଦାସବାବୁ, ନରଣପୁର ପଞ୍ଚାୟତର ସମିତିସଭ୍ୟା ବିଦ୍ୟୁତପ୍ରଭା ପାତ୍ର,ବରିଷ୍ଠ ବିଜେଡି ନେତା ବିଶ୍ୱମ୍ବର ପରିଡାଙ୍କ ସମେତ ବହୁ ବିଜେଡ଼ି ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ।

ବିଜେପି ଦଳର ପକ୍ଷପାତିତା ନୀତି ଏବଂ କିଛି ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କ ଚାପରେ ଜନତାଙ୍କ ସେବା କରିବାରେ ସକ୍ଷମ ନହେବା କାରଣରୁ ଦଳତ୍ୟାଗ କରିଥିବା ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ସିଂ କହିଛନ୍ତି। ଅଣନିଶ୍ୱାସୀ ହୋଇ କାର୍ଯ୍ୟକରିବା ଅପେକ୍ଷା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ କିପରି ପୁନର୍ବାର ଲୋକଙ୍କ ପାଖରେ ପହଞ୍ଚାଇ ହେବ ଏନେଇ ଉଦ୍ୟମ କରାଯିବ ବୋଲି ପୂର୍ବତନ ସରପଞ୍ଚଙ୍କ ସମେତ ଉପସ୍ଥିତ ୱାର୍ଡସଭ୍ୟ/ସଭ୍ୟା ମାନେ ମତ ରଖିଥିଲେ। ଅନୁରୂପ ଭାବେ ନବୀନ ପଟ୍ଟନାୟକଙ୍କ ୨୪ବର୍ଷର ସୁଶାସନ ଏବଂ ସବୁବର୍ଗର



ଲୋକଙ୍କ ହିତସାଧନ ନିମନ୍ତେ ବିଭିନ୍ନ ଲୋକାଭିମୁଖୀ ଯୋଜନା ଆଜିବି ଜନତାଙ୍କ ମାନସପଟରେ ଉଜ୍ଜୀବିତ ହୋଇରହିଥିବା ବେଳେ ଆଜିର ଏହି ମିଶ୍ରଣପର୍ବ ସୁଚାଉଥିବା କହିଛନ୍ତି ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ।

ଏହି ମିଶ୍ରଣରେ ପଞ୍ଚାୟତର ୧୦ନଂ ୱାର୍ଡସଭ୍ୟା ଦୁଲାରି ମାଝୀ, ୯ନଂ ୱାର୍ଡସଭ୍ୟ ଯଶୋବନ୍ତ ମାଝୀ, ୮ନଂ ସଭ୍ୟା ପାର୍ବତୀ ମାଝୀ, ୭ନଂ ସଭ୍ୟ ତଥା ବର୍ତ୍ତମାନର ନାୟବ ସରପଞ୍ଚ ସୁରେନ୍ଦ୍ର ସିଂ, ୧୨ନଂ ୱାର୍ଡ ସଭ୍ୟ ଶକ୍ତିଧର ବାଗ, ୬ନଂ ୱାର୍ଡସଭ୍ୟ ଗୋପିକୃଷ୍ଣ ମାଝୀଙ୍କ ପିତା କାଳୀଚରଣ ମାଝୀ ପ୍ରମୁଖ ବିଜେପି ଛାଡ଼ି ବିଜେଡିକୁ ଘରବାହୁଡ଼ା କରିଛନ୍ତି। ଦଳ ତରଫରୁ ସମସ୍ତ ଘରବାହୁଡ଼ା ଲୋକପ୍ରତିନିଧି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରାଯାଇଥିଲା।

# ଜବରଦଖଲକାରୀଙ୍କ କବ୍‌ଜାରେ କୋଣାର୍କ

**କୋଣାର୍କ, ୮।୧୧ (ସଂଚାର ବ୍ୟୁରୋ) :** କୋଣାର୍କ ଏକ ଛୋଟ ସହର ହେଇଥିଲେ ମଧ୍ୟ ଏହା ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପାଇଁ ସାରା ବିଶ୍ୱରେ ପ୍ରତିଷ୍ଠିଲାଭ କରିଛି। ଯାହା ଫଳରେ ଦୈନିକ ହଜାର ହଜାର ପର୍ଯ୍ୟଟକ ମାନେ କୋଣାର୍କ ବୁଲି ଆସୁଛନ୍ତି। କିନ୍ତୁ ପୁରୀ ଜିଲ୍ଲା ପ୍ରଶାସନ, ପିକେଡିଏ ସଂସ୍ଥା, ସ୍ଥାନୀୟ ଏନଏସି ଓ ରାଜସ୍ୱ ବିଭାଗର ଅଧିକାରୀ ମାନଙ୍କୁ ଉଦାରତା ଯୋଗୁଁ ଜବରଦଖଲକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ବେଆଇନ୍ ଭାବେ ଜମି ବାଡ଼ି ସହ ରାଜରାସ୍ତାକୁ ମଧ୍ୟ ଜବରଦଖଲ କଲେଣି। ଏଥିନେଇ ଜିଲ୍ଲା ଠୁ ସ୍ଥାନୀୟ ପ୍ରଶାସନ ନିଦାବିଷ୍ଟୁ ପାଲଟିଛି। କାରଣ ଜବରଦଖଲକାରୀଙ୍କ ମଧ୍ୟରେ ଅନେକ ରାଜନୈତିକ ଓ ନିଜକୁ ବଡ ବଡ ପ୍ରତିଷ୍ଠିତ ବ୍ୟକ୍ତି ବୋଲି କହୁଛନ୍ତି। ଯାହା ଫଳରେ କୋଣାର୍କ ଏନଏସିରେ, ୪, ୭, ୮, ୯ ଓ ୧୦ ନମ୍ବର୍ ୱାର୍ଡରେ ବେଆଇନ୍ ଜମି ଜବରଦଖଲ ସହ ଦିନକୁ ଦିନ ମାଳମାଳ କୋଠା ଗଢି ଉଠିଛି। ସରକାରୀ ଜମିକୁ ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ଚାଲିଛି। ପିକେଡିଏ ମାର୍କେଟ କମ୍ପ୍ଲେକ୍ସରେ ବେନିୟମ ଭାବେ ଦୋକାନ ପ୍ଲଟ ଗୁଡ଼ିକୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଇ କରାଯାଉଛି। ପ୍ଲାନ୍ କୁ ଅବମାନନା କରି ପ୍ଲଟକୁ ଛାଡ଼ି ରାସ୍ତାରେ ଜବରଦଖଲ କରି ପାଇଖାନା ଟାଙ୍କି, ବାରଣ୍ଡା, ତାଜା, ସିଲିଂ ଆଦି କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ପିକେଡ଼ିଏ କିମ୍ବା ଏନଏସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିବା ଦେଖିବାକୁ ମିଳିନାହିଁ।



କେତେକ ଅସାଧୁ ବ୍ୟବସାୟୀ ଫୁଟପାଥ ଓ ଡ୍ରେନ ଉପରେ ମଧ୍ୟ ବେଆଇନ୍ ନିର୍ମାଣ କରିଛନ୍ତି। ଯାହା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥି ସହିତ କୋଣାର୍କ ଏନଏସି ପକ୍ଷରୁ ସ୍ଥାୟୀ ପରିବା କି ଆମିଷ ବଜାର ବ୍ୟବସ୍ଥା ନଥିବାରୁ ବସଷ୍ଟାଣ୍ଡ ଠାରୁ ମାଧିପୂର୍ ଛକ, ରିଂ ରୋଡ଼ ଠାରୁ ଲାବଣ୍ୟ ଛକ ପର୍ଯ୍ୟନ୍ତ ଓ ଲାବଣ୍ୟ ଠାରୁ ମନ୍ଦିର ସମ୍ମୁଖ ଦେଇ ମେଡ଼ିକାଲ ଛକ ପର୍ଯ୍ୟନ୍ତ ମଧ୍ୟ ବ୍ୟବସାୟୀମାନେ ଜବରଦଖଲ କରିଥିବା ଦେଖିବାକୁ ମିଳିଛି। ରାସ୍ତା କଡରେ କେବିନ୍ ପକାଇ ବ୍ୟବସାୟ ଆରଂଭ କରି ଦିନକୁ ଦିନ ଆଗକୁ ଆଗ ମାଡ଼ି ଚାଲିଛନ୍ତି। ଯାହା ଦ୍ୱାରା କୋଣାର୍କରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଉପୁଜୁଛି। ପର୍ଯ୍ୟଟକ ଓ ପଥଚାରୀମାନେ ହଇରାଣ ହରକତ ହେଉଛନ୍ତି। ଯାହା ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏନେଇ କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଶ୍ରୀମତୀ ଆକୃତି ଗୋଇଙ୍କାଙ୍କୁ ପଚାରିବାରୁ ସେ କାଉନସିଲବଡି ସହ ଆଲୋଚନା କରି ପ୍ରଥମେ ବ୍ୟବସାୟୀ ମାନଙ୍କୁ ଥଇଥାନ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି କହିଛନ୍ତି। କୋଣାର୍କ ପରି ପର୍ଯ୍ୟଟନ ସହରକୁ ଶାନ୍ତ,ସରସ ଓ ସୁନ୍ଦର କରି ଗଢ଼ିବା ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ପ୍ରହସନ ପାଲଟିଛି ୨୪ଘଣ୍ଟିଆ ଆନିମଲ ହେଲ୍ଥ ଲାଇନ୍

- ମିଳୁନି ତ୍ୱରିତ ଚିକିତ୍ସା, ଜୀବନ ହାରୁଛନ୍ତି ଦୁର୍ଘଟଣାଗ୍ରସ୍ତ ପ୍ରାଣୀ
- ଆବଶ୍ୟକତା ଅନୁଯାୟୀ ନାହିଁ ଆମ୍ବୁଲାନ୍ସ

**କାକଟପୁର/ଅସ୍ତରଙ୍ଗ, ୮।୧୧ (ସଂଚାର ବ୍ୟୁରୋ) :** ଗ୍ରାମାଞ୍ଚଳରେ ଦୁର୍ଘଟଣାଗ୍ରସ୍ତ କିମ୍ବା ରୋଗ ଗ୍ରସ୍ତ ବୁଲା ଗୋରୁ ଗାଈ କିମ୍ବା ଗୃହ ପାଳିତ ପଶୁ ମାନଙ୍କୁ ତ୍ୱରିତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ୨୪ଘଣ୍ଟିଆ ଆନିମଲ ହେଲ୍ଥ ଲାଇନ ଖୋଲାଯାଇଛି। ଏହି ନମ୍ବରକୁ କଲ କଲେ ତୁରନ୍ତ ଘଟଣା ସ୍ଥଳରେ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ପହଂଚି ଯିବ ବୋଲି ସରକାର ଆରମ୍ଭ କରିଥିଲେ ଯୋଜନା। ଅଧିକାଂଶ ସମୟରେ ଏହି ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଂଚିବା ଆଗରୁ ଦୁର୍ଘଟଣାଗ୍ରସ୍ତ ପ୍ରାଣୀଙ୍କ ଜୀବନ ଚାଲିଯାଉଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳ ପ୍ରତି ବିଭାଗୀୟ ଅଧିକାରୀଙ୍କ ଏଭଳି ଉଦାସୀନତା ନେଇ ଅସ୍ତରଙ୍ଗ ବ୍ଲକବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଜୁଛି।

କିଛି ମାସ ହେବ ଅସ୍ତରଙ୍ଗ ବଜାର ହେଉ ଅବା ଗ୍ରାମାଞ୍ଚଳରେ ବୁଲା ଗୋରୁ ଗାଈଙ୍କ ଦୁର୍ଘଟଣା ସଂଖ୍ୟା ବଢୁଛି। ଅଧିକାଂଶ ବୁଲା ଗୋରୁ ଗାଈ ଅଜଣା ଗାଡି ଧକ୍କାରେ ଗୁରୁତର ଆହତ ହେଉଛନ୍ତି। ଉପଯୁକ୍ତ ଚିକିତ୍ସା ଅଭାବରୁ ପ୍ରାଣ ହରାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପକ୍ଷରୁ ଦେୟମୁକ୍ତ ପ୍ରାଣୀ ଆମ୍ବୁଲାନ୍ସ ସେବା ଯୋଗାଇବା ପାଇଁ ୨୪ଘଣ୍ଟିଆ ଆନିମଲ ହେଲ୍ଥ ଲାଇନ ଖୋଲାଯାଇଛି। ଦୁର୍ଘଟଣା ଗ୍ରସ୍ତ ବୁଲା ଗୋରୁ ଗାଈ, ରୋଗଗ୍ରସ୍ତ ଗୋରୁ ଗାଈଙ୍କ ଚିକିତ୍ସା ପାଇଁ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା "୧୯୬୨"ନମ୍ବରକୁ କଲ କଲେ ତୁରନ୍ତ ଠିକଣା ସ୍ଥଳରେ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ଟିମ୍ ପହଂଚିବା ସହ ଚିକିତ୍ସା କରିବା ପାଇଁ ନମ୍ବର ଜାରିହୋଇଥିବା ବେଳେ କେବଳ ଫୋନ ଓଟିପି ଆସୁଛି କିନ୍ତୁ ଆମ୍ବୁଲାନ୍ସ ପହଂଚୁ ନାହିଁ। ଅସ୍ତରଙ୍ଗରେ ଅନେକ ସମୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି।



୨୦୨୨ମସିହାରୁ ଏହି ସେବା ଆରମ୍ଭ ହୋଇଥିଲା। ସେବେ ଠାରୁ ଏହି ଆମ୍ବୁଲାନ୍ସଟି ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ କାମ କରୁଛି। ଆମ୍ବୁଲାନ୍ସରେ ଡକ୍ଟର, ଆଟେଡାଣ୍ଟ, ଏଲଆଇ ରହୁଛନ୍ତି। ତେବେ ଏହା ଭିତରେ ଅସ୍ତରଙ୍ଗ ଅଂଚଳର ବିଭିନ୍ନ ଗ୍ରାମାଞ୍ଚଳରେ ବୁଲା ଗୋରୁ ଗାଈଙ୍କ ସଂଖ୍ୟା ବଢ଼ିଛି। ଦୁର୍ଘଟଣା ମଧ୍ୟ ବଢୁଛି। ମାତ୍ର ସେହି ତୁଳନାରେ ଆମ୍ବୁଲାନ୍ସ ସଂଖ୍ୟା ନ ବଢ଼ିବାରୁ ଦୁର୍ଘଟଣାଗ୍ରସ୍ତ ଗୋରୁ ଗାଈଙ୍କ ତୁରନ୍ତ ଚିକିତ୍ସା ମିଳିପାରୁନାହିଁ। ଖବର ଦେଲେ ମଧ୍ୟ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଂଚି ପାରୁନି। ଅଳ୍ପଦିନ ତଳେ ଘଟଣାକୁ ସଦ୍ୟତମ ଉଦାହରଣ ଭାବେ ନିଆଯାଇପାରେ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅସ୍ତରଙ୍ଗ ଗ୍ରାମର ବିଜୟ ବେହେରାଙ୍କ ଗୃହପାଳିତ ଗାଈ ରୋଗାଗ୍ରସ୍ତ ହୋଇ ଯନ୍ତ୍ରଣା ଅନୁଭବ କରିବାରୁ ୨୪ଘଣ୍ଟିଆ ଆନିମଲ ହେଲ୍ଥ ଲାଇନି ନମ୍ବର "୧୯୬୨"କଲ ଲଗାଇଥିଲେ, ତାହା ପରେ ଏକ ଓଟିପି ଫୋନକୁ ମଧ୍ୟ ଆସିଥିଲା,କିନ୍ତୁ ଦୀର୍ଘ ଘଣ୍ଟା ବିତିଯାଇଥିଲେ ସୁଦ୍ଧା କୌଣସି ଆମ୍ବୁଲାନ୍ସ ପହଂଚି ନଥିଲା, ବାଧ୍ୟ ହୋଇ ଚାଷୀ ଜଣକ ବେସରକାରୀ ପଶୁଡାକ୍ତରଙ୍କୁ ଡାକି ଚିକିତ୍ସା କରାଇଥିଲେ। ରାସ୍ତା ପାର୍ଶ୍ୱରେ ବୁଲା ଗୋରୁଟି ଚିକିତ୍ସା ଅଭାବ ଯନ୍ତ୍ରଣା ପାଉଥିଲେ ମଧ୍ୟ ଆମ୍ବୁଲାନ୍ସ ଆସୁନାହିଁ। ଅନେକ ସ୍ଥାନରେ ଅସ୍ତରଙ୍ଗ ପ୍ରାଣୀଧନ ଚିକିତ୍ସାଳୟ କର୍ମଚାରୀଙ୍କ ମନମାନୀ ପାଇଁ ବୁଲା ଗାଈଗୋରୁଙ୍କ ଜୀବନ ଚିକିତ୍ସା ଅଭାବରୁ ଚାଲିଯାଉଛି। ଏହା ସହ ଉପଯୁକ୍ତ ପରିମାଣର କର୍ମଚାରୀ ନଥିବାରୁ ସବୁସମୟରେ ଆବଶ୍ୟକତା ଚିକିତ୍ସା ସମ୍ଭବ ହେଉନାହିଁ ବୋଲି ସୂଚନା ମିଳିଛି। ଏହି ସମସ୍ୟାର ସମାଧାନ ପାଇଁ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତବାସୀ ଆଉ ଏକ ଆମ୍ବୁଲାନ୍ସ ସହ କର୍ମଚାରୀ ଯୋଗାଇଦେବାକୁ ରାଜ୍ୟ ସରକାର ଦୃଷ୍ଟି ଆକର୍ଷଣ କରିବାକୁ ଦାବୀ କରିଛନ୍ତି। ନଚେତ ଯୋଜନା କେବଳ ଯୋଜନାରେ ହିଁ ରହିଯିବ।

# ଦଳ ଭର୍ତ୍ତି ଯୋଗୁଁ ନାଳରେ ଆସିପାରୁନି ପାଣି ଫସଲ ପାଇଁ ଚାଷୀ ଚିନ୍ତିତ

**କଣାସ, ୮।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକର ଦୟା ଓ ରାଜୁଆ ମଧ୍ୟବର୍ତ୍ତୀ ଅଞ୍ଚଳ ଯାହାକୁ କି କଣାସର କଳାପାଣି ପୂର୍ବରୁ କୁହାଯାଉଥିଲା। ସେହି ମଧ୍ୟବର୍ତ୍ତୀ ଅଞ୍ଚଳର ବର୍ଷାଜଳ ଓ ବନ୍ୟାଜଳ ନିଷ୍କାସନ ପାଇଁ ସାହାସପୁର ଗ୍ରାମଠାରେ ମକରାନଦୀରୁ ବାହାରି ପୁନଶ୍ଚ ବଡଓରା ନିକଟରେ ପୁନଶ୍ଚ ମକରାନଦୀରେ ମିଶିଅଛି। ଦୀର୍ଘ ୩କିମି ଆଡିନଦୀ ନାଳରେ କଳିକତି ଦଳ ଭର୍ତ୍ତି ହୋଇଥିବାରୁ ବର୍ଷା ଓ ବନ୍ୟାଜଳ ନିଷ୍କାସନ ନ ହୋଇପାରୁଥିବା ହେତୁ ପ୍ରତ୍ୟେକ ବର୍ଷ ଉକ୍ତ ଅଞ୍ଚଳର ଚାଷୀମାନେ ଶାରଦଧାନ ଫସଲ ହରାଇ ରବିଋତୁର ଫସଲକୁ ଚାହିଁ ବସିଥାଆନ୍ତି। କିନ୍ତୁ କଳିକତି ଦଳ ଥିବାରୁ ରବିଋତୁ ଫସଲ ପାଇଁ ଉକ୍ତ ନାଳରେ ମକରାନଦୀରୁ ଜଳ ଆସିପାରୁ ନ ଥିବାରୁ ରବି ଫସଲରେ ବ୍ୟାଘାତ ସୃଷ୍ଟି ହେଉଛି। ଏ ନେଇ ଚାଷୀମାନେ ଡ୍ରେନେଜ୍ ବିଭାଗର ଉଚ୍ଚ ଅଧିକାରୀ, ସ୍ଥାନୀୟ ବିଧାୟକଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ପ୍ରତିକାର କରାଯାଉନଥିବାରୁ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସାହାସପୁର, ବଡଓରା, ସାନଓରା, ଓଗାଳପୁର ଗ୍ରାମବାସୀମାନେ ଉକ୍ତ ନାଳର ଜଳ ଦ୍ୱାରା ରବି ଫସଲ କରିଥାଆନ୍ତି। ଯୁଦ୍ଧକାଳୀନ ଭିତିରେ ଦଳସଫା କରିବା ପାଇଁ ଉକ୍ତ ଗ୍ରାମର ଚାଷୀମାନେ ଦାବି କରିଛନ୍ତି।



# ୫୫ ହସ୍ତଶିଳ୍ପକୁ ମିଳିଲା ଅନୁମୋଦନ






**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୫୫ ଗୋଟି ହସ୍ତଶିଳ୍ପକୁ ବିଭାଗୀୟ ଅନୁମୋଦନ ମିଳିଛି । ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏହାକୁ ଅନୁମୋଦନ କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏହି ୫୫ ଗୋଟି ହସ୍ତଶିଳ୍ପର ଅନୁମୋଦନ ପାଇଁ ସୁପାରିଶ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ ଏହାର ପ୍ରସ୍ତାବ ରଖିଥିଲେ ।

ସୂଚନାଯୋଗ୍ୟ, ପୂର୍ବରୁ ୫୧ ଗୋଟି ହସ୍ତଶିଳ୍ପକୁ ଅନୁମୋଦନ ମିଳିଥିଲା। ଏବେ ଏହି ତାଲିକାକୁ ସଂଶୋଧନ କରାଯାଇ ନୂତନ ଭାବେ ୫୫ ଗୋଟି ହସ୍ତଶିଳ୍ପକୁ ରାଜ୍ୟ ସରକାରଙ୍କ ମାନ୍ୟତପ୍ରାପ୍ତ ହସ୍ତଶିଳ୍ପ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଅନୁମୋଦିତ ହସ୍ତଶିଳ୍ପ ମଧ୍ୟରେ ରହିଛି ଚାନ୍ଦୁଆ, କାରୁକାର୍ଯ୍ୟପୂର୍ଣ୍ଣ ଚମଡ଼ା କାମ, କାରୁକାର୍ଯ୍ୟପୂର୍ଣ୍ଣ ସପ, କାରୁକାର୍ଯ୍ୟପୂର୍ଣ୍ଣ କାଠ କାମ, ବାଉଁଶ କାମ, ବାଟିକ୍ ଛାପା କାମ, ଗୁଆ କାମ, କଂସା ଓ ପିତ୍ତଳ କାମ, ବେତ କାମ, ମାଟି କଣ୍ଢେଇ, କପଡ଼ା ଫୁଲ, କପଡ଼ା ତାଳିପକା କାମ, କପଡ଼ା କଣ୍ଢେଇ, ନଡ଼ିଆ ସଢ଼େଇ କାମ, କତା ହସ୍ତଶିଳ୍ପ, ଢୋକ୍ରା କାମ, ସୂଚୀ କାମ, କାଇଁଚ କାମ। ଏହାସହିତ ଗୋପା କାମ, ଦରି ଓ ସତରଞ୍ଜି କାମ, ହସ୍ତ ନିର୍ମିତ ଅଳଙ୍କାର, ଶିଙ୍ଗ କାମ, ଜୟଖାଡ଼ି କାମ, ଝୋଟ ନିର୍ମିତ ହସ୍ତଶିଳ୍ପ, କିଆ ପତ୍ରରୁ ପ୍ରସ୍ତୁତ ହସ୍ତଶିଳ୍ପ, ଲାଖ କାମ, ପ୍ରାକୃତିକ ତନ୍ତୁ ନିର୍ମିତ ହସ୍ତଶିଳ୍ପ (ନାଳିଆ ଘାସ, ସିସଲ ଘାସ, ହେଂସୁଆଡି), ଧାନରୁ ତିଆରି ହସ୍ତଶିଳ୍ପ, ଡଙ୍ଗରିଆ କନ୍ଧ ଚିତ୍ରକଳା, ଗଣ୍ଡ ଚିତ୍ରକଳା, ଜୁଆଙ୍ଗ ଚିତ୍ରକଳା, କୋହ୍ଲ ଚିତ୍ରକଳା, କୁଟିଆ କନ୍ଧ ଚିତ୍ରକଳା, ଲାଞ୍ଜିଆ ସଉରା ଚିତ୍ରକଳା, ଓରାଓଁ ଚିତ୍ରକଳା, ସାନ୍ତାଳ ଚିତ୍ରକଳା, ସଉରା ଚିତ୍ରକଳା, ତାଳପତ୍ର ତିଆରି ସାଜସଜ୍ଜା ଜିନିଷ, ତାଳପତ୍ର ଖୋଦେଇ, କାଗଜ ମୁଖା, ପଟ୍ଟଚିତ୍ର, ଗଛମୂଳରୁ ତିଆରି ହସ୍ତଶିଳ୍ପ, ସବାଇ ଘାସ କାମ, ଶଙ୍ଖ ଶାମୁକା କାମ, ରୂପା ତାରକସି କାମ, ସୋଲ କାମ, ପଥର ଖୋଦେଇ, ଛଣରୁ ତିଆରି ହସ୍ତଶିଳ୍ପ, ଟେରାକୋଟା ଏବଂ ମାଟିପାତ୍ର କାମ, ଯାତ୍ରା ପୋଷାକ, ଆଦିବାସୀ ଅଳଙ୍କାର, ତୁମ୍ବା କାମ, କାଠ ଖୋଦେଇ, ଚିତ୍ରିତ କାଠ କଣ୍ଢେଇ ଏବଂ ଲୌହ ଧାତୁ ନିର୍ମିତ ହସ୍ତଶିଳ୍ପକୁ ମଧ୍ୟ ଅନୁମୋଦନ କରାଯାଇଛି।

ରାଜ୍ୟ ସରକାର ଏହି ଅନୁମୋଦିତ ହସ୍ତଶିଳ୍ପ ଗୁଡ଼ିକର ବିକାଶ ପାଇଁ ବିଶେଷ ଧ୍ୟାନ ଦେବା ସହ ଏଥିରେ କାର୍ଯ୍ୟରତ କାରିଗରମାନଙ୍କୁ ନିୟମାନୁଯାୟୀ ଆବଶ୍ୟକ ସହାୟତା ଯୋଗାଇ ଦେବେ।

## ନଳବଣ ଅଭୟାରଣ୍ୟରୁ ୧୬ ମତ୍ସ୍ୟଜୀବୀ ଗିରଫ

**ଖୋର୍ଦ୍ଧା,୮।୧୧ (ସଂଚାର ବ୍ୟୁରୋ):** ଚିଲିକା ବନ୍ୟପ୍ରାଣୀ ବିଭାଗ ଅନ୍ତର୍ଗତ ନଳବଣ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବେଆଇନ ପ୍ରବେଶ ଏବଂ ମାଛ ଧରା ନେଇ ଶୁକ୍ରବାର ପୂର୍ବାହ୍ନରେ ୧୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯିବା ସହ ୩ ଡ଼ଙ୍ଗା ଜବତ ହୋଇଛି। ସମସ୍ତ ଅଭିଯୁକ୍ତ ଚନ୍ଦ୍ରାପୁଟ ଗ୍ରାମର ବୋଲି ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସେମାନଙ୍କ ନିକଟରୁ ୭୫ ପଟ ଡୁବି ଜାଲ, ୪୭ ଟି ନେଟ ଜାଲ, ୩ଟି ବାଉଁଶ କାତ, ୩ଟି ଥର୍ମ କୁଲ ବାକ୍ସ ଓ ୩ଟି ମୋବାଇଲ ଜବତ କରାଯାଇଛି। ନଳବଣ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବା ବେଳେ ଅବାଧ ପ୍ରବେଶ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।ବନ୍ୟଜନ୍ତୁ ସୁରକ୍ଷା ଅଧିନିୟମ ୧୯୭୨ ଅନୁଯାୟୀ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଡିଏଫଓ ଅମ୍ଲାନ ନାୟକ କହିଛନ୍ତି।

## ବାଃ ବାଃରେ ବଡଗଡ଼ ଥାନା !



**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** ଆମ କମିଶନରେଟ ପୋଲିସର ସ୍ଲୋଗାନ ହେଉଛି ଙ୍ଗର ମବକ୍ସର, ଙ୍ଗର ଯବକ୍ସର। ଏହାର ମାନେ ହେଉଛି ଲୋକଙ୍କ ସୁରକ୍ଷାକୁ ଧ୍ୟାନ ଦେବା ସହ ଅଭିଯୁକ୍ତଙ୍କୁ ମୁକାବିଲା କରିବାକୁ ବି ପ୍ରସ୍ତୁତ ଅଛି କମିଶନରେଟ ପୋଲିସ। କିନ୍ତୁ

- ପାରିଲାନି ପୋଲିସ
- ଧରାଦେଲା ଅଭିଯୁକ୍ତ

କମିଶନରେଟ ପୋଲିସ ଅନ୍ତର୍ଗତ ଥାନାରେ ପ୍ରକୃତ ଚାଲୁଛି କଣ' ଏହି ଘଟଣା ପଢ଼ିଲେ ଆପଣ ସ୍ପଷ୍ଟ ଭାବେ ବୁଝିପାରିବେ। ଜୁନ ମାସରୁ ହୋଇଥିବା ଦୁଷ୍କର୍ମ ଘଟଣାର ଅଭିଯୁକ୍ତ ଖୁଲମଖୁଲା ବୁଲି କୋର୍ଟରେ ଆତ୍ମସମର୍ପଣ କରିଥିଲେ ମଧ୍ୟ ଅଭିଯୁକ୍ତକୁ ପୋଲିସ ଧରିପାରିନାହିଁ। ଏହିଠାରୁ ବଡଗଡ଼ ଥାନାର ପାରିବାପଣିଆ ବେଶ ସ୍ପଷ୍ଟ ହୋଇଛି। ଜୁନ୍‌ରେ ରାଜଧାନୀରେ ଆସିଥିଲା ଲଭ, ସେକ୍ସ, ଧୋକା ଅଭିଯୋଗ। ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲେ ଅଭିଯୁକ୍ତ। ଆଇଟି ରେ କାମ କରୁଥିବା ଜଣେ ଦୁଷ୍କର୍ମ ନେଇ ଥାନାରେ ଅଭିଯୋଗ ହୋଇଥିଲା। ସେବେଠାରୁ ଫେରାର ଥିଲା ଅଭିଯୁକ୍ତ। କୋର୍ଟରେ ଆତ୍ମସମର୍ପଣ କରିବା ପରେ ରିମାଣ୍ଡରେ ଆଣି ପଚରାଉଚରା। ଅଭିଯୁକ୍ତର ନାଁ ସୁବାଷ ନାୟକ। ମେଡିକାଲ ଯାଞ୍ଚ ଓ ପଚରାଉଚରା ପରେ ଝାରପଡା ଜେଲ କୁ ପଠାଯାଇଛି। କିନ୍ତୁ ସବୁଠାରୁ ଲଜ୍ୟାର ବିଷୟ ହେଉଛି ଏତେ ସବୁ ପରେ ମଧ୍ୟ ଅଭିଯୁକ୍ତ ଖୁଲମଖୁଲା ଲକ୍ଷ୍ମୀସାଗର ଅଞ୍ଚଳରେ ବୁଲୁଥିଲେ ସୁଦ୍ଧା ତାଙ୍କୁ ଧରିବାରେ ସକ୍ଷମ ହୋଇପାରିନାହିଁ ପୋଲିସ।

## ଧବଳେଶ୍ୱରରେ ଟ୍ରାଫିକ କଟକଣା

**କଟକ,୮।୧୧(ସଂଚାର ବ୍ୟୁରୋ):** ଆସନ୍ତ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଗୁରୁଡିଝାଟିଆ ଥାନା ଅଧୀନସ୍ଥ ଧବଳେଶ୍ୱର ଶୈବ ପୀଠରେ ପଂଚକ ଓ ବଡଓଷା ପାଳନ କରାଯିବ। ଏହି ସମୟରେ ବିଭିନ୍ନ ଜିଲ୍ଲାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମନ୍ଦିରରେ ପୂଜାର୍ଚ୍ଚନା କରିବା ନିମନ୍ତେ ଏକତ୍ରିତ ହେବେ। କାର୍ତ୍ତିକ ମାସ ଥିବାରୁ ମହାନଦୀ ଉପରେ ଥିବା ମଧୁସୂଦନ ବ୍ରିଜ ଦେଇ ବହୁ ସଂଖ୍ୟାରେ ଭକ୍ତ ବସ୍, କାର, ଦୁଇଚକିଆ ଯାନରେ ଧବଳେଶ୍ୱର ପୀଠକୁ ପ୍ରତ୍ୟହ ଆସୁଛନ୍ତି। ପଂଚକ ଓ ବଡଓଷାରେ ଆଶାତୀତ ଭିଡକୁ ଦୃଷ୍ଟିରେ ରଖି ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। କଟକରୁ ମଧୁସୂଦନ ସେତୁ ଦେଇ ଆଠଗଡ ଯାଉଥିବା ଭାରୀଯାନଗୁଡ଼ିକୁ ନୂଆପାଟଣା ଛକଠାରୁ ଜାତୀୟ ରାଜପଥ ୫୫ ଦେଇ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆଠଗଡରୁ ଧବଳେଶ୍ୱର ରାସ୍ତା ଦେଇ କଟକ ଆସୁଥିବା ଭାରୀଯାନଗୁଡ଼ିକ କଖଡି ଛକ ଏବଂ ନିଧିପୁର ଛକଠାରୁ ଜାତୀୟ ରାଜପଥ ୫୫ ଦେଇ ଗତିପଥ ପରିବର୍ତ୍ତନ କରି ଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଲିଙ୍କ ଫେଲ୍: ଡାକଘର ଅଚଳ

**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** ରାଜ୍ୟର ସବୁ ମୁଖ୍ୟ ପୋଷ୍ଟ ଅଫିସରେ ୩ଦିନ ହେଲା ଲିଙ୍କ ଫେଲ୍। ଫଳରେ କାର୍ଯ୍ୟ ସଂପାଦନରେ ବଡ଼ ସମସ୍ୟା ଦେଖାଦେଇଛି। ଜନସାଧାରଣ ଟଙ୍କା ଉଠାଣ, ଡିପୋଜିଟ ପାଇଁ ଆସି ଫେରୁଛନ୍ତି। ଘଣ୍ଟାଘଣ୍ଟା ଧରି ଅପେକ୍ଷା କରି ନିରାଶ ହେଉଛନ୍ତି। ଲିଙ୍କ ଫେଲ ଯୋଗୁ ପୋଷ୍ଟାଲ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। କାମ ହେଉ ନ ଥିବାରୁ ପୋଷ୍ଟ ଅଫିସଗୁଡ଼ିର ଚେୟାର ଖାଲିଥିବା ଦେଖିବାକୁ ମିଳିଛି। ଭୁବନେଶ୍ୱର ପ୍ରଧାନ ଡାକଘର ଅଫିସରେ ମଧ୍ୟ ସମାନ ଅବସ୍ଥା ଦେଖାଯାଇଛି। ଲିଙ୍କ ଫେଲ ବୋଲି ସାଇନବୋର୍ଡରେ ଲେଖା ହୋଇଛି। ଟଙ୍କା ଜମା ଓ ଉଠାଣ ପାଇଁ ଆସୁଥିବା ଲୋକେ ହନ୍ତସନ୍ତ ହେଉଛନ୍ତି। ଆବଶ୍ୟକ ପାଇଁ ଟଙ୍କା ଉଠାଇବାକୁ ଆସୁଥିବା ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ଏହା କେତେ ଦିନ ମଧ୍ୟରେ ଠକ୍ ହେବ ତାହା ଜଣାପଡ଼ି ନାହିଁ। ସିପିଏମ୍‌ଜି କିମ୍ବା ବିଭାଗୀୟ କର୍ମଚାରୀମାନେ ମଧ୍ୟ କିଛି କହୁନାହାନ୍ତି।

## ଦୁଇ ନକ୍ସଲ ନିହତ



**ମାଲକାନଗିରି,୮।୧୧(ସଂଚାର ବ୍ୟୁରୋ):** ମାଲକାନଗିରି ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟି ୨ ଜଣ ନକ୍ସଲ ନିହତ ହୋଇଥିବାବେଳେ ବିପୁଳ ମାଓ ସାମଗ୍ରୀ ଜବତ କରାଯାଇଛି। ବିଜାପୁର ଜିଲ୍ଲାର ଉସୁର-ବାସାଗୁଡା-ପାମେଡ ଅଂଚଳରେ ନକ୍ସଲ କ୍ୟାମ୍ପ କରି ରହିଥିବା ପୋଲିସକୁ ସୂଚନା ମିଳିଥିଲା। ତୁରନ୍ତ ଡିଆରଜି,ଏସ୍‌ଟିଏଫ୍, କୋବ୍ରା ଏବଂ ସିଆରପିଏଫ୍ ବାଟାଲିୟନର ଯବାନ ଏହି ଅଂଚଳକୁ ସର୍ଚ୍ଚ ଅପରେସନରେ ବାହାରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ ନକ୍ସଲଙ୍କ ସହ ସାମ୍ନାସାମ୍ନି ହୋଇଥିଲା। ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଦିନ ଚାରିଟା ପର୍ଯ୍ୟନ୍ତ ରହି ରହି ନକ୍ସଲ ତରଫରୁ ଗୁଳି ଚଳାଯାଉଥିଲା। ତେବେ ଯବାନ ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଦୁଇ ଜଣ ନକ୍ସଲଙ୍କର ମୃତ ଦେହ ଠାବ କରିବା ସହ ମାଓ ସାମଗ୍ରୀ ଜବତ କରିଛି। ମୃତ ମାଓବାଦୀଙ୍କର ଚିହ୍ନଟ ହୋଇନଥିବା ପୁଲିସ କହିଛି।

### ଗଛରେ ପିଟିହେଲା ବସ୍

## ଚାଳକ ମୃତ, ୩୦ ଯାତ୍ରୀ ଆହତ



**ନୟାଗଡ଼, ୮।୧୧(ସଂଚାର ବ୍ୟୁରୋ):** ନୂଆଗାଁ ଥାନା ସୋରଡା ଛକରେ ଦୁର୍ଘଟଣା । ରାସ୍ତା କଡରେ ଥିବା ଏକ ଗଛକୁ ପିଟି ହୋଇ ଓଲଟିପଡିଲା ଯାତ୍ରୀବାହୀ ବସ୍ । ଫଳରେ ଦୁର୍ଘଟଣାରେ ବସ ଚାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ୩୦ଜଣ ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ଗୁରୁତର ଥିବା ସୂଚନା ମିଳିଛି।ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମିଳିଥିବା ଖବର ମୁତାବକ, ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି ରାମଦୂତ ନାମକ ଘରୋଇ ବସ୍ ଭୁବନେଶ୍ୱରରୁ ବଲାଙ୍ଗୀର ଯାଉଥିଲା । ହେଲେ ବସ୍‌ଟି ନୂଆଗାଁ ଥାନା ସୋରଡ଼ା ଛକରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ରାସ୍ତାରେ ଓଲଟି ପଡିଥିଲା। ଖବର ପାଇ ନୂଆଗାଁ ଥାନା ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି ।

# ବାଲିଯାତ୍ରା ବେଳେ ଉଠାଦୋକାନୀଙ୍କୁ ଫୁଟ୍‌ପାଥ ମନା




**କଟକ, ୮।୧୧(ସଂଚାର ବ୍ୟୁରୋ):** ବାଲିଯାତ୍ରା ସମୟରେ ଫୁଟପାଥରେ ବସିପାରିବେ ନାହିଁ ଉଠାଦୋକାନୀ। ଏ ନେଇ କଟକ ଜିଲ୍ଲାପାଳ ନିଷେଧାଦେଶ ଜାରି କରିଛନ୍ତି। ରିଂ ରୋଡ୍ ଜୋବ୍ରାଠାରୁ ଚହଟା, ଉପର ଓ ତଳ ବାଲିଯାତ୍ରା ପଡ଼ିଆ ଏବଂ ଏହାର ଆଖପାଖ ରାସ୍ତାରେ ଉଠା ଦୋକାନୀମାନଙ୍କୁ ବ୍ୟବସାୟ କରିବା ନିମନ୍ତେ ନିଷେଧାଦେଶ ଜାରି କରାଯିବା ସହ ଧାରା ୧୬୩ ଲାଗୁ କରାଯାଇଛି। ଆଜିଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଏହି ନିଷେଧାଦେଶ ଜାରି କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାପାଳ ଏହି ନିଷେଧାଦେଶ ଜାରି କରିଛନ୍ତି। ତେବେ ଉଠା ଦୋକାନୀଙ୍କ ଜୀବନଜୀବିକା ଯେପରି ପ୍ରଭାବିତ ନ ହେବ, ସେଥିପାଇଁ ତଳ ବାଲିଯାତ୍ରା ପଡ଼ିଆରେ ସେମାନଙ୍କ ବ୍ୟବସାୟ ନିମନ୍ତେ ୨୦ ହଜାର ବର୍ଗଫୁଟ ସ୍ଥାନ ଚିହ୍ନଟ କରାଯାଇଛି। ଉଠା ଦୋକାନୀମାନେ ଆବଶ୍ୟକ ୟୁଜର ଫି' ଦେଇ ନିର୍ଦ୍ଧାରିତ ସ୍ଥାନରେ ବ୍ୟବସାୟ କରିପାରିବେ ବୋଲି କହିଛନ୍ତି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଦେ। ପ୍ରଥମ ଥର ପାଇଁ ବାଲିଯାତ୍ରାରେ ଗ୍ରୀନ କରିଡରର ବ୍ୟବସ୍ଥା କରାଯାଇଛି। ମହାନଦୀ କୂଳେ କୂଳେ ଏହି କରିଡର ରହିବ। ଟ୍ରାଫିକ ପରିଚାଳନା ଓ ଆମ୍ବୁଲାନ୍ସ ଚଳାଚଳ ପାଇଁ ଏହି ଗ୍ରୀନ କରିଡର କାର୍ଯ୍ୟ କରିବ। ବାଲିଯାତ୍ରାର ଅନ୍ୟତମ ଆକର୍ଷଣ ସାଜିଥାଏ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ବା ଓରମାସ । ଏଠାରେ ମେଳିଥାଏ ରାଜ୍ୟ ତଥା ରାଜ୍ୟ ବାହାରର ଉତ୍ପାଦିତ ସାମଗ୍ରୀର ପସରା । କୋଟି କୋଟି ଟଙ୍କାର ବେପାର ହୁଏ। ଏଥର ବାଲିଯାତ୍ରାରେ ଓରମାସ ଭିତରେ ସ୍ଥାନ ପାଇବ ୫ ଶହରୁ ଅଧିକ ଷ୍ଟଲ। ଆମ ରାଜ୍ୟ ସହ ୨୩ଟି ରାଜ୍ୟର ବ୍ୟବସାୟୀଙ୍କ ବିଭିନ୍ନ ସାମଗ୍ରୀର ଏଠି ପସରା ମେଳିବ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଉତ୍ପାଦ ଠାରୁ ଆଦିବାସୀମାନଙ୍କ ଉତ୍ପାଦିତ ଦ୍ରବ୍ୟ ଏଠାରେ ମିଳିବ। ସେଥିପାଇଁ ଦିନରାତି ଚାଲିଛି ଷ୍ଟଲ ନିର୍ମାଣ କାର୍ଯ୍ୟ। ଗତବର୍ଷ ଓରମାସ ରେ ୩୬ କୋଟି ଟଙ୍କାର କିଣାବିକା ହୋଇଥିବା ବେଳେ ଚଳିତ ବର୍ଷ ୪୦ କୋଟି ଟଙ୍କାର ବ୍ୟବସାୟ ଲକ୍ଷ୍ୟ ରହିଥିବା କହିଛନ୍ତି ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ।

## ଧରାପଡ଼ିଲେ ଡାକ୍ତର ଓ କମ୍ପାଉଣ୍ଡର



**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** ଲାଞ୍ଚ ନେବା ପଡିଲା ମହଙ୍ଗା । ଭିଜିଲାନ୍ସ ହାତରେ ଧରାପଡ଼ିଲେ ଡାକ୍ତର ବାବୁ । କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିଶ୍ୱଜିତ ଭୂୟାଁ ଓ ଫାର୍ମାସିଷ୍ଟ ଉତ୍ତମ ମହାକୁଡ଼ଙ୍କୁ ଲାଞ୍ଚ ନେଉଥିବା ବେଳେ ଧରିଛି ଭିଜିଲାନ୍ସ। ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଜଣେ କାର୍ଯ୍ୟରତ କର୍ମଚାରୀଙ୍କୁ ମେଡିକାଲ ଅଫିସର ଡାକ୍ତର ବିଶ୍ୱଜିତ ଭୂୟାଁ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଉକ୍ତ ଘଟଣାରେ ଡାକ୍ତର ଭୂୟାଁଙ୍କ ସହ ଫାର୍ମାସିଷ୍ଟ ଉତ୍ତମ ମହାକୁଡ଼ ମଧ୍ୟ ମିଶିଥିଲେ । ଶେଷରେ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ ଉକ୍ତ କର୍ମଚାରୀ । ପୂର୍ବ ଯୋଜନା ଅନୁଯାୟୀ ଶୁକ୍ରବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅଭିଯୋଗକାରୀଙ୍କ ଠାରୁ ଡାକ୍ତର ବିଶ୍ୱଜିତ ଭୂୟାଁ ୪୦ ହଜାର ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ତାଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ଡାକ୍ତର ଭୂୟାଁଙ୍କ ବାସଭବନ ସମେତ ୩ ଟି ସ୍ଥାନରେ ଏବଂ ଫାର୍ମାସିଷ୍ଟ ଉତ୍ତମ ମହାକୁଡ଼ଙ୍କ ଗୋଟିଏ ସ୍ଥାନରେ ଚଢ଼ାଉ କରିଛି ଭିଜିଲାନ୍ସ । ଉଭୟ କେତେ ସଂପତ୍ତି ଠୁଳ କରିଛନ୍ତି ତା'ର ଯଣଞ୍ଚ ଚାଲିଛି। ଚଢ଼ଉରେ ୨ଜଣ ଡିଏସ୍‌ପି, ୨ ଇନ୍ସପେକ୍ଟର ଓ ଅନ୍ୟମାନେ ସାମିଲ ହୋଇଛନ୍ତି।

# ପ୍ରଦ୍ୟୁମ୍ନ ବଳ ଥିଲେ ସାଲିସବିହୀନ ନେତା




**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** ପ୍ରଦ୍ୟୁମ୍ନ ବଳ ଥିଲେ ଜଣେ ସାଲିସବିହୀନ ରାଜନେତା, ନିର୍ଭିକ ସାମ୍ବାଦିକ ଓ ଜନନାୟକ। ଏହାସହ ନିର୍ଭିକ ଖବରକାଗଜ ପ୍ରଗତିବାଦୀର ପ୍ରତିଷ୍ଠାତା ଭାବେ ଲୋକଙ୍କ ସ୍ୱାର୍ଥକୁ ପ୍ରଥମେ ଗୁରୁତ୍ୱ ନେଇ କାର୍ଯ୍ୟ କରିଆସୁଥିଲେ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମତ ରଖିଛନ୍ତି। ପ୍ରଗତିବାଦୀ ପକ୍ଷରୁ ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ପାଳନ କରିଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିବା ସହ ସମସ୍ତ ପୁରସ୍କୃତ ଓ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କୁ ନବୀନ ଅଭିନନ୍ଦନ ଜଣାଇଥିଲେ।

ଦୈନିକ ପ୍ରଗତିବାଦୀ କାର୍ଯ୍ୟାଳୟ ପରିସରରେ ଆୟୋଜିତ ମହାନ ଜନନାୟକ ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳଙ୍କ ୯୨ତମ ଜୟନ୍ତୀ ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ ଏଭଳି ଅଭିଭାଷଣ ରଖିଥିଲେ। ନବୀନ ପଟ୍ଟନାୟକ ପ୍ରଥମେ ସ୍ୱର୍ଗତ ବଳଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବତନ ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଶେଷ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପ୍ରଗତିବାଦୀର ନିର୍ଦ୍ଦେଶିକା ଶାଶ୍ୱତୀ ବଳ, ଅଧ୍ୟକ୍ଷ ମୋନାଲିସା ବଳ, କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଯୋଗ ଦେଇ ଅଭିଭାଷଣ ରଖିଥିଲେ। ଏହି ଅବସରରେ ପ୍ରଦ୍ୟୁମ୍ନ ବଳଙ୍କ ଜୀବନ କାହାଣୀକୁ ନେଇ ଏକ ସ୍ୱତନ୍ତ୍ର ସଂକଳନକୁ ନବୀନ ପଟ୍ଟନାୟକ ଉନ୍ମୋଚନ କରିଥିଲେ। ଗାନ୍ଧିବାଦୀ ନେତ୍ରୀ କୃଷ୍ଣା ମହାନ୍ତିଙ୍କୁ ପ୍ରଦ୍ୟୁମ୍ନ ବଳ ସମ୍ମାନ ୨୦୨୪ ଓ ବେତନଟୀର ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀଙ୍କୁ ପ୍ରଦ୍ୟୁମ୍ନ ବଳ ସାମ୍ବାଦିକତା ସମ୍ମାନ ପ୍ରଦାନ କରାଯାଇଥିଲା। ଏତଦ୍‌ଭିନ୍ନ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ନବୀନ ପଟ୍ଟନାୟକ।

## ଶିକ୍ଷକଙ୍କୁ ମିଳିବ ଗୃହ ନିର୍ମାଣ ପାଇଁ ଟଙ୍କା



DIRECTORATE OF SECONDARY EDUCATION, ODISHA, BHUBANESWAR

No. DSEO-OEACCT-ADV-0003-2023 ୨୨୨୦୨ // Dt. 7-11-24

To

All District Education Officers of the State.

Sub: Sanction of the House Building Advances (HBA) in favour of the Secondary Education teachers and other employees of the State.

Madam / Sir,

With reference to aforementioned subject, it is stated that a number of House Building Advance proposals of Secondary Teachers and other employees (i.e. Group C & D) are being received from different District Education Officers of the State without adhering guideline as formulated by Govt. in Finance Department Office Memorandum No. 17502/F Dt. 13.07.2022. The copy of following documents should be submitted along with the proposals (as per said memorandum):

1. New Purchase of Land
   A. In case of purchase of new land, details of land to be purchased, cost of the land, agreement with the Seller to be submitted.
   B. Application for release of 2nd installment of 40% must accompany ROR of the Homestead land, approved plan by Rural / Urban authority, Estimates duly countersigned by Executive Engineer R & B / RD/ BDA/ Housing Board & registered mortgage deed.
2. Construction of House on existing Land
   A. For 1st installment, copy of ROR of Homestead land, approved plan by Rural / Urban Authority, detailed Estimate duly countersigned by Executive Engineer R & B / RD/ BDA/ Housing Board.
   B. For 2nd installment Utilization certificate duly countersigned by the Executive Engineer R & B/RD/BDA/ Housing Board in respect of 1st installment.
3. Purchase of Ready-built House
   A. For 1st installment, Allotment letter from BDA / Housing Board / Builder or consent letter of Pvt. Seller & draft agreement deed, Surety bond, undertaking to Mortgage the house.
   B. For 2nd installment, payment receipt from the seller in respect of 1st installment of advance.

Yours Faithfully

DIRECTOR

**ଭୁବନେଶ୍ୱର,୮।୧୧ (ସଂଚାର ବ୍ୟୁରୋ):** ହାଇସ୍କୁଲ ଶିକ୍ଷକ ଏବଂ କର୍ମଚାରୀଙ୍କୁ ଗୃହ ନିର୍ମାଣ ପାଇଁ ମିଳିବ ଅଗ୍ରୀମ ଟଙ୍କା। ପୁରୁଣା ଜମିରେ ନୂଆ କୋଠା କରିବା ପାଇଁ ମଧ୍ୟ ଅର୍ଥ ମିଳିବ। ଯଦି ଜଣେ ହାଇସ୍କୁଲ ଶିକ୍ଷକ କୋଠା କିଣିବା ପାଇଁ ଚାହୁଁଛନ୍ତି ତାହାଲେ ମଧ୍ୟ ଅଗ୍ରୀମ ଅର୍ଥ ମିଳିବ। ଜମି କିଣିବା ପାଇଁ ମଧ୍ୟ ଅଗ୍ରୀମ ଦିଆଯିବ ବୋଲି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଙ୍କୁ ଚିଠି ହୋଇଛି। ନୂଆ ଜମି କିଣିବା ଲାଗି ଆବେଦନକାରୀମାନେ ଜମିର ତଥ୍ୟ ପ୍ରଦାନ କରିବା ସହିତ ଜମିର ମୂଲ୍ୟ ଏବଂ ବିକ୍ରେତାଙ୍କର ଏଗ୍ରିମେଣ୍ଟକୁ ଦାଖଲ କରିବେ।

ସେହିପରି ପୁରୁଣା ଜମିରେ ନୂଆ କୋଠା ନିର୍ମାଣ ଏବଂ ନିର୍ମିତ କୋଠା କିଣିବା ପାଇଁ ମଧ୍ୟ ହାଇସ୍କୁଲ ଶିକ୍ଷକ ଓ କର୍ମଚାରୀଙ୍କୁ ଅଗ୍ରୀମ ଅର୍ଥ ମିଳିବ । ଏସବୁ ପାଇଁ ଆବେଦନକାରୀମାନେ ଆବଶ୍ୟକ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି ।

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ କରାଯାଇଥିବା ଚିଠିରେ ଉଲ୍ଲେକ ରହିଛି, ପୁରୁଣା ଜମିରେ ନୂଆ କୋଠା ନିର୍ମାଣ ପାଇଁ କୋଠାବାଡ଼ି ନିର୍ମାଣ ବିଭାଗ, ବିଡିଏ କିମ୍ବା ହାଉସିଂ ବୋର୍ଡ ଯନ୍ତ୍ରୀଙ୍କ ଦ୍ୱାରା ଆକଳନ ତଥ୍ୟ ଦାଖଲ କରାଯିବା ଆବଶ୍ୟକ । ଏହା ସହ ଶିକ୍ଷକ ଓ କର୍ମଚାରୀଙ୍କୁ ସେମାନଙ୍କ ହାଉସ ପ୍ଲାନ୍ ମଧ୍ୟ ଦାଖଲ କରିବାକୁ ହେବ।ଏହା କେବଳ ହାଇସ୍କୁଲ ଶିକ୍ଷକ ଏବଂ କର୍ମଚାରୀଙ୍କ ପାଇଁ ଲାଗୁ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ଏବର୍ଷ ୪ ଦିନିଆ ପଞ୍ଚୁକ ଜଗିବେ ୩୮ ପ୍ଲାଟୁନ ଫୋର୍ସ



**ପୁରୀ, ୮।୧୧(ସଂଚାର ବ୍ୟୁରୋ):** ୧୨ ତାରିଖରୁ ପଞ୍ଚୁକ ବ୍ରତ। ଚଳିତ ବର୍ଷ ୫ ଦିନ ବଦଳରେ ୪ ଦିନ ପାଳନ ହେବ ବ୍ରତ । ଚତୁର୍ଦ୍ଦଶୀ କ୍ଷୟ ରହୁଥିବାରୁ ମହାପ୍ରଭୁଙ୍କ ୪ଟି ବେଶର ଦର୍ଶନର ସୁଯୋଗ ମିଳିବ। ଲକ୍ଷ୍ମୀନୃସିଂହ ବେଶ ଦର୍ଶନରୁ ବଞ୍ଚିତ ହେବେ ଭକ୍ତ । ପ୍ରଥମ ଦିନ ଲକ୍ଷ୍ମୀନାରାୟଣ ବେଶ, ଦ୍ୱିତୀୟ ଦିନ ବାଙ୍କଚୁଳ ବେଶ, ତୃତୀୟ ଦିନ ତ୍ରିବିକ୍ରମ ବେଶ ଏବଂ କାର୍ତ୍ତିକ ପୂର୍ଣ୍ଣିମା ଦିନ ସୁନାବେଶ ବା ରାଜାଧିରାଜ ବେଶରେ ଦର୍ଶନ ଦେବେ ମହାପ୍ରଭୁ। ପଞ୍ଚୁକ ପାଇଁ ଶ୍ରୀକ୍ଷେତ୍ରରେ ଜମୁଛି ବ୍ରତଧାରୀଙ୍କ ଭିଡ଼। ଆଗକୁ ଆହୁରି ଭକ୍ତ ଆସିବାକୁ ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବରିଷ୍ଠ ନାଗରିକ ଓ ହବିଷ୍ୟାଳିଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛି ପ୍ରଶାସନ। ୩୮ ପ୍ଲାଟୁନ ଫୋର୍ସ ମୁତୟନ ସହ ବ୍ୟାରିକେଡ, ପାନୀୟ ଜଳର ବ୍ୟବସ୍ଥା ହୋଇଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସୂଚନା ଦେବାର ମଧ୍ୟ ବ୍ୟବସ୍ଥା ରହିଛି । ସେହିପରି ଟ୍ରାଫିକ ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି ଏସପି ବିନୀତ ଅଗ୍ରୱାଲ। ଦୀର୍ଘ ବର୍ଷ ପରେ ଚଳିତ ଥର ୪ଦିନ ପଡୁଛି ପଞ୍ଚୁକ ବ୍ରତ । ତେବେ ୪ଦିନରେ ମହାପ୍ରଭୁଙ୍କ ୪ଟି ବେଶ ଦେଖିବାକୁ ଭକ୍ତଙ୍କ ମନରେ ରହିଛି ଉତ୍କଣ୍ଠା।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଲେ ଅକଲାଣ୍ଡ୍‌ରେ ଅବସ୍ଥାପିତ ହେବାକୁ ଥିବା ଭାରତୀୟ କନ୍‌ସଲ୍ ଜେନେରାଲ ମଦନମୋହନ ସେଠୀ।

# ବେସରକାରୀ ସଂସ୍ଥାଙ୍କୁ ଦାୟିତ୍ୱ: ଚୟନ ପ୍ରକ୍ରିୟାରେ ବିଭ୍ରାଟ

**ଭୁବନେଶ୍ୱର, ୮।୧୧:** ବିଭିନ୍ନ ପାହ୍ୟାର ସରକାରୀ କର୍ମଚାରୀ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କର ଅନେକ ଚୟନକାରୀ ସଂସ୍ଥା ଥିବାବେଳେ ଏବେ କିଛିବର୍ଷ ଧରି ପ୍ରାର୍ଥୀ ଚୟନ କ୍ଷେତ୍ରରେ ବେସରକାରୀ ସଂସ୍ଥାଙ୍କୁ ଦାୟିତ୍ୱ ଦିଆଯାଉଛି। ଏଥିଯୋଗୁଁ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ବ୍ୟାପକ ବିଭ୍ରାଟ ଓ ଅନିୟମିତତା ଉପୁଜୁଥିବା ଘେନି ବାରମ୍ବାର ଗୁରୁତର ଅଭିଯୋଗମାନ ଆସୁଛି।

କେବଳ ସେତିକି ନୁହେଁ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ କ୍ୟାଡରଗୁଡ଼ିକରେ ନିଯୁକ୍ତି ପାଇଁ ରାଜ୍ୟ ସ୍ତରରେ ପ୍ରାର୍ଥୀ ଚୟନ କରାଯିବା ଫଳରେ ଆଦିବାସୀ ଅଧ୍ୟୁଷିତ ଅନେକ ପଛୁଆ ଜିଲ୍ଲାର ପ୍ରାର୍ଥୀମାନେ ଅଗ୍ରଣୀ ଜିଲ୍ଲାଗୁଡ଼ିକର ପ୍ରାର୍ଥୀମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାରେ ପଛେଇ ଯାଇ ନିଜ ଜିଲ୍ଲାରେ ନିଯୁକ୍ତି ସୁବିଧାରୁ ବଞ୍ଚିତ ହେଉଥିବା ଘେନି ବି ଅଭିଯୋଗମାନ ଆସୁଛି। ତେବେ ବର୍ଷ ବର୍ଷ ଧରି ପ୍ରାର୍ଥୀ ଚୟନ ଓ ନିଯୁକ୍ତି ପ୍ରକ୍ରିୟାରେ ସୃଷ୍ଟି କରାଯାଇଥିବା ବିଭ୍ରାଟକୁ ନ ସୁଧାରି ପୁରୁଣା ଢାଞ୍ଚାରେ ନିଯୁକ୍ତି ପ୍ରକ୍ରିୟା ଚାଲୁ ରଖାଯିବା ଫଳରେ ସରକାରୀ କଳ ଅଯଥାରେ ସମାଲୋଚନାର ଶରବ୍ୟ ହେଉଛି।

ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପଦବୀରୁ ଆରମ୍ଭକରି ଜିଲ୍ଲାସ୍ତରୀୟ ଅମଲା ଏବଂ ଅନ୍ୟାନ୍ୟ ତୃତୀୟ ଓ ଚତୁର୍ଥଶ୍ରେଣୀର ପଦବୀଗୁଡ଼ିକ ଲାଗି ପୂର୍ବରୁ ଜିଲ୍ଲା ସ୍ତରରେ ପ୍ରାର୍ଥୀ ଚୟନ ସହ ନିଯୁକ୍ତି ହୋଇଥିଲା। ଫଳରେ ସମ୍ପୃକ୍ତ ଜିଲ୍ଲାର ପ୍ରାର୍ଥୀମାନେ ନିଜ ଜିଲ୍ଲା ଭିତରେ ଜିଲ୍ଲାସ୍ତରୀୟ କ୍ୟାଡରରେ ନିଯୁକ୍ତି ପାଉଥିଲେ। କିନ୍ତୁ କିଛିବର୍ଷ ଧରି କେତେକ ପଦବୀରେ ବ୍ୟତିକ୍ରମ ଘଟାଯାଇ ଜିଲ୍ଲାସ୍ତରୀୟ ପଦବୀ ଲାଗି ରାଜ୍ୟସ୍ତରୀୟ ନିଯୁକ୍ତି ହେବା ଫଳରେ ବହୁ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଅଣଆଦିବାସୀ ଜିଲ୍ଲାର ପ୍ରାର୍ଥୀମାନେ ଯୋଗ୍ୟ ବିବେଚିତ ହୋଇ ନିଯୁକ୍ତି ପାଉଛନ୍ତି। ଏଥିଘେନି ଆଞ୍ଚଳିକ ସ୍ତରରେ ବ୍ୟାପକ ପ୍ରତିକ୍ରିୟା ସୃଷ୍ଟି ହେଉଛି।

ସରକାରୀ ଚାକିରିରେ ନିଯୁକ୍ତି ପାଇଁ ଓଡ଼ିଶା ଲୋକସେବା ଆୟୋଗ, ରାଜ୍ୟ ଷ୍ଟାଫ ସିଲେକ୍ସନ କମିଶନ, ସବର୍ଡିନେଟ୍




ଷ୍ଟାଫ୍ ସିଲେକ୍ସନ କମିଶନ ଆଦି ବିଭିନ୍ନ ସଂସ୍ଥା ରହିଛନ୍ତି। ବିଶେଷକରି ବିଭିନ୍ନ ବର୍ଗର ରାଜ୍ୟସ୍ତରୀୟ କ୍ୟାଡରଗୁଡ଼ିକ ଲାଗି ଏହି ସଂସ୍ଥାଗୁଡ଼ିକ ମାଧ୍ୟମରେ ପୂର୍ବରୁ ପ୍ରାର୍ଥୀ ମନୋନୟନ କରାଯାଉଥିଲା। ଏହାଛଡା ଜିଲ୍ଲାପାଳ, ଏସ୍‌ପିଙ୍କ ଠାରୁ ଆରମ୍ଭକରି ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ସଂସ୍ଥା ନିଜ ନିଜ ଜିଲ୍ଲାର ଦପ୍ତରଗୁଡ଼ିକରେ ଖାଲି ପଡୁଥିବା ତୃତୀୟ ଓ ଚତୁର୍ଥଶ୍ରେଣୀ ପାହ୍ୟାର କର୍ମଚାରୀ ନିଯୁକ୍ତି ଓ ସେଥିଲାଗି ଚୟନ କାର୍ଯ୍ୟ କରୁଥିଲେ। କିନ୍ତୁ ଏବେ ସେଥିରେ ବ୍ୟତିକ୍ରମ ଦେଖାଯାଉଛି।

ପୂର୍ବରୁ ଜିଲ୍ଲା ଶିକ୍ଷାଧିକାରୀ ନିଜ ଅଞ୍ଚଳ ପାଇଁ ପ୍ରାଥମିକ ଶିକ୍ଷକ ଚୟନ କରୁଥିଲେ। ସେହିପରି ଆରଆଇ, ଏଆରଆଇ, ଅମିନ ଆଦି ପଦବୀ ଲାଗି ଜିଲ୍ଲା ପ୍ରଶାସନ ଖୋଲା ବିଜ୍ଞାପନ ଆଧାରରେ ପ୍ରାର୍ଥୀ ଚୟନ କରୁଥିଲା। କିନ୍ତୁ ଏବେ ଅନେକ କ୍ଷେତ୍ରରେ ଏଭଳି ନିଯୁକ୍ତି ଲାଗି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ସରକାର ବିପୁଳ ଅର୍ଥ ବ୍ୟୟକରି ଘରୋଇ ସଂସ୍ଥାକୁ ଠିକା ଦେଇ ଦେଉଛନ୍ତି।

ଏଭଳି ସ୍ଥିତିରେ ଘରୋଇ ସଂସ୍ଥାଠାରୁ ଚୋରାରେ ପ୍ରଶ୍ନପତ୍ର ସଂଗ୍ରହ କରିବା ଏବଂ ଉତ୍ତରଦାୟିତ୍ୱ ନଥିବାରୁ ଏଭଳି ସଂସ୍ଥାଙ୍କ ସହଯୋଗୀମାନଙ୍କ ଜରିଆରେ ହେରଫେର କରି ଅଯୋଗ୍ୟ ପ୍ରାର୍ଥୀ ନିଯୁକ୍ତି ପାଇବାର ଆଶଙ୍କା ଅଧିକ ରହୁଛି। କେବଳ ସେତିକି ନୁହେଁ, ଘରୋଇ ସଂସ୍ଥା ପରୀକ୍ଷା ପରିଚାଳନାବେଳେ ଅନେକ ତ୍ରୁଟି ବିଚ୍ୟୁତି ମଧ୍ୟ ଘଟୁଛି। ଏ ପରିପ୍ରେକ୍ଷୀରେ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବାପାଇଁ ପୁଣି ପୂର୍ବପରି ସରକାରୀ ସଂସ୍ଥାମାନଙ୍କ ଜରିଆରେ ଏବଂ ଜିଲ୍ଲାସ୍ତରୀୟ କ୍ୟାଡର ପାଇଁ ସମ୍ପୃକ୍ତଜିଲ୍ଲାରେ ପ୍ରାର୍ଥୀ ଚୟନ କରିବାକୁ ଚାକିରି ପ୍ରତ୍ୟାଶୀମାନେ ଦାବି କରୁଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ଏବେ ରାଜ୍ୟରେ ୨ଲକ୍ଷରୁ ଅଧିକ ସରକାରୀ ଚାକିରି ଖାଲି ପଡ଼ିଥିବାବେଳେ ସେଥିରୁ ୧ଲକ୍ଷ ୪୦ହଜାରରୁ ଅଧିକ ତୃତୀୟ ଓ ଚତୁର୍ଥଶ୍ରେଣୀ ପାହ୍ୟାର ରହିଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ସୁନା ୨୦୦୦, ରୁପା ୫୦୦୦ ଟଙ୍କା କମିଲା



**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ପାର୍ବଣ ପୂର୍ବରୁ ଘରୋଇ ବଜାରରେ ମୂଲ୍ୟବାନ୍ ଅଳଙ୍କାରର ଦର ଆକାଶଛୁଆଁ ଥିଲାବେଳେ ପାର୍ବଣ ପରେ ଦର କମିବାରେ ଲାଗିଛି। ଏପରିକି ଗତ ସପ୍ତାହ ହେଲା ମୂଲ୍ୟବାନ ଅଳଙ୍କାର ମୂଲ୍ୟ ହ୍ରାସ ପାଉଛି। ଫଳରେ ଧନ୍ତେରସ୍ ବେଳେ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ପ୍ରାୟ ୮୧,୦୦୦ ଟଙ୍କା ଥିଲାବେଳେ ୨୨ କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୦୦୦ ଟଙ୍କା ଉପରେ କାରବାର ହେଉଥିଲା। ସେହିଭଳି ରୁପା କିଲୋଗ୍ରାମ (କେ.ଜି.) ପିଛା ପ୍ରାୟ ୧,୧୦,୦୦୦ ଟଙ୍କା ଥିଲାବେଳେ ୧୮କ୍ୟାରେଟ ସୁନା ଦର, ପ୍ଲାଟିନମ ଓ ହୀରା ଭଳି ଅନ୍ୟାନ୍ୟ ମୂଲ୍ୟବାନ୍ ଅଳଙ୍କାରର ମୂଲ୍ୟ ୬୦,୦୦୦ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଥିଲା। ହେଲେ ବର୍ତ୍ତମାନ ଭୁବନେଶ୍ୱରରେ ୨୪କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ପ୍ରାୟ ୭୮,୪୬୦ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୭୨,୦୦୦ଟଙ୍କା ଏବଂ ରୁପା କିଲୋଗ୍ରାମ ପିଛା ପ୍ରାୟ ୧,୦୨,୦୦୦ ଟଙ୍କା ରହିଛି। ସେହିପରି ୧୮ କ୍ୟାରେଟ ସୁନା, ପ୍ଲାଟିନମ ଓ ହୀରା ଭଳି ଅନ୍ୟାନ୍ୟ ମୂଲ୍ୟବାନ୍ ଅଳଙ୍କାରର ମୂଲ୍ୟ ୫୯,୦୦୦ଟଙ୍କାରେ ମଧ୍ୟ ବିକ୍ରି ହେଉଛି ବୋଲି ରାଜ୍ୟର ପ୍ରମୁଖ ଗହଣା ବ୍ରାଣ୍ଡ ଖିମ୍‌ଜୀ, ଲାଲ୍‌ଚାନ୍ଦ, ଅରୁନ୍ଧତୀ, ତନିସ୍କ, ମାଲାବାର, ଜୟଆଲୁକ୍କାସ, କଲ୍ୟାଣ ଏବଂ ପି ସି ଚନ୍ଦ୍ରା ଜୁଏଲର୍ସ ଭଳି ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କ୍ରମାଗତ ୩ୟ ଦିନ ଲାଗି ମୂଲ୍ୟବାନ୍ ଅଳଙ୍କାର (ସୁନା, ରୁପା ହୀରା, ପ୍ଲାଟିନମ ଇତ୍ୟାଦି)ର ମୂଲ୍ୟ ହ୍ରାସ ହୋଇଛି। ଗୁରୁବାର ଭୁବନେଶ୍ୱରରେ ସୁନା ଦରରେ ପ୍ରାୟ ୨୦୦୦ ଟଙ୍କା ଏବଂ ରୁପା ମୂଲ୍ୟରେ ୫୦୦୦ ଟଙ୍କାରୁ ଅଧିକ ଏବଂ ପ୍ଲାଟିନମ ଓ ହୀରା ମୂଲ୍ୟରେ ମଧ୍ୟ ପରିବର୍ତ୍ତନ ଘଟିଛି। ସେହିପରି ଗୁରୁବାର ନୂଆଦିଲ୍ଲୀରେ ମଧ୍ୟ ମୂଲ୍ୟବାନ୍ ଅଳଙ୍କାର ମୂଲ୍ୟରେ ପରିବର୍ତ୍ତନ ଘଟିଛି। ଏପରିକି ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୮୦,୫୨୩ ଟଙ୍କା ଥିଲାବେଳେ ୨୨କ୍ୟାରେଟ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୭୩,୮୨୩ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ରୁପା କିଲୋଗ୍ରାମ ପିଛା ପ୍ରାୟ ୯୯,୧୦୦ଟଙ୍କା ଥିଲାବେଳେ ୧୮କ୍ୟାରେଟ ସୁନା ଦର, ପ୍ଲାଟିନମ ଓ ହୀରା ଭଳି ଅନ୍ୟାନ୍ୟ ମୂଲ୍ୟବାନ୍ ଅଳଙ୍କାରର ମୂଲ୍ୟ ୫୫,୦୦୦ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରି ହେଉଥିଲା। ଏପରିକି ଚେନ୍ନାଇ, ମୁମ୍ବାଇ ଏବଂ କୋଲକାତା ଭଳି ଦେଶର ପ୍ରମୁଖ ମହାନଗରରେ ୨୪ କ୍ୟାରେଟ ସୁନା ଦର ପ୍ରତି ୧୦ଗ୍ରାମ ପିଛା ୮୦,୩୭୧ଟଙ୍କା, ୮୦,୩୭୭ ଟଙ୍କା ଏବଂ ୮୦,୩୭୫ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ମହାନଗରରେ ରୁପା କେ.ଜି. ପିଛା ପ୍ରାୟ ୧,୦୭,୦୦୦ଟଙ୍କା, ୯୮,୪୦୦ଟଙ୍କା ଏବଂ ୯୯,୯୦୦ ଟଙ୍କାରେ ବିକ୍ରି ହେଉଛି।



# ବଦଳିଲା ବ୍ୟାଙ୍କ ଲକର୍ ଫି'

**ନୂଆଦିଲ୍ଲୀ,୮।୧୧:** ପରିଶ୍ରମରେ ରୋଜଗାର କରୁଥିବା ଟଙ୍କାକୁ ସୁରକ୍ଷିତ ରଖିବା ଲାଗି ବ୍ୟାଙ୍କ ପକ୍ଷରୁ ଆକାଉଣ୍ଟ ଖୋଲିବା ସୁବିଧା ପ୍ରଦାନ କରାଯାଇଥାଏ। ଟଙ୍କା ସହ ଆପଣ ବ୍ୟାଙ୍କରେ ନିଜର ଦାମୀ ସୁନା, ଜରୁରୀ କାଗଜପତ୍ର ଆଦି ମଧ୍ୟ ଜମା କରିପାରିବେ। ଏଥିଲାଗି ବ୍ୟାଙ୍କ ଆପଣଙ୍କୁ ଲକର୍ ସୁବିଧା ପ୍ରଦାନ କରିଥାଏ। ନିକଟରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ବ୍ୟାଙ୍କ ଲକ୍‌ର ଫିସ୍ ଏବଂ ସୁରକ୍ଷା ସମ୍ବନ୍ଧିତ ନିୟମରେ ଜରୁରୀ ପରିବର୍ତ୍ତନ କରାଯାଇଛି। ଏହା ଏସ୍‌ବିଆଇ, ପିଏନ୍‌ବି, ଆଇସିଆଇସିଆଇ ବ୍ୟାଙ୍କ ସମେତ ଦେଶର ଟପ୍ ବ୍ୟାଙ୍କ ଉପରେ ଲାଗୁ ହେବ। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଲକର (ପିଏନବି ଲକର ଫିସ): ଯଦି ଆପଣ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଗ୍ରାମାଞ୍ଚଳ ଶାଖାରେ ଏକ ଛୋଟ ଲକର କିଣନ୍ତି, ତେବେ ଆପଣଙ୍କୁ ଏଥିପାଇଁ ୧୨୫୦ ଟଙ୍କା ଦେବାକୁ ପଡ଼ିବ। ଯଦି ଆପଣ ମେଟ୍ରୋ ସହରରେ ଲକର କିଣନ୍ତି, ତେବେ ଆପଣଙ୍କୁ ଏକ ଛୋଟ ଲକର ପାଇଁ ୨୦୦୦ ଟଙ୍କା ଏବଂ ଏକ ବଡ ଲକର ପାଇଁ ୫୦୦୦-୧୦୦୦୦ ଟଙ୍କା ଦେବାକୁ ପଡିବ। ଏସ୍‌ବିଆଇ ବ୍ୟାଙ୍କ ଲକର(ଏସବିଆଇ ଲକର ଫି): ଯଦି ଆପଣ ଗ୍ରାମାଞ୍ଚଳର ଶାଖାରେ ଏକ ଛୋଟ ଲକର କିଣନ୍ତି, ତେବେ ଆପଣଙ୍କୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ଦେୟ ଦେବାକୁ ପଡିବ। ସେହି ସମୟରେ, ମେଟ୍ରୋ ସହରରେ ଅବସ୍ଥିତ ଶାଖାରେ ଏକ ବଡ଼ ଲକର ପାଇବାକୁ ହେଲେ ଆପଣଙ୍କୁ ୧୨୦୦୦ ଟଙ୍କା ପର୍ଯ୍ୟନ୍ତ ଦେୟ ଦେବାକୁ ପଡିବ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲକର (ଏଚ୍‌ଡିଏଫ୍‌ସି ଲକର ଚାର୍ଜ): ଯଦି ଆପଣ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଗ୍ରାମୀଣ ଶାଖାରେ ଏକ ଲକର କିଣନ୍ତି, ତେବେ ଆପଣଙ୍କୁ ୫୦୦-୩୦୦୦ ଟଙ୍କା ଶୁଳ୍କ ଦେବାକୁ ପଡିବ। ଆପଣଙ୍କୁ ସାଧାରଣ ସହରରେ ୧୫୦୦-୭୦୦୦ ଟଙ୍କା ଏବଂ ମେଟ୍ରୋ ସହରରେ ୧୩୫୦ରୁ ୧୦୦୦୦ ଟଙ୍କା ଦେବାକୁ ପଡିବ । ଆଇସିଆଇସିଆଇ ବ୍ୟାଙ୍କ ଲକର (ଆଇସିଆଇସିଆଇ ଲକର ଚାର୍ଜ): ଆଇସିଆଇସିଆଇର ଏକ ଗ୍ରାମୀଣ ଶାଖାରେ ଲକର ଖୋଲିବା ପାଇଁ ପ୍ରାରମ୍ଭିକ ଶୁଳ୍କ ୧୨୦୦ ଟଙ୍କା ହୋଇଥିବାବେଳେ ସହରଗୁଡ଼ିକରେ ଏକ ବଡ଼ ଲକର ଖୋଲିବା ପାଇଁ ଆପଣଙ୍କୁ ୨୨୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡିବ।

# ଟ୍ରଷ୍ଟକୁ ଦାନ କରିଦେଲେ ନିଜ ଘର ଓ ଜମି



**ନୂଆଦିଲ୍ଲୀ ୦୮।୧୧:** ଅନେକ ସମୟରେ ଶୁଣିବାକୁ ମିଳେ ଧନୀ ବ୍ୟକ୍ତି ଦାନ କରିଛନ୍ତି । ଏମିତିକି ଏମାନଙ୍କ ନାଁ ଖୁବ୍ ଚର୍ଚ୍ଚାରେ ରହିଥାଏ । କିନ୍ତୁ ବହୁତ କ୍ୱଚିତ୍ ଶୁଣିବାକୁ ମିଳେ କି କୌଣସି ଅବସରପ୍ରାପ୍ତ ଚାକିରୀଆ ନିଜର ସବୁକିଛି ଦାନ କରିବା । ଖାସ୍ କରି ଦେଶସେବାରେ ରହିଥିବା ବ୍ୟକ୍ତି। ଏବେ ଏପରି ଏକ ପୁଣ୍ୟକାମ କରିଛନ୍ତି ଜଣେ ଅବସରପ୍ରାପ୍ତ ସିବିଆଇ ଅଧିକାରୀ । ସେ ବିନା କୌଣସି ସ୍ୱାର୍ଥରେ ଏକ ଟ୍ରଷ୍ଟକୁ ଦାନ କରିଦେଇଛନ୍ତି ନିଜର ଘର ଓ ଜମି । ଏହି ବ୍ୟକ୍ତି ଜଣକ ହେଉଛନ୍ତି ଏନ ସୁରେନ୍ଦ୍ରନ । ସେ କେରଳର ବାସିନ୍ଦା । ସୁରେନ୍ଦ୍ରନ ଜଣେ ଅବସରପ୍ରାପ୍ତ ସିବିଆଇର ଅତିରିକ୍ତ ଏସପି । ସେ ପାଥନାପୁରମରେ ଥିବା ଗାନ୍ଧୀ ଭବନ ଟ୍ରଷ୍ଟକୁ ନିଜର ୪୭ ଏକର ଜମି, ପୁଥିଆ ଭେଦୁ ତାଙ୍କ ଘରକୁ ଅନୁଷ୍ଠାନକୁ ଦେଇଛନ୍ତି। ଦାନ କରିଥିବା ଜମିରେ ନୂଆ ଗାନ୍ଧୀ ଭବନ ବିଲ୍ଡିଂ ତିଆରି ହେବ। ତେବେ ଏହାକୁ ନେଇ ସୁରେନ୍ଦ୍ରନ କହିଛନ୍ତି କି ମଣିଷର ମୃତ୍ୟୁ ପରେ ସେ ସାଥୀରେ କିଛି ନେଇ ଯାଇନଥାଏ। ସମ୍ପତି ଟଙ୍କାର କଣ ବା ମୂଲ୍ୟ ? ତେଣୁ ସେ ଚାହାଁନ୍ତି ତାଙ୍କ ପରେ ଏ ସମ୍ପତି ଲୋକଙ୍କ ହିତରେ ଆସୁ । ଗାନ୍ଧୀ ଭବନ ସହ ସୁରେନ୍ଦ୍ରନଙ୍କର ୧୦ ବର୍ଷର ସମ୍ପର୍କ । ସିବିଆଇରେ ଯୋଗ ଦେବା ପୂର୍ବରୁ ସୁରେନ୍ଦ୍ରନ ଗାନ୍ଧୀ ଭବନ ସେକ୍ରେଟେରୀଙ୍କୁ ଭେଟିଥିଲେ ।

# ମହଙ୍ଗା ହୋଇଛି ଘର ରନ୍ଧା ଖାଦ୍ୟ

**ନୂଆଦିଲ୍ଲୀ,୮।୧୧:** ଦିନକୁ ଦିନ ବଜାରରେ ପ୍ରତ୍ୟେକ ଜିନିଷ ମହାଙ୍ଗା ହୋଇ ଚାଲିଛି। ଖୁଚୁରା ମୁଦ୍ରାସ୍ଫୀତି ୪ ପ୍ରତିଶତକୁ ଖସି ଆସିବା ସତ୍ତ୍ୱେ ଖାଦ୍ୟ ମୁଦ୍ରାସ୍ଫୀତି ଅଧିକ ରହିଛି। ଏହା ଏକ ରିପୋର୍ଟ ଦ୍ୱାରା ମଧ୍ୟ ପ୍ରମାଣିତ ହୋଇଛି ଯେଉଁଥିରେ କୁହାଯାଇଛି ଯେ ବର୍ତ୍ତମାନ ଘରେ ରନ୍ଧା ଖାଦ୍ୟ ମଧ୍ୟ ଲୋକଙ୍କ ପାଇଁ ମହଙ୍ଗା ହୋଇଛି। ଆଳୁ, ପିଆଜ ଏବଂ ଟମାଟୋ ପରି ସାଧାରଣ ପନିପରିବାର ମୂଲ୍ୟ ଏତେ ବୃଦ୍ଧି ପାଇଛି ଯେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ସେପ୍ଟେମ୍ବରରେ ଲୋକଙ୍କ ଘର ଶାକାହାରୀ ବା ଭେଜ୍ ଥାଳି ୧୧ ପ୍ରତିଶତ ମହଙ୍ଗା ହୋଇଛି। ରେଟିଂ ଏଜେନ୍ସି ସିଆରଆଇଏସଏଲର ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବର ୨୦୨୩ରେ ଏକ ପ୍ଲେଟର ଶାକାହାରୀ ଖାଦ୍ୟର ହାରାହାରି ମୂଲ୍ୟ ୨୮.୧ ଟଙ୍କା ଥିଲା। କିନ୍ତୁ ଚଳିତ ବର୍ଷ ସେପ୍ଟେମ୍ବରରେ ଏହା ୩୧.୩ ଟଙ୍କାକୁ ବୃଦ୍ଧି ପାଇଛି। ଅଗଷ୍ଟରେ ଏହାର ହାରାହାରି ମୂଲ୍ୟ ୩୧.୨ ଟଙ୍କା ଥିଲା। ଏହିପରି, ସାଧାରଣ ଲୋକଙ୍କ ପାଇଁ



ଖାଦ୍ୟ ଏକ ବର୍ଷରେ ୧୧ ପ୍ରତିଶତ ମହଙ୍ଗା ହୋଇଛି। ସିଆରଆଇଏସଏଲ 'ରୁଟି, ଚାଉଳ, ମୂଲ୍ୟ' ନାମକ ଏକ ରିପୋର୍ଟ ପ୍ରକାଶ କରିଛି। ଏଥିରେ ପନିପରିବା ଦର ବୃଦ୍ଧିରେ ଥାଳି ମହଙ୍ଗା ହେବାର ସବୁଠାରୁ ବଡ କାରଣ ବୋଲି ଦର୍ଶାଯାଇଛି। ସାଧାରଣ ଭେଜ୍ ଥାଳିର ମୂଲ୍ୟର ୩୭ ପ୍ରତିଶତ କେବଳ ପନିପରିବା ମୂଲ୍ୟରେ ଯାଉଛି। ଏହା ବ୍ୟତୀତ ଗତ ଏକ ବର୍ଷ ମଧ୍ୟରେ ଅଟା, ଚାଉଳ, ଡାଲି ଏବଂ ତେଲର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବରରେ ପିଆଜ, ଆଳୁ ଏବଂ ଟମାଟୋର ମୂଲ୍ୟ ବୃଦ୍ଧି ପାଇଛି। ପିଆଜର ମୂଲ୍ୟ ୫୩ ପ୍ରତିଶତ, ଆଳୁର ମୂଲ୍ୟ ୫୦ ପ୍ରତିଶତ ଏବଂ ଟମାଟୋର ମୂଲ୍ୟ ୧୮ ପ୍ରତିଶତ ବୃଦ୍ଧି ପାଇଛି। ଏହାର କାରଣ ହେଉଛି ପିଆଜ ଏବଂ ଆଳୁ ଚାଷ କମ ହେବା ପ୍ରବଳ ବର୍ଷା ଯୋଗୁଁ ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରରେ ଟମାଟୋ ଉତ୍ପାଦନରେ ପ୍ରଭାବିତ ହୋଇଛି। ଉତ୍ପାଦନରେ ହ୍ରାସ ହେତୁ ଡାଲିର ମୂଲ୍ୟ ଗତ ବର୍ଷ ତୁଳନାରେ ୧୪ ପ୍ରତିଶତ ବୃଦ୍ଧି ପାଇଛି। ବର୍ଷ ଆରମ୍ଭରେ ମୂଲ୍ୟ ହ୍ରାସ ହେତୁ ଇନ୍ଧନ ମୂଲ୍ୟ ୧୧ ପ୍ରତିଶତ ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ମାଂସାହାରୀ ବା ନନ୍ ଭେଜ୍ ଖାଦ୍ୟର ଏକ ପ୍ଲେଟ୍ ଶସ୍ତା ହୋଇଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ନନ୍ ଭେଜ୍ ଥାଳିର ହାରାହାରି ମୂଲ୍ୟ ୨ ପ୍ରତିଶତ ହ୍ରାସ ହୋଇ ୫୯.୩ ଟଙ୍କା ହୋଇଛି। ଏଥି ସହିତ, ବ୍ରଏଲର କୁକୁଡାର ମୂଲ୍ୟ ୧୩ ପ୍ରତିଶତ ହ୍ରାସ ପାଇଛି। ଯାହା ଏହି ଥାଳିରେ ୫୦ ପ୍ରତିଶତ ଯୋଗଦାନ ଦେଇଥାଏ।

# ଟିପିସିଓଡିଏଲ୍ ପକ୍ଷରୁ ଗୁଣବତ୍ତା ମାସ ଆରମ୍ଭ

**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଦ'ଗୁଣବତ୍ତା ମାସ' ଆରମ୍ଭ ହୋଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ଟିପିସିଓଡିଏଲ୍‌ର ସିଇଓ ତଥା ଟୋଟାଲ କ୍ୱାଲିଟି ମ୍ୟାନେଜମେଣ୍ଟ (ଟିକ୍ୟୁଏମ୍) କୋର କମିଟିର ଅଧ୍ୟକ୍ଷ ଅରଭିନ୍ଦ୍ ସିଂହଙ୍କ ସମେତ ବରିଷ୍ଠ ନେତୃତ୍ୱ ଦଳ ଏବଂ ଟିକ୍ୟୁଏମ୍ କୋର କମିଟି ସଦସ୍ୟମାନେ ନେତୃତ୍ୱ ନେଇଥିଲେ। ଚଳିତ ବର୍ଷର ବିଷୟବସ୍ତୁ, ଦ'ଗୁଣବତ୍ତା: ଅନୁପାଳନରୁ ପ୍ରଦର୍ଶନ ପର୍ଯ୍ୟନ୍ତ' ଗ୍ରାହକଙ୍କ ଆଶା ଅନୁରୂପ ଉଚ୍ଚ କାର୍ଯ୍ୟଦକ୍ଷତା ମାନଦଣ୍ଡ ହାସଲ କରିବା ପାଇଁ ସଂସ୍ଥାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ ତାଙ୍କ ଅଭିଭାଷଣରେ 'ପ୍ରଥମ ଥର ଅଧିକାରଦ' ଏବଂ 'ଖରାପ ଗୁଣବତ୍ତା ର ପ୍ରଭାବଦ' ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ଉଚ୍ଚ ସେବାମାନ ବଜାୟ ରଖିବା ପାଇଁ ଏହାକୁ ଅତ୍ୟାବଶ୍ୟକ ସ୍ତମ୍ଭ ଭାବରେ ଦର୍ଶାଇଥିଲେ। ଦ'ଗୁଣବତ୍ତା ଏକ କାର୍ଯ୍ୟ ନୁହେଁ ବରଂ ଏହା ଏକ ଅଭ୍ୟାସ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟର ସମସ୍ତ ଦିଗରେ ଗୁଣବତ୍ତାର ସଂସ୍କୃତି ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଟିକ୍ୟୁଏମ୍ ଫ୍ରେମୱାର୍କ ମାଧ୍ୟମରେ ଉନ୍ନତି ପାଇଁ ସୁଯୋଗ ଚିହ୍ନଟ କରିବା ସହିତ ନିୟାମକ ଏବଂ ପରିଚାଳନା ମାନଦଣ୍ଡ ପାଳନର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ବରିଷ୍ଠ ଲିଡରମାନେ ପ୍ରତ୍ୟେକ ସ୍ତରରେ କ୍ୱାଲିଟି ସର୍କଲର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ସମଗ୍ର ସଂଗଠନରେ ଟିକ୍ୟୁଏମ୍ ନୀତି ପ୍ରତି ସାମୂହିକ ପ୍ରତିବଦ୍ଧତା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ, ଦ'ନିୟମିତ ପରିଚାଳନା' ନାମକ ଟିକ୍ୟୁଏମ୍ ୱାର୍କବୁକ୍ ର ପ୍ରଥମ ସଂସ୍କରଣ ଉନ୍ମୋଚନ କରାଯାଇଥିଲା ଯାହା ନିରନ୍ତର ଓ ଉଚ୍ଚମାନର ଦୈନିକ ପରିଚାଳନା ଅଭ୍ୟାସ ପାଇଁ ଗଠନମୂଳକ ପଦ୍ଧତି ପ୍ରଦାନ କରିଥିଲା। ଗୁଣାତ୍ମକ ଅଭିଯାନକୁ ଆଗେଇ ନେବାରେ ସମସ୍ତ ଅଂଶୀଦାରଙ୍କ ଅମୂଲ୍ୟ ଅବଦାନକୁ ପାଳନ କରି ମାସ ସାରା କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଗୁଣବତ୍ତା ମାସ ମାଧ୍ୟମରେ ଟିପିସିଓଡିଏଲ୍ ଏହାର ସମଗ୍ର କର୍ମଚାରୀଙ୍କ ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ବିଶ୍ୱସନୀୟ ଶକ୍ତି ପ୍ରଦାନ ଏବଂ କ୍ରମାଗତ ଭାବରେ ସେବା ମାନ ବୃଦ୍ଧି କରିବା ପାଇଁ ଏହାର ସମର୍ପଣକୁ ଦୋହରାଇଛି।

# ଶିବ ନାଦାର ଶ୍ରେଷ୍ଠ ଦାନୀ



**ନୂଆଦିଲ୍ଲୀ,୮।୧୧:** ଏଚ୍‌ସିଏଲ୍‌ର ସହ-ପ୍ରତିଷ୍ଠାତା ଶିବ ନାଦାର ଦେଶର ସବୁଠୁ ବଡ଼ ଦାନବୀର। ଶିବ ଏବଂ ତାଙ୍କ ପରିବାର ଗତବର୍ଷ ଅର୍ଥାତ୍ ୨୦୨୩-୨୪ ଆର୍ଥିକବର୍ଷରେ ୨,୧୫୩ କୋଟି ଟଙ୍କା ଦାନ କରିଛନ୍ତି । ଅର୍ଥାତ୍ ଦୈନିକ ୫.୯୦ କୋଟି ଟଙ୍କା ଦାନ କରିଛନ୍ତି ନାଦାର ପରିବାର। ଏଡେଲ୍‌ଗିଭ୍ ହୁରୁନ୍ ଇଣ୍ଡିଆ ପରୋପକାରୀ ତାଲିକା-୨୦୨୪ରେ ଏହା ଉଲ୍ଲେଖ କରାଯାଇଛି । ଗୁରୁବାର ଜାରି ଏହି ତାଲିକାରେ ଶୀର୍ଷ ସ୍ଥାନରେ ଅଛନ୍ତି ନାଦାର ପରିବାର । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନି ଏବଂ ତାଙ୍କ ପରିବାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ୨୦୨୩-୨୪ ଆର୍ଥିକବର୍ଷରେ ମୁକେଶ ଅମ୍ବାନି ଏବଂ ପରିବାର ୪୦୭ କୋଟି ଟଙ୍କା ଦାନ କରିଛନ୍ତି। ବଜାଜ ପରିବାର ୩୫୨ କୋଟି ଟଙ୍କା ଦାନ କରି ତାଲିକାରେ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହା ୨୦୨୨-୨୩ ତୁଳନାରେ ୩୩% ଅଧିକ । ଦାନବୀର ତାଲିକାରେ ଶ୍ରେଷ୍ଠ ୧୦ ଜଣ ବ୍ୟକ୍ତି ୪,୬୨୫ କୋଟି ଟଙ୍କା ଦାନ କରିଛନ୍ତି, ଯାହା ତାଲିକାରେ ଥିବା ମୋଟ ଦାନରାଶିର ପ୍ରାୟ ୫୩% । ତାଲିକାରେ କୃଷ୍ଣା ଚିବୁକୁଲା ସପ୍ତମ ସ୍ଥାନରେ ଥିବାବେଳେ ସୁଶ୍ମିତା ଏବଂ ସୁବ୍ରତୋ ବାଗ୍‌ଚୀ ନବମ ସ୍ଥାନ ହାସଲ କରିଛନ୍ତି । ଟପ୍ ୧୦ରୁ ୬ ଜଣ ଦାନବୀର ନିଜର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ(ସିଏସ୍‌ଆର୍) ଅଧୀନରେ ଶିକ୍ଷାରେ ଅଧିକ ଟଙ୍କା ଦାନ କରିଛନ୍ତି । ତାଲିକାରେ ଏସିଆନ୍ ପେଣ୍ଟ୍ସ ସହ ଜଡ଼ିତ ୩୫ ବର୍ଷୀୟ ବିବେକ ବକିଲ ସର୍ବକନିଷ୍ଠ ଦାନବୀର ରହିଛନ୍ତି । ସେ ୮ କୋଟି ଟଙ୍କା ଦାନ କରିଛନ୍ତି । ସେହିଭଳି ୨୦୨୩ରେ ସର୍ବକନିଷ୍ଠ ଦାନବୀର ରହିଥିବା ଜେରୋଧାର ସହ-ପ୍ରତିଷ୍ଠାତା ନିଖିଲ କାମାଥ(୩୮) ଏ ବର୍ଷ ତୃତୀୟ ସ୍ଥାନକୁ ଖସିଆସିଛନ୍ତି ।

# ଏନ୍‌ପିସିଆଇ ପକ୍ଷରୁ ସୁରକ୍ଷା ସଚେତନତା ଅଭିଯାନ

**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ଡିଜିଟାଲ୍ ପେମେଂଟ୍ ସେବାର ସୁରକ୍ଷିତ ବ୍ୟବହାର ଓ ଠକେଇ ରୋକିବା ନେଇ ସଚେତନତା ସୃଷ୍ଟି କରିବା ପାଇଁ ନ୍ୟାସନାଲ୍ ପେମେଂଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ୟୁପିଆଇ ସୁରକ୍ଷା ସଚେତନତା ଅଭିଯାନ "ମେ ମୁର୍ଖ ନେହିଁ ହୁଁର ଶୁଭାରମ୍ଭ କରାଯାଇଛି। ଓଗିଲ୍ଭି ପକ୍ଷରୁ ପରିକଳ୍ପନା କରାଯାଇଥିବା ଏହି ଅଭିଯାନରେ ସାଧାରଣ ବିପଦ ଓ ଠକମାନଙ୍କଠାରୁ ରହିଥିବା ବିପଦ ଉପରେ ନାଗରିକଙ୍କୁ ସଶକ୍ତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଯଦିଓ ୟୁପିଆଇ ଅତ୍ୟନ୍ତ ସୁରକ୍ଷିତ, କିନ୍ତୁ କିଛି ଠକେଇ କାର୍ଯ୍ୟକଳାପ ପାଇଁ ବ୍ୟବହାରକାରୀମାନେ ନିଜକୁ ସମ୍ବେଦନଶୀଳ ମନେ କରୁଛନ୍ତି। ଏହି ଅଭିଯାନ ବ୍ୟବହାରକାରୀମାନଙ୍କ ମନରେ ୟୁପିଆଇର ସୁରକ୍ଷା ଓ ଦୃଢ଼ତାକୁ ନେଇ ବିଶ୍ୱାସ ଜାଗ୍ରତ କରିବ ଯାହା ସେମାନଙ୍କୁ ସୁରକ୍ଷିତ ଭାବେ ଡିଜିଟାଲ୍ କାରବାର କରିବାର ଦକ୍ଷତା ପ୍ରଦାନ କରିବ ଏବଂ ନିଜକୁ ସୁରକ୍ଷିତ ରଖିବା ଲାଗି ଉତ୍ସାହିତ କରିବ। ଏହି ଅଭିଯାନରେ ବଲିଉଡ୍ର ଲୋକପ୍ରିୟ ଅଭିନେତା ପଙ୍କଜ ତ୍ରିପାଠୀଙ୍କୁ ନେଇ ଛଅଟି ବିଜ୍ଞାପନ ସିନେମା ପ୍ରସ୍ତୁତ କରାଯାଇଛି। ସେହି ସିନେମାଗୁଡ଼ିକରେ ଠକମାନେ ବ୍ୟବହାର କରୁଥିବା ସାଧାରଣ ଉପାୟ ଓ ସେମାନଙ୍କୁ ପ୍ରତିହତ କରିବାର ଉପାୟ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ସିନେମାଗୁଡ଼ିକୁ ୧୧ଟି ଭାରତୀୟ ଭାଷାରେ ପ୍ରସ୍ତୁତ କରାଯାଇଛି ଯାହା ଫଳରେ ସେଗୁଡ଼ିକ ବ୍ୟାପକ ଲୋକମାନଙ୍କ ପାଖରେ ପହଂଚିପାରିବ ଏବଂ ସାରା ଦେଶରେ ସଚେତନତା ସୃଷ୍ଟି କରିପାରିବ। ଏସ୍‌ଏମ୍‌ଏସ୍ ଫିସିଂ, ସହଜ ଅନଲାଇନ୍ ସ୍କିମ୍ ଉପରେ ସିନେମାରେ ଆଲୋକପାତ କରାଯାଇଛି। ଲୋକମାନଙ୍କ ଦୟାଳୁଭାବ ଓ ଦୁର୍ବଳତାକୁ କିଭଳି ଠକମାନେ ବ୍ୟବହାର କରନ୍ତି ତାହା ଏଥିରେ ମନେ ପକାଇ ଦିଆଯାଇଛି। ଦୁଇଟି ସିନେମା ମୁଙ୍ଗଫଲିୱାଲା ଓ ପାନବାଲା ଭୂମିକାରେ ପଙ୍କଜ ତ୍ରିପାଠୀଙ୍କୁ ଦେଖିବାକୁ ମିଳିଛି। ଏନପିସିଆଇର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ଶ୍ରୀ ଦିଲ୍ଲୀପ ଆସ୍ବେ କହିଛନ୍ତି ଯେ, "ଭାରତ ଏକ ଡିଜିଟାଲ୍-ପ୍ରଥମ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଡିଜିଟାଲ ଠକେଇକୁ ରୋକିବାରେ ନାଗରିକମାନଙ୍କୁ ସଶକ୍ତ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ପ୍ରଭାବଶାଳୀ ଓ ପରିଚିତ କାହାଣୀ ଜରିଆରେ ଆମେ ଡିଜିଟାଲ୍ ସାର୍ବଜନୀନ ଉତମ ଅଭିଯାନ ଉପରେ ବିଶ୍ୱାସ କରୁଛୁ ଯାହା ଗ୍ରାହକମାନଙ୍କୁ ସଶକ୍ତ କରିବ ଓ ଅନଲାଇନ୍ ଠକେଇକୁ ଚିହ୍ନଟ କରିବା ଓ ତାହା ବିରୋଧରେ ଲଢ଼େଇ କରିବା ଲାଗି ଜ୍ଞାନ ଓ ଦକ୍ଷତା ପ୍ରଦାନ କରି ବ୍ୟବହାରକାରୀମାନଙ୍କୁ ସଶକ୍ତ କରିବା। ଡିଜିଟାଲ୍ ପେମେଂଟ୍ ସେବାରେ ବିଶ୍ୱାସ ଗଠନ କରିବା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ବଢ଼ାଇବା




ଲାଗି ବ୍ୟବହାରକାରୀ ସଚେତନତା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।" ଓଗିଲ୍ଭି ଇଣ୍ଡିଆର ମୁଖ୍ୟ ଉପଦେଷ୍ଟା ଶ୍ରୀ ପୀଯୂଷ ପାଣ୍ଡେ କହିଛନ୍ତି ଯେ, "ସାଧାରଣ ଜ୍ଞାନ ଥିବା ସାଧାରଣ ମଣିଷକୁ ଏହି ଅଭିଯାନ ମାନ୍ୟତା ଦେଉଥିବା ବେଳେ ସଲାମ କରୁଛି। ଚୋର ଓ ଠକଙ୍କ ଶିକାରରୁ ନିଜକୁ ରୋକିବା ଲାଗି ଯଥେଷ୍ଟ ସାଧାରଣ ଜ୍ଞାନ ଆବଶ୍ୟକ। ଜଣେ ସାଧାରଣ ମଣିଷ ପ୍ରେରଣା ଭାବେ ପରିଣତ ହୁଅନ୍ତି ଯେତେବେଳେ ତାଙ୍କ ବିଶ୍ୱାସ ଆମ ତୁମ ଭଳି ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ବୁଦ୍ଧିମାନ କରିଥାଏ ଏବଂ ଠକେଇର ଶିକାର ହେବା ଭଳି ମଣିଷ କରେ ନାହିଁ। ସେଥିପାଇଁ ଏହି ଅଭିଯାନର ଟ୍ୟାଗଲାଇନ୍ ହେଉଛି "ମେଁ ମୁର୍ଖ ନେହି ହୁଁ। ଗ୍ରାହକମାନଙ୍କୁ ସଚେତନ କରିବା ଓ ଅନଲାଇନ୍ କାରବାରକୁ ରୋକିବା ଲାଗି ଏହି ଅଭିଯାନକୁ ଟିଭି, ପ୍ରିଂଟ୍, ରେଡିଓ, ଓଟିଟି, ସିନେମା, ଡିଜିଟାଲ୍ ଓ ସୋସିଆଲ୍ ମିଡିଆରେ ପ୍ରସାର କରାଯିବ ଯାହା ଫଳରେ ଡିଜିଟାଲ୍ ପେମେଂଟ୍ ଉପରେ ବିଶ୍ୱାସ ବଢ଼ିବ।

# ଡିସେମ୍ବରରୁ ସ୍କୋଡା କାଏଲାକ୍ ପାଇଁ ବୁକିଂ

**ନୂଆଦିଲ୍ଲୀ,୮।୧୧:** ଚେକ୍ ରିପବ୍ଲିକର ଅଟୋମୋବାଇଲ୍ ନିର୍ମାତା କମ୍ପାନୀ ସ୍କୋଡା ଭାରତୀୟ ବଜାରରେ ଅନେକ ଉତ୍କୃଷ୍ଟ କାର୍ ଏବଂ ଏସୟୁଭି ପ୍ରଦାନ କରେ। କମ୍ପାନୀ ୬ ନଭେମ୍ବର ୨୦୨୪ ରେ ଏକ ନୂତନ ଏସୟୁଭି ଭାବରେ ସ୍କୋଡା କାଏଲାକ୍ ଲଞ୍ଚ କରିଛି। ତେବେ ଆସନ୍ତୁ ଏହାର ଫିଚର୍ସ ଏବଂ ଦାମ୍ ବିଷୟରେ ଜାଣିବା। ସ୍କୋଡା କାଏଲାକ୍ ଭାରତରେ ଏକ ନୂତନ କମ୍ପାକ୍ଟ ଏସୟୁଭି ଭାବରେ ସ୍କୋଡା ଦ୍ୱାରା ଲଞ୍ଚ କରାଯାଇଛି। କମ୍ପାନୀ ଏହାକୁ ଅନେକ ମହତ୍ତ୍ୱପୂର୍ଣ୍ଣ ସେଫ୍ଟି ଫିଚର୍ସ ସହିତ ପରିଚିତ କରିଛି। ଏହାର ଏକ ଶକ୍ତିଶାଳୀ ଇଞ୍ଜିନ୍ ମଧ୍ୟ ଅଛି।

ସ୍କୋଡା କାଏଲାକ୍ରେ ଏକ ସାଇନି ବ୍ଲାକ୍ ଫ୍ରଣ୍ଟ ଗ୍ରିଲ୍, ୧୭ ଇଞ୍ଚର ଆଲଏ ହ୍ୱିଲ୍, ଏଲଇଡି ହେଡଲାଇଟ୍, ଏଲଇଡି ଡିଆରଏଲ, ଏଲଇଡି ଟେଲ ଲାଇଟ୍, ଡ୍ରାଇଭର ଏବଂ କୋ-ଡ୍ରାଇଭର ପାଇଁ ୬ ୱେ ଇଲେକ୍ଟ୍ରିକାଲ୍ ଆଡଜଷ୍ଟେବଲ୍ ସିଟ୍, ଫ୍ରଣ୍ଟ ଭେଣ୍ଟିଲେଟେଡ୍ ସିଟ୍, ସିଙ୍ଗଲ୍ ପେନ୍ ଇଲେକ୍ଟ୍ରିକ୍ ସନ୍ ରୁଫ୍, ୨୦.୩୨ ସେ.ମି. ଡିଜିଟାଲ୍ ଇନଷ୍ଟରୁମେଣ୍ଟ କ୍ଲଷ୍ଟର, ୱାୟରଲେସ ଚାର୍ଜିଂ, ୨୫. ୬ ସେମି ଇନଫୋଟେନ୍ମେଣ୍ଟ ସିଷ୍ଟମ୍, ଟ୍ରଙ୍କରେ ତିନି କିଲୋଗ୍ରାମ କ୍ଷମତା ହୁକ୍ ଭଳି ଅନେକ ଦମଦାର ଫିଚର୍ସ ପ୍ରଦାନ କରାଯାଇଛି। ସ୍କୋଡା କାଏଲାକ୍ ଏୟୁଭିରେ ସୁରକ୍ଷା ପ୍ରତି ମଧ୍ୟ ବହୁତ ଧ୍ୟାନ ଦିଆଯାଇଛି। ୨୫ ରୁ ଅଧିକ ଆକ୍ଟିଭ ଏବଂ ପାସିଭ୍ ସେଫ୍ଟି ଫିଚର୍ସ ଗୁଡିକ ଏସୟୁଭିରେ ଷ୍ଟାଣ୍ଡାର୍ଡ ଭାବରେ ପ୍ରଦାନ କରାଯାଇଛି। ଯେଉଁଥିରେ ୬ ଟି ଏୟାରବ୍ୟାଗ,



ବ୍ରେକ୍ ଡିସ୍କ ୱାଇପିଂ, ଇଏସସି, ଟ୍ରାକ୍ସନ୍ କଣ୍ଟ୍ରୋଲ୍ ସିଷ୍ଟମ୍, ଇଲେକ୍ଟ୍ରୋନିକ୍ ଡିଫରିଏଲ୍ ଲକ୍, ମଲ୍ଟି କୋଲିଜନ୍ ବ୍ରେକ୍ ଭଳି ଫିଚର୍ସ ସାମିଲ ଅଛି।

ସ୍କୋଡା କାଏଲାକ୍ ଏସୟୁଭିରେ ଏକ ଲିଟର କ୍ଷମତା ବିଶିଷ୍ଟ ଟିଏସଆଇ ଇଞ୍ଜିନ୍ ଅଛି। ଯେଉଁଥିପାଇଁ ଏହା ୮୫ କିଲୋୱାଟର ପାୱାର ଏବଂ ୧୭୮ ନ୍ୟୁଟନ୍ ମିଟରର ଟର୍କ ମିଳିଥାଏ। ଏଥିରେ ୬ ସ୍ପିଡ୍ ମାନୁଆଲ୍ ଏବଂ ଡିସିଟି ଟ୍ରାନ୍ସମିସନ୍ ର ଅପ୍ସନ ଅଛି।

ସ୍କୋଡା କାଏଲାକ୍ କେବଳ ବେସ୍ ଭାରିଆଣ୍ଟର ମୂଲ୍ୟ କମ୍ପାନୀ ଦ୍ୱାରା ସାର୍ବଜନୀନ କରାଯାଇଛି। ଏହି କାର ଏକ୍ସ-ସୋରୁମ୍ ମୂଲ୍ୟରେ ୭. ୮୯ ଲକ୍ଷ ଟଙ୍କା ମୂଲ୍ୟରେ ଏହା ପ୍ରଦାନ କରାଯାଇଛି। ଏହାର ଅନ୍ୟାନ୍ୟ ଭରିଆଣ୍ଟର ମୂଲ୍ୟ ଖୁବ ଶୀଘ୍ର ଡିସେମ୍ବରରେ ଘୋଷଣା କରାଯିବ।

ସ୍କୋଡା ଦେଇଥିବା ସୂଚନା ଅନୁଯାୟୀ, ଡିସେମ୍ବର ୨, ୨୦୨୪ ରୁ ଏସୟୁଭି ପାଇଁ ବୁକିଂ ଆରମ୍ଭ ହେବ। ଏଥିପାଇଁ ବୁକିଂ ଅନଲାଇନ୍ ଏବଂ ଅଫଲାଇନ୍ ମୋଡ୍ ଶୋ'ରୁମ୍ ମାଧ୍ୟମରେ କରାଯାଇପାରିବ। ଏହା ବ୍ୟତୀତ, ଜାନୁୟାରୀ ୨୭, ୨୦୨୫ ରୁ ଏସୟୁଭି ର ଡେଲିଭରି ଆରମ୍ଭ ହେବ। ଜାନୁଆରୀରେ ଅନୁଷ୍ଠିତ ହେବାକୁ ଥିବା ଏହି ଏସୟୁଭି ଶୋ'କେସ୍ କରାଯିବ।

# ହିରୋ ମୋଟୋକର୍ପର ନୂତନ ବାଇକ୍ ଓ ଇଲେକ୍ଟ୍ରିକ୍ ସ୍କୁଟରର ଅନାବରଣ

**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ଅନ୍ୟତମ ଅଗ୍ରଣୀ ମୋଟରସାଇକେଲ ଏବଂ ସ୍କୁଟର ନିର୍ମାତା ହିରୋ ମୋଟୋକର୍ପ ଇଆଇସିଏମ୍‌ଏ ୨୦୨୪ରେ ବିଭିନ୍ନ ବର୍ଗର ଆକର୍ଷଣୀୟ ଉଚ୍ଚ ଭରସାଯୋଗ୍ୟ ନୂତନ ମୋଟର୍‌ସାଇକେଲ ଏବଂ ଏକ ଇଲେକ୍ଟ୍ରିକ୍ ସ୍କୁଟରର ଅନାବରଣ କରିଛି। ୨୦୨୪ ଦ୍ୱିତୀୟାର୍ଦ୍ଧରେ କମ୍ପାନି ୟୁରୋପ ଏବଂ ୟୁକେର ଏହାର ବିବିଧ ଯୋଜନାର ଘୋଷଣା କରିଛି। 'ବି ଦ ଫ୍ୟୁଚର୍ ଅଫ୍ ମୋବିଲିଟି' ଏଭଳି ଏକ ଦୂରଦୃଷ୍ଟି ସହିତ ଏକାଠି ହୋଇ ହିରୋ ମୋଟୋକର୍ପ ଏହାର ପ୍ରିମିୟମ ଦୂରତାର ନୂତନ ପ୍ରସ୍ତାବିତ ଇଣ୍ଟରନାଲ କମ୍‌ବସନ ଇଞ୍ଜିନ (ଆଇସିଇ) ତଥା ପୁରସ୍କାର ବିଜେତା ଇଲେକ୍ଟ୍ରିକ ଯାନ, ସର୍ଜ ଏସ୍‌୩୨, ଏଫ୍‌ଆଇଏମ ବିଶ୍ୱ ଚାମ୍ପିୟନସିପ୍ ବିଜେତା ରୋମାଂଚକର ମେସିନ ହିରୋ ୪୫୦ ର୍‌ୟାଲି ତଥା ପଥ ବିସ୍ଫୋରକ ଇଲେକ୍ଟ୍ରିକ ପ୍ରସଙ୍ଗକୁ ଏଠାରେ ପ୍ରଦର୍ଶିତ କରିଛି। ବିଶେଷତ୍ୱକାରୀ ଜୟଯାତ୍ରାକୁ ଆହୁରି ଆଗକୁ ବଢ଼ାଇ ତଥା ଏହାର ଉତ୍ପାଦ ପୋର୍ଟଫୋଲିଓର ନୂଆ ବିଭାଗକୁ ଅଧିକ ପ୍ରସାରିତ କରି ହିରୋ ମୋଟୋକର୍ପ ୩ଟି ନୂତନ ମୋଟରସାଇକେଲର ଅନାବରଣ କରିଛି ଯଥା- ଏକ୍ସପଲ୍‌ସ୨୧୦, ଦି ଏକ୍ସଟ୍ରିମ୍‌୨୫୦ଆର୍ ଏବଂ କରିଜ୍ମା ଏକ୍ସଏମ୍‌ଆର୨୫୦।



ସଂଚାର THE SANCHAR

# ଶିଶୁ ମହୋତ୍ସବ ଉତ୍ସାହ ଓ ମହକ ଆୟୋଜିତ




**ସୁବର୍ଣ୍ଣପୁର,୮।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସୁବର୍ଣ୍ଣପୁର ଦ୍ୱାରା ଆୟୋଜିତ ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କୁ ନେଇ ଜିଲ୍ଲା ସ୍ତରୀୟ ମହୋତ୍ସବ ଓ ମହକ କାର୍ଯ୍ୟକ୍ରମ ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ହୋଇଯାଇଛି। ଏହା ଦୁଇ ଦିନ ଧରି କାର୍ଯ୍ୟକ୍ରମ ଚାଲିଥିଲା । ପ୍ରଥମ ଦିବସରେ ପିଲାମାନଙ୍କର ଖେଳ କୁଦ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନ ଗୀତ,ନାଚ,ଆଜି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉତ୍ସବ ରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଅନୁପମା ପଣ୍ଡା,ଜିଲ୍ଲା ସଂସ୍କୃତି ଅଧିକାରିଣୀ ଯମୁନା ପଧାନ କିଶୋର ନ୍ୟାୟ ବୋର୍ଡ ସଦସ୍ୟ ରଞ୍ଜିତା ସାହୁ ପ୍ରମୁଖ ଯୋଗ ଦେଇ ଶିଶୁ ମାନଙ୍କ ପ୍ରତିଭା ବିକାଶ ନିମନ୍ତେ ଉତ୍ସାହିତ କରିଥିଲେ । ବିଜୟ ବିଶ୍ୱାଳ, ମଞ୍ଚ ପରିଚାଳନା କରିଥିବା ବେଳେ କେଶବ ଚନ୍ଦ୍ର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସେହିପରି ଉଦଯାପନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଅନ୍ୟା ଦାସ ଯୋଗଦେଇ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ତମ ସମ୍ମାନିତ ଅତିଥି ଭାବରେ ଉପ ଜିଲ୍ଲାପାଳ ସୌମ୍ୟରୁପା ରଥ, ଡିଏସପି ଏଚ୍ଆରପିସି ପ୍ରତାପ ରଣା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ, ବରିଷ୍ଠ ଶିକ୍ଷକ ଗିରିଶ ତ୍ରିପାଠୀ ଯୋଗ ଦେଇ ଶିଶୁ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସିସି ବ୍ରତାନନ୍ଦ ଭୋଇ ପରିଚାଳନା କରିଥିବା ବେଳେ ଶିଶୁ ଯତ୍ନ ଅନୁଷ୍ଠାନ ଅଧିକାରୀ ବିଜୟ ବିଶ୍ୱାଳ ଧନ୍ୟ ବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟ କ୍ରମ କୁ ଥବିର କାଲସେ, ସ୍ୱାଗତରାଜ ମିଶ୍ର, ଅନିଲ ମହଲା, ରୁଦ୍ର ପ୍ରସନ୍ନ ମିଶ୍ର,ପ୍ରଶାନ୍ତ ମହାକୁଡ, ସରିତା ସୁନା, ସୁଜାତା ବେହେରା, ରୋଜି ସା,ସୁଧୀର ଦାସ,ଧର୍ମେନ୍ଦ୍ର ଦାସ ସହଯୋଗ କରିଥିଲେ । ବିଚାରକ ଭାବରେ ଗିରିଶ ତ୍ରିପାଠୀ,ଶାନ୍ତନୁ କର୍ଣ୍ଣ, ଲକ୍ଷ୍ମୀ ମିଶ୍ର ଓ ସୁଧା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ ।

## ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି




**ସୁନ୍ଦରଗଡ,୮।୧୧(ସଂଚାର ବ୍ୟୁରୋ):** ଆଜି ନଭେମ୍ବର ୮ ତାରିଖ ଶୁକ୍ରବାର ପୂର୍ବାହ୍ନ ୧୦:୩୦ ମିନିଟରେ ସୁନ୍ଦରଗଡ଼ ସଂସ୍କୃତି ଭବନରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ନିର୍ଦ୍ଧାରିତ ସମୟ ନିର୍ଘଣ୍ଟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ରିଜିଓନାଲ ଡାଇରେକ୍ଟର ବିକାଶ ପ୍ରଧାନ ଯୋଗଦାନ କରିଥିଲେ। ସ୍କୁଲରେ ବୈଷୟିକ ପାଠ ବ୍ୟତୀତ ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣକୁ ସର୍ବ ସମ୍ମୁଖରେ ପ୍ରକାଶ କରିବାର ଏହା ଏକ ବଳିଷ୍ଠ ପ୍ଲାଟ ଫର୍ମ । ଏହାକୁ ସୁନ୍ଦରଗଡରେ ପୂର୍ବତନ ଜିଲ୍ଲାପାଳ ସୁଜାତା କାର୍ତ୍ତିକେୟନ ଆରମ୍ଭ କରିଥିବା ବେଳେ ଆଜି ମଧ୍ୟ ସେହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ପ୍ରୋତ୍ସାହନ ଦେବା ସହ ପ୍ରତ୍ୟେକ ବର୍ଷ କରି ଆସୁଛି। ଆଜି ଏହି କ୍ରମରେ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଯୋଗ ଦେଇଥିଲେ ।

## ଗୋପବନ୍ଧୁ ଫୁଟବଲ ପଡ଼ିଆରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ସୁନ୍ଦରଗଡ,୮।୧୧(ସଂଚାର ବ୍ୟୁରୋ):** ଆଜି ନଭେମ୍ବର ୮ ତାରିଖ ଶୁକ୍ରବାର ଦିନ ୧୦:୪୫ମିନିଟ ସମୟରେ ସେବତୀ ବାହାଲ ଗୋପବନ୍ଧୁ ଫୁଟବଲ ପଡ଼ିଆରେ ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ଘାଘାଟିତ ହୋଇ ଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ସୁନ୍ଦରଗଡ଼ ପର୍ଶୁରାମ ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥଲେ । ତେବେ ଏହି ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚର ମୁଖ୍ୟ ଅତିଥି ଭାବେ ସହରର ବରିଷ୍ଠ ଆଇନଜୀବି ତଥା ବିଶିଷ୍ଟ ଶିକ୍ଷାବିତ ରାଜ କିଶୋର ଷଡ଼ଙ୍ଗୀ ଯୋଗ ଦେବା ସହ ଖେଳାଳୀଙ୍କ ଖେଳ ଉପଭୋଗ କରିଥଲେ । ସେହିପରି ଦ୍ୱିତୀୟ ମ୍ୟାଚ କର୍ଲାଘାଟି ଦଳ ଓ ଇଣ୍ଡୋ ଦଳ ମଧ୍ୟରେ ହୋଇଥିଲା । ଏହି ତ୍ରିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରେ ମୋଟ ୧୬ ଟି ଦଳ ଭାଗ ନେଉଥିବା ବେଳେ ଶେଷ ଦିନରେ ଦୁଇଟି ମହିଳା ଦଳଙ୍କ ମଧ୍ୟରେ ପ୍ରତିଯୋଗିତା ହେବ ବୋଲି କମିଟି ତରଫରୁ ସୂଚନା ଦେଇଛନ୍ତି ।

## ବୁଦା ମୂଳରେ ପଡ଼ିଥିଲା ନବଜାତ ଶିଶୁ କନ୍ୟା

### ଅବୈଧ ଶିଶୁକନ୍ୟା ବୋଲି ସନ୍ଦେହ



**ମୟୂରଭଞ୍ଜ,୮।୧୧(ସଂଚାର ବ୍ୟୁରୋ):** ପୁଣି ଅଲୋଡ଼ା ହେଲା ଶିଶୁକନ୍ୟା। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ ଭଅଁରା ଗାଁ ନିକଟରୁ ଶିଶୁ କନ୍ୟା ଉଦ୍ଧାର। ଶିଶୁ କନ୍ୟାକୁ ମେଡ଼ିକାଲ୍ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି । ଭଅଁରା ଗାଁ ବୁଦା ମୂଳରେ ଏକ ନବଜାତ ଶିଶୁ କନ୍ୟା ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲା। ଶିଶୁ କନ୍ୟାଟି ଜୀବିତ ଥିବା ଲୋକମାନେ ଦେଖିବାକୁ ପାଇଥିଲେ। ପରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚେକ୍‌ଅପ୍ ପରେ ଶିଶୁ କନ୍ୟାକୁ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରାଯାଇଛି। ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଉଦ୍‌ବେଗ ଜନକ ରହିଛି। ତେବେ ଶିଶୁ କନ୍ୟାର ପରିଚୟ ମିଳିପାରି ନାହିଁ। ତେଣୁ ଅବୈଧ ଶିଶୁକନ୍ୟା ବୋଲି ସନ୍ଦେହ କରାଯାଉଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଚଳାଇଛି। ତେବେ କିଏ ଓ କାହିଁକି ଶିଶୁ କନ୍ୟାକୁ ଫିଙ୍ଗି ଦେଲା, ତାହା ଜଣାପଡ଼ି ନାହିଁ।

## କ୍ଷୁଦ୍ର କୋଶଳୀ ସିନେମା 'ଆମେ ବିଶ୍ୱର ଏକ ପରିବାର' ଲୋକାର୍ପିତ

**ସିନାପାଲି,୮।୧୧(ସଂଚାର ବ୍ୟୁରୋ):** କୋଶଳୀ କ୍ଷୁଦ୍ର ନାଟକ "ଆମେ ବିଶ୍ୱର ଏକ ପରିବାର" ର ସିନେମାକରଣ ପରେ ନୂଆପଡ଼ା ଜିଲ୍ଲା ସିନାପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଲୋକାର୍ପିତ ହୋଇଛି । ଯୁବ ନାଟ୍ୟକାର ଭୀଷ୍ମରାଜ ମେହେରଙ୍କ ଲିଖିତ, ଅଭିନିତ ଓ ନିର୍ଦ୍ଦେଶିତ ଏହି କ୍ଷୁଦ୍ର ସିନେମାରେ ନରହରି ମେହେର, ଭଗବାନ ଚଲାନ, କିଶୋର ସେଠି, ହିମାଦ୍ରୀ ମାଝୀ, ରଶ୍ମିତା ଜଗତ, ବିଘ୍ନେଶ୍ୱର ମେହେର, ପରମାନନ୍ଦ ମେହେର, ଭୀଷ୍ମରାଜ ମେହେର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିବା ବେଳେ ବିଶ୍ୱନାଥ ମେହେର ଓ ରୂପଧର ପ୍ରଧାନ ସହଯୋଗ କରିଛନ୍ତି । ଲୋକାର୍ପିତ କାର୍ଯ୍ୟକ୍ରମର ଅତିଥି ଭାବରେ ନାଗରିକ କମିଟି ଅଧ୍ୟକ୍ଷ ଡମ୍ବରୁଧର ମେହେର, ରବିଂଦ୍ର ବାବା, ବରିଷ୍ଠ କଳାକାର ନରହରି ମେହେର, ଲିଙ୍ଗରାଜ ମେହେର, ଅଧ୍ୟାପକ ନବୀନ ଚଂଦ୍ର ମେହେର, ମେଘନାଦ ମେହେର, ଯୁବକବି ବୈଷ୍ଣବ ମେହେର, ସମାଜସେବୀ ବୁଦ୍ଧଦେବ ମେହେର ଯୋଗଦେଇ ଥିଲେ । ରୂପେଶ ଚଂଦ୍ର ମେହେର ସଭାକାର୍ଯ୍ୟ ପରିଚାଳନା କରିଥିଲେ । କୁସଂସ୍କାର ଦୂରିକରଣ ସହ ପରିବାର ଓ ଗାଁ ରେ ଏକତା ବଜାୟ ରଖିବା ନାଟକର ମୁଖ୍ୟ ବାର୍ତ୍ତା ହୋଇଥିବାରୁ ଏହା ସମାଜ ପାଇଁ ବେଶ ଉପଯୋଗୀ ହେବା ସହ ନାଟକର ସିନେମାକରଣ ଆଗାମୀ ଦିନରେ ସ୍ଥାନୀୟ କଳା ଓ କଳାକାରଙ୍କୁ ଉତ୍ସାହିତ କରିବ ବୋଲି ଏ ଅବସରରେ ମତ ପ୍ରକାଶ ପାଇଥିଲା । ଯୁବ ନାଟ୍ୟକାର ଭୀଷ୍ମରାଜ ମେହେରଙ୍କ ଏ ଉଦ୍ୟମକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା



**ବୈଶିଙ୍ଗା,୮।୧୧(ସଂଚାର ବ୍ୟୁରୋ):** ବଡ଼ସାହି ନିର୍ବାଚନ ମଣ୍ଡଳୀ ରେ ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ବ୍ଲକ ସଭାପତି ସନ୍ତକ ଲେଙ୍କାଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ରାଜପଥ ନିକଟ ଡାକବଙ୍ଗଳା ପରିସରରେ ବିଜେଡି ର ବହୁ ନେତୃ ମଣ୍ଡଳୀ ସମେତ ପି ଆର ଆଇ ସଦସ୍ୟ/ସଦସ୍ୟା, ବିଜେଡି କୁ ଭଲ ପାଉଥିବା ସହସ୍ରାଧିକ ପୁରୁଷ ଓ ମହିଳା ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲା ବିଜେଡି ଉପ ସଭାପତି ଜିତେନ୍ଦ୍ର ମହାନ୍ତି (ନଛି ଭାଇ), ବାରିପଦା ମ୍ୟୁନିସିପାଲଟି ଉପାଧ୍ୟକ୍ଷା ସୀମା ଦାସ, ବଡ଼ସାହି ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ସୁବ୍ରମନ୍ୟୁମ ମହାନ୍ତି, ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ଧାନୀ କିସ୍କୁ, ସବିତା ଦାସ, ସରପଞ୍ଚ ପାନମଣି ମୁର୍ମୁ, ସମିତି ସଦସ୍ୟ କିଶୋର ନାୟକ, ଶ୍ରୀଧର ପଣ୍ଡିତ, ଜିତୁ ସେନାପତି, ବିନୋଦ ସିଂ, ବେତନଟୀ ବ୍ଲକ ଉପାଧ୍ୟକ୍ଷ ଶୁଭ୍ରାନ୍ତ ତିଆଡ଼ି ପ୍ରମୁଖ ଯୋଗଦାନ କରିଥିଲେ । ବିଜେଡି ର ଏହି ପଟୁଆର ଡାକ ବଙ୍ଗଳାରୁ ବାହାରି ବିଭିନ୍ନ ନାରା ଦେଇ ଦଳୀୟ ପତାକା ହାତରେ ଧରି ଥିବାର ଦେଖାଯାଇଥିଲା । ଏବେ ରାଜ୍ୟରେ ବିଜେପି ସରକାର ଶାସନ ଭାର ଚଳାଉଥିବାବେଳେ ନିର୍ବାଚନ ସମୟରେ ଭୋଟରଙ୍କୁ ଦେଇଥିବା ପ୍ରତିଶୃତି ପୂରଣ ନକରିବାରୁ ରାଜ୍ୟରେ ଏବେ ମିଛୁଆ ସରକାର ଶାସନ କରୁଛି ବୋଲି ଜିଲା ଉପ ସଭାପତି ନଛିଭାଇ ସମାଲୋଚନା କରିବା ସହ ଭତ୍ତା ଓ ବିଦ୍ୟୁତ ବିଲ ଛାଡ଼ କରିବା ପ୍ରତିଶୃତି ଦେଇ ପୂରଣ କରିବାରେ ପଛଘୁଞ୍ଚା କାହିଁକି ବୋଲି ପ୍ରଶ୍ନ କରିଥିଲେ । ଭୋଟ ଦେଇ ବିଜେପି କୁ ସରକାର ଗଠନ କରିବାକୁ ସୁଯୋଗ ଦେଇଥିବା ଭୋଟର ମାନେ କିପରି ଭୁଲ କରିଛନ୍ତି ସେ ସମ୍ପର୍କ ରେ ନିଜକୁ ଦୋଷୀ ବୋଲି ସାବ୍ୟସ୍ତ କରିଥିଲେ । ସମସ୍ତ ସରକାରୀ ଯୋଜନାର ମୁଖ୍ୟ ପୁରୋଧା ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଶାସନରେ ନଆଣି ସେମାନେ ଭୁଲ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏହି ଜନ ସମ୍ପର୍କ ପଦଯାତ୍ରା ସମସ୍ତ ଦଳୀୟ କର୍ମୀ ଓ ନେତାଙ୍କ ମନରେ ନୂତନ ଉନ୍ମାଦନା ଭରି ଦେଇଛି ବୋଲି କେତେକ ଛାମୁଆ ନେତା ପ୍ରକାଶ କରିଥିଲେ । ଶେଷରେ ସମସ୍ତଙ୍କ ସହଯୋଗ ନିମନ୍ତେ ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଇଲ ବେର୍ଣ୍ଣାରେ ସତ୍ୟ ମହିମା ବ୍ରହ୍ମଯଜ୍ଞ

**ସୁବର୍ଣ୍ଣପୁର,୮।୧୧(ସଂଚାର ବ୍ୟୁରୋ):** ସୋନପୁର ବ୍ଲକର ଗଇଲ ବେର୍ଣ୍ଣା ଗ୍ରାମର ମହିମା ଆଶ୍ରମରେ ସତ୍ୟ ମହିମା ବ୍ରହ୍ମଯଜ୍ଞ ଖୁବ୍ ଧୁମଧାମ ସହ ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞରେ ମଠର ବାବାମାନେ ଜଗତ ଭଗତ ସଂସାରର ମଙ୍ଗଳ ନିମନ୍ତେ ଝାଡବତୀ ଟେକି ପ୍ରାର୍ଥନା କରିଥିଲେ । ଏହି ଉପଲକ୍ଷେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା ଯହିଁରେ ମଠର ସଭାପତି ଭକ୍ତ ଗୋବିନ୍ଦ ନନ୍ଦ ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମଠର ସଂପାଦକ ଦୁର୍ଗା କଲତା ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ ସନ୍ଥକବି ଚନ୍ଦ୍ରମଣି ଦାସ ଓ ଭୀମଭୋଇ ସ୍ମୃତି ଟ୍ରଷ୍ଟର ସଭାପତି ଗୋରେଖନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୀତା ଓ ସ୍ତୁତି ଚିନ୍ତାମଣିରେ ଆଧ୍ୟାତ୍ମିକ ବୈଜ୍ଞାନିକତା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ପ୍ରମିଳା କଲତା ମୁଖ୍ୟ ଅତିଥି ବାବେ ଯୋଗଦେଇ ମଠର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପ୍ରାଧ୍ୟାପିକା ମୀନା ମହାରଣା ସମ୍ମାନୀତ ବକ୍ତା ଭାବରେ ଯୋଗଦେଇଥିଲେ । ବିଶିମୁଣ୍ଡା ସରପଞ୍ଚ ପ୍ରତିନିଧି ଗଜପତି ସୁନା , କୃଷ୍ଣଚନ୍ଦ୍ର ନନ୍ଦ, ମୋହନ ମହାନନ୍ଦ, ମିଲୁ ତାଣ୍ଡି ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ । ଏହି ଉପଲକ୍ଷେ ଆକର୍ଷଣୀୟ ମହିମା ଭଜନ କୀର୍ତ୍ତନ ଗାନ କରାଯାଇଥିଲା । ଏଥିରେ ଶତାଧିକ ବାବାମାତା ଭକ୍ତଜନ ଯୋଗଦେଇ ଶରଣ ଦର୍ଶନ କରିଥିଲେ । ସଭା ଶେଷରେ ଉତ୍ତମ ସିଂ ନାଗ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମଟିକୁ ବୈକୁଣ୍ଠେଶ୍ୱର ବାରିକ ସଂଯୋଜନା କରିଥିଲେ ।

## ନାମ ଲେଖାଇ ସାହାଯ୍ୟ କଲେ ସମାଜସେବୀ



**ଗାଇସିଲେଟ,୮।୧୧(ସଂଚାର ବ୍ୟୁରୋ):** ଅନେକ ସମୟରେ ସମାଜସେବୀ ମୁକେଶ କୁମାର ସାହୁ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ରହିଥାନ୍ତି । ସେ ଟୁଇଟର ରେ ଲୋକଙ୍କ ବିଭିନ୍ନ ସମସ୍ୟା କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚାଇବା ହେଉ କି କୌଣସି ରୋଗୀଙ୍କୁ ରକ୍ତର ଆବଶ୍ୟକ ହେଉ ସମସ୍ତ କାମରେ ନିଃସ୍ୱାର୍ଥପର ଭାବରେ ସମାଜସେବା କରି ମାନବ ସେବା ହିଁ ମାନବ ସେବା କୁ ବ୍ରତ କରିଛନ୍ତି । ଏଭଳି ଏକ କାମ କରି ପୁଣି ଥରେ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଉପାନ୍ତ ଗାଇସିଲେଟ ବ୍ଲକ ଅନ୍ତର୍ଗତ ରାଇସଲ ପଦର ପଞ୍ଚାୟତର ଉମରାଡ ଗ୍ରାମର ଗୋକୁଳାନନ୍ଦ ବଡ଼େଇଙ୍କ ପୁତ୍ର ନନ୍ଦନ ବଡ଼େଇ ମାଟ୍ରିକ ପଢ଼ି ସାରିବା ପରେ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇବାରୁ ବଞ୍ଚିତ ଥିବା କଥା ସମାଜସେବୀ ମୁକେଶ କୁମାର ସାହୁ ଜାଣିବାକୁ ପାଇଥିଲେ। ଏହାପରେ ନନ୍ଦନ ଙ୍କୁ ତାଳପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମଲେଖାଇବାରେ ସାହାର୍ଯ୍ୟ କରିଥିଲେ । ଏଥିରେ କଲେଜ କର୍ତୃପକ୍ଷ ମଧ୍ୟ ସହଯୋଗ କରିଥିଲେ । ଆଗାମୀ ଦିନରେ ସମସ୍ତ ପୁସ୍ତକ ସହ ପାଠ ପଢା ଖର୍ଚ୍ଚ ବହନ କରିବାକୁ ସମାଜସେବୀ ମୁକେଶ କୁମାର ସାହୁ କହିଥିଲେ। ଏଠାରେ ସୂଚାଯୋଗ୍ୟ ଯେ ଗୋକୁଳା ନନ୍ଦ ବଡ଼େଇ ଜଣେ ଦିବ୍ୟାଙ୍ଗ । ଟ୍ରାଇ ସାଇକେଲ ମାଧ୍ୟମରେ ଯିବା ଆସିବା କରନ୍ତି । ଗୋଟିଏ ପଟେ ପରିବାର ବୋଝ ଅନ୍ୟ ପଟେ ପିଲାଛୁଆଙ୍କୁ ପ୍ରତିପୋଷଣର ବୋଝ । ଦିବ୍ୟାଙ୍ଗ ଭତ୍ତା ସହ ରାସନ ଚାଉଳ ହିଁ ଏକମାତ୍ର ଭରଷା । ସରକାରୀ ସ୍ତରରେ ଯାହା ସୁବିଧା ପାଉଛନ୍ତି ତାହା ପରିବାର ପୋଷଣ ପାଇ ନିଅଣ୍ଟ । ସେଥିପାଇ ଆଗାମୀ ଦିନରେ କିଭଳି ଭାବରେ ତାଙ୍କ ପରିବାର ଲୋକେ ଆହୁରି ସରକାରୀ ସହଯୋଗ ପାଇବେ ସେନେଇ ସରକାର ଦୃଷ୍ଟି ଦେବାକୁ ଅନୁରୋଧ ।

## ରାସ୍ତା କଡ଼ରେ ଅନାବନା ଗଛ ପୂର୍ତ୍ତ ବିଭାଗର ନିଘା ନାହିଁ



**ସୁବର୍ଣ୍ଣପୁର,୮।୧୧(ସଂଚାର ବ୍ୟୁରୋ):** ସୋନପୁର ସହରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ରାସ୍ତା କଡ଼ରେ ବହୁତ ଅନାବନା ଗଛ ଗୁଡିକ ରାସ୍ତା କୁ ମିଡି ଆସୁଛି। ଯାହା କି ବିନିକା, ଶରଧାବାଲି ଠାରୁ ସୋନପୁର, ସୋନପୁର ଠାରୁ ଜନମୁରା କୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ରାସ୍ତା ଉପରକୁ ମାଡ଼ି ଆସିଛି। ଫଳରେ ପ୍ରତିଦିନ ଛୋଟ ମୋଟ ଦୁର୍ଘଟଣା ଘଟୁଛି। ଏ ସଂକ୍ରାନ୍ତରେ ବାରମ୍ବାର ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଉଛି। ତଥାପି କୌଣସି ସୁଫଳ ମିଳୁନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉଭୟ ପଟୁ ଯାତାୟାତ କରୁଥିବା ଯାନବାହାନ ଚାଳକ ପରସ୍ପର କୁ ଦେଖିପାରୁନଥିବା ରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଜନମୁରା, ମଡେଲ ଡିଗ୍ରୀ କଲେଜ, ରେଲୱେ ଷ୍ଟେସନ, ସୁକାନ୍ତି କଲେଜ ଦେଇ ୫୭ ନମ୍ବର ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଅର୍ଜୁନପୁର କୁ ସଂଯୋଗ କରିଛି। ପ୍ରତିଦିନ ଏହି ରାସ୍ତାରେ ଲକ୍ଷ୍ମୀ ବସ୍, ସହ ସହ ଯାନବାହାନ ଚଳାଚଳ କରୁଛି। ସ୍କୁଲ, କଲେଜ ଛାତ୍ରଛାତ୍ରୀ ବିପଦ ସଂକୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ତେଣୁ ଶୀଘ୍ର ଏହି ରାସ୍ତାରେ ଅନାବନା ଗଛ କାଟିବା କୁ ଜନସାଧାରଣ ରେ ଦାବି କରିଛନ୍ତି।

## ଜିଲାରେ ଯାଞ୍ଚ ହେଉନି ଖାଦ୍ୟର ମାନ



**କଳାହାଣ୍ଡି, ୮।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ଭବାନୀପାଟଣା ସହର, କେସିଙ୍ଗା , ଜୁନାଗଡ , ଧର୍ମଗଡ ସହର ଏବଂ ଗୋଲାମୁଣ୍ଡା, କୋକସରା, ଜୟପାଟଣା ଭଳି ଛୋଟିଆ ସହରରେ ଛତୁ ଫୁଟିଲା ଭଳି ଫାଷ୍ଟ୍ ଫୁଡ୍ ଷ୍ଟଲ ରହିଛି। ସହରଗୁଡ଼ିକର ସାହି, ଗଳି କନ୍ଦିରେ ଫାଷ୍ଟ ଫୁଡ ଷ୍ଟଲ ରହିଛି। ଜିଲ୍ଲାର ବିଭିନ୍ନ ବ୍ଲକର ସଦର ମହକୁମା, ଜିଲାର ସୀମାନ୍ତ ବ୍ଲକ ମାନଙ୍କ ଠାରୁ ଅନ୍ୟ ପଟେ ଛତିଶଗଡ ସମେତ ଜାତୀୟ ରାଜପଥ ପାଶ୍ୱରେ ବହୁ ଛୋଟ ବଡ଼ ହୋଟେଲ ଏବଂ ଫାଷ୍ଟ ଫୁଡ ଷ୍ଟଲ ଠିଆ ହୋଇରହିଛି । କଳାହାଣ୍ଡି ଜିଲ୍ଲା ଦୁଇ ପଡ଼ୋଶୀ ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲା ହୋଇଥିବା ଯୋଗୁ ଦୈନିକ ଶତାଧିକ ଯାନବାହାନ ଯିବା ଆସିବା କରିବା ସହ ବହୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ । ବର୍ତ୍ତମାନ ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଗଲାଣି। ନଭେମ୍ବର ମାସରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଲାଗିବ। ସେହିପରି ସନ୍ଧ୍ୟା ହେଲେ ଫାଷ୍ଟ ଫୁଡ ଷ୍ଟଲ ଗୁଡିକରେ ଭିଡ଼ ଜମୁଛି। ମାଲିକ ମାନେ ନିମ୍ନ ମାନର ସାମଗ୍ରୀରେ ବିଭିନ୍ନ ଖାଦ୍ୟ କରି ବିକ୍ରି କରି ଏହାର ଫାଇଦା କିଛି ଫାଷ୍ଟ ପୁଡ ଷ୍ଟଲ ଉଠାଉଛନ୍ତି। ଷ୍ଟଲରେ ଖାଦ୍ୟ ନିମନ୍ତେ ବ୍ୟବହାର ହେଉଥିବା ବିଭିନ୍ନ ସାମଗ୍ରୀ ନିମ୍ନମାନର ବୋଲି ଅଭିଯୋଗ ହେଉଛି । ନିମ୍ନ ମାନର ଫାଷ୍ଟ ଫୁଡ ତିଆରି କରି ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି । ଯେଉଁ ଖାଦ୍ୟ ରାତିରେ ବିକ୍ରି ହୋଇପାରୁନାହିଁ ଫ୍ରିଜ ରେ ରଖି ପୁଣି ତା'ପର ସନ୍ଧ୍ୟାରେ ବାସି ଖାଦ୍ୟ ଆଣି କିଛି ବ୍ୟବସାୟୀ ରଙ୍ଗ ବୋଲି ବିକ୍ରି କରୁଛନ୍ତି । ସେହିଭଳି କଳାହାଣ୍ଡି ଜିଲାର ସହରରେ ଥିବା ଛୋଟ ବଡ଼ କିଛି ହୋଟେଲ ଗୁଡ଼ିକରେ ମଧ୍ୟ ସେଭଳି ଅବସ୍ଥା ଦେଖିବାକୁ ମିଳୁଛି । କଳାହାଣ୍ଡି ଜିଲା ରାଜ୍ୟର ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ଜିଲ୍ଲା ରେ ଥିବା, ଭବାନୀପାଟଣା, କେସିଙ୍ଗା, ଜୁନାଗଡ, ଧର୍ମଗଡ ସହର ମାନଙ୍କ ରେ ପୋଡା ତେଲ କୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏଥିରେ ପ୍ରସ୍ତୁତ ଖାଦ୍ୟସାମଗ୍ରୀକୁ ଗ୍ରହଣ କରି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାର ଆଶଙ୍କା ରହିଛି । ବହୁ ଦୋକାନୀ ମଟନ, ଚିକେନ, ମାଛକୁ ଫ୍ରିଜରେ ଦୁଇ ତିନି ଦିନ ରଖି ତାକୁ ଆବଶ୍ୟକ ଅନୁଯାୟୀ ଖାଦ୍ୟ ପ୍ରସ୍ତୁତି କରି ଗ୍ରାହକଙ୍କୁ ପରସୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ବିଭାଗ ନେଉ ନାହାଁନ୍ତି । ଜିଲାର ବିଭିନ୍ନ ଫାଷ୍ଟ ଫୁଡ ଷ୍ଟଲ ଏବଂ ଛୋଟ ହୋଟେଲରେ ଖାଦ୍ୟ ବିକ୍ରି କରିବା ପାଇଁ ଆବଶ୍ୟକ ଲାଇସେନ୍ସ ନଥିବା ଜଣାପଡ଼ିଛି। ଜିଲାରେ ଥିବା ହୋଟେଲ ଏବଂ ଫାଷ୍ଟ ଫୁଡ ଗୁଡିକରେ ଯେଉଁ ଖାଦ୍ୟ ବିକ୍ରି ହେଉଛି ତାହାର ଦର ବିଭିନ୍ନ ସ୍ଥାନରେ ମଧ୍ଯ ଅଲଗା ଅଲଗା ରହୁଛି । କୌଣସି ଚାର୍ଟ ବୋର୍ଡ ଲଗାଯାଉ ନାହିଁ । ସେହିଭଳି ଜିଲାରେ କେତେକ ଜଳଖିଆ ଦୋକାନରେ ମଧ୍ୟ ନିମ୍ନମାନର ଜଳଖିଆ ପରସା ଯାଉଥିବା ଶୁଣିବାକୁ ମିଳୁଛି। ଲୋକଙ୍କର ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସରକାର ଏଥିପାଇଁ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ନିଯୁକ୍ତି ଦେଇଛନ୍ତି । ଜିଲାରେ ଥିବା ବିଭିନ୍ନ ହୋଟେଲ, ଫାଷ୍ଟ ପୁଡ୍ ଓ ଜଳଖିଆ ଦୋକାନରେ ଉପଲବ୍ଧ ଖାଦ୍ୟର ମାନ ପରୀକ୍ଷା କରିବା ଏହି ଅଧିକାରୀଙ୍କ ଦାୟିତ୍ୱ ଅବହେଳା ଯୋଗୁଁ ସେମାନେ ଏହା କରୁନଥିବା ଅଭିଯୋଗ ହୋଇଛି। ଏଣୁ ଜିଲାରେ ଲୋକେ ସ୍ୱାସ୍ଥ୍ୟ ପ୍ରତି ଉଚ୍ଚ ମାନର ଖାଦ୍ୟ କିପରି ପାଇବେ ସେଥିପ୍ରତି ଜିଲା ପ୍ରଶାସନ ଓ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି ।

## ମିଲେଟ ମିଶନ ଯୋଜନାରେ ଅନିୟମିତତା

### ଦୁର୍ନୀତି ଘଣ୍ଟ ଘୋଡାଇବାକୁ ପ୍ରୟାସ

**ସିନାପାଲି ,୮।୧୧(ସଂଚାର ବ୍ୟୁରୋ):** ବ୍ଲକ କୃଷି ବିଭାଗ ରେ ମିଲେଟ ମିଶନ ଯୋଜନାରେ ବ୍ୟାପକ ଦୁର୍ନୀତି କରି ଅନିୟମିତତା କରାଯାଇଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଏନେଇ ମିଲେଟ ମିଶନ ଦୁର୍ନୀତି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସୂଚନା ଆଇନ ବଳରେ ଆବେଦନ କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରୁନାହାନ୍ତି। ଯଦ୍ୱାରା ଦୁର୍ନୀତିକୁ ଘଣ୍ଟଘୋଡାଇବା ପାଇଁ ଅଧିକାରୀଙ୍କ ପ୍ରୟାସ ଚାଲିଥିବା ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ ଯେ ସିନାପାଲି ବ୍ଲକ ଅନ୍ତର୍ଗତ ଘୁଚାଗୁଡା ନିବାସୀ ତୁଲାରାମ ନାୟକ ଗତ ଅକ୍ଟୋବର ୨୫ ତାରିଖ ଦିନ ଉକ୍ତ ମିଲେଟ ମିଶନ ସମ୍ପର୍କିତ ସବିଶେଷ ତଥ୍ୟ ପାଇଁ ନୂଆପଡା ଜିଲା ମୁଖ୍ୟ କୃଷି ଅଧିକାରୀ ଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସିନାପାଲି ବ୍ଲକକୁ ଆସିଥିବା ମିଲେଟ ମିଶନ ପାଣ୍ଠି ର ବିନିଯୋଗ ବାବଦକୁ ଉକ୍ତ ଆବେଦନରେ ଉଲ୍ଲେଖ କରାଯାଇଥିଲା। ହେଲେ ଆଜକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ସୂଚନା ମିଳିନଥିବା ସେ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ ନୂଆପଡା ଜିଲ୍ଲା କୁ ଗତ ୨୦୧୭ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୮ କୋଟି ୨୮ ଲକ୍ଷ ୮୩ ହଜାର ୨୯୮ ଟଙ୍କା ଅନୁଦାନ ଆସିଅଛି। ସେଥି ମଧ୍ୟରୁ ୧୬ କୋଟି ୮୪ ଲକ୍ଷ ୧ ହଜାର ୭୫୬ ଟଙ୍କା ଖର୍ଚ୍ଚ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ହେଲେ କେଉଁ କେଉଁ ବ୍ଲକକୁ କେତେ କେତେ ଅନୁଦାନ ଆସିଥିଲା ଏବଂ କେଉଁ କେଉଁ କ୍ଷେତ୍ରରେ କେତେ ଖର୍ଚ୍ଚ କରାଯାଇଛି ସେନେଇ କୌଣସି ତଥ୍ୟ ମିଳିପାରି ନାହିଁ। ମୁଖ୍ୟତଃ ସିନାପାଲି ବ୍ଲକ ମିଲେଟ ମିଶନରେ କୋଟିଏ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା।

## ଗେଟ ତାଲା ଭାଙ୍ଗି ବାଇକ୍ ଚୋରି

**ବୈଶିଙ୍ଗା,୮।୧୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ବେଲାଣପୁରା ଛକ ନିକଟରେ ଜନୈକ ବ୍ୟକ୍ତିଙ୍କ ଘରୁ ଗୁରୁବାର ବିଳମ୍ବିତ ରାତ୍ରି ସମୟରେ ଏକ ବାଇକ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ସୂଚନା ମୁତାବକ ବେଲାଣପୁରା ସ୍ଥିତ ଜଗଦିଶ କୁମାର ସିଂହ ନିଜର ଓଡି- ୦୧ଜେ- ୫୦୮୮ ନମ୍ବର ବିଶିଷ୍ଟ ନାଲି ରଙ୍ଗ ର ହିର ସୁପର ସ୍ପ୍ଲେଣ୍ଡର ବାଇକଟିକୁ ରାତ୍ରି ସମୟରେ ଘର ବାରଣ୍ଡାରେ ରଖିଥିଲେ । ଶୁକ୍ରବାର ସକାଳ ସମୟରେ ଜଗଦିଶ ଦେଖିବାକୁ ପାଇଥିଲେ କି ଉକ୍ତ ଗାଡିଟି ସେହି ସ୍ଥାନରେ ନଥିଲା ଏବଂ ବାହାର ଗେଟ ରେ ଲାଗିଥିବା ତାବିଟି ଭାଙ୍ଗି ତଳେ ପଡିଥିଲା । ଗାଡି ମାଲିକ ଜଗଦିଶ ଶୁକ୍ରବାର ଏ ନେଇ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି ।

## ବେକରେ ଟାଙ୍ଗିଆ ରଖି ନେଇଗଲେ ୭ ଲକ୍ଷ



**ବଲାଙ୍ଗୀର,୮।୧୧(ସଂଚାର ବ୍ୟୁରୋ):** ଅଧା ରାସ୍ତାରେ ବେକରେ ଟାଙ୍ଗିଆ ରଖି ନେଇଗଲେ ୭ ଲକ୍ଷରୁ ଅଧିକ ଟଙ୍କା। ଏପରି ଅଭିଯୋଗ ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳରେ ଘଟିଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଘଟଣାର ତଦନ୍ତ ଚଳାଇଛି। ମୁରିବାହାଲ ଥାନା ହଳଦୀ ଗାଁରେ ରହିଛି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ଗ୍ରାହକ ସେବା କେନ୍ଦ୍ର। ସେହି ଗ୍ରାହକ ସେବା କେନ୍ଦ୍ରଟି ମିନି ବ୍ୟାଙ୍କ ଭାବେ କାମ କରୁଥିଲା। ସେଠାରେ ଟଙ୍କା ଉଠାଣ ଓ ଜମା କରାଯାଉଥିଲା। ସେହି ସେବା କେନ୍ଦ୍ରର କର୍ମଚାରୀ ଲଳିତ ଗହୀର। ସେ ଆଜି ସକାଳେ ୭ ଲକ୍ଷ ୩୨୦୦ ଟଙ୍କା ଧରି ନିଜ ଭଉଣୀଙ୍କ ସହ ଗ୍ରାହକ ସେବା କେନ୍ଦ୍ରକୁ ଯାଉଥିଲେ। ତେବେ ଅଧା ରାସ୍ତାରେ ୨ ଜଣ ଯୁବକ ଏକ ବାଇକ୍‌ରେ ଆସି ସେମାନଙ୍କୁ ଅଟକାଇଥିଲେ। ଲଳିତଙ୍କ ବେକରେ ଟାଙ୍ଗିଆ ଲଗାଇ ଦେଇଥିଲେ। ଆଉ ତାଙ୍କ ପାଖରେ ଥିବା ଟଙ୍କା ବ୍ୟାଗ ଧରି ଚମ୍ପଟ ମାରିଥିଲେ। ଏହାଛଡ଼ା ଖୁଚୁରା ଟଙ୍କା ମଧ୍ୟ ରହିଛି। ଏନେଇ ଲଳିତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହେଲେ ପୁଲିସ୍ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରି ନାହିଁ।